- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-68 ◆TUESDAY ◆1 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୬୮ ◆ମଙ୍ଗଳବାର ◆୧ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଅନ୍ତର୍ଜାତୀୟ ଫୁଟବଲ୍‌କୁ ମେସିଙ୍କ ବାଏ ବାଏ



■ ବୁଏନସ୍ ଆଇରିସ୍,୩୧।୮ (ଏଜେନ୍ସି): ଫୁଟବଲ୍ ଦୁନିଆର ଏକ ସୁବର୍ଣ୍ଣ ଯୁଗର ଅବସାନ ହୋଇଛି। ଆର୍ଜେଣ୍ଟିନାର ମହାନ ତଥା କିଂବଦନ୍ତୀ ଫୁଟବଲର ଓ ସୁପରଷ୍ଟାର ଲିଓନେଲ୍ ମେସି ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି। ସୋମବାର ସାମାଜିକ ଗଣମାଧ୍ୟମରେ ନିଜ ନିଷ୍ପତ୍ତି ଜଣାଇ ମେସି କହିଛନ୍ତି, ଆର୍ଜେଣ୍ଟିନା ଜାତୀୟ ଦଳ ପାଇଁ ଆଉ ତାଙ୍କ ପାଖରେ ଦେବାକୁ କିଛି ବାକି ନାହିଁ। ୩୯ ବର୍ଷୀୟ ମେସିଙ୍କ ଏହି ନିଷ୍ପତ୍ତି କେବଳ ଜଣେ ଖେଳାଳିଙ୍କ ଅବସର ନୁହେଁ, ବରଂ ବିଶ୍ୱ ଫୁଟବଲ୍‌ର ଏକ ସୁବର୍ଣ୍ଣ ଅଧ୍ୟାୟର ପରିସମାପ୍ତି। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆର୍ଜେଣ୍ଟିନା ଜର୍ସି ପିନ୍ଧି ମେସି ଲକ୍ଷ ଲକ୍ଷ ପ୍ରଶଂସକଙ୍କ ସ୍ୱପ୍ନକୁ ନିଜ ଅସାଧାରଣ କ୍ରୀଡ଼ା ନୈପୁଣ୍ୟ ମାଧ୍ୟମରେ ଜୀବନ ଦେଇଥିଲେ। ମେସି କହିଛନ୍ତି ଯେ ସ୍ପେନ୍ ବିପକ୍ଷ ବିଶ୍ୱକପ୍ ଫାଇନାଲ୍‌ରେ ପରାଜୟର ଦୁଇ ଦିନ ପରେ ହିଁ ସେ ଅବସର ବିଷୟରେ ଚିନ୍ତା କରି ନିଷ୍ପତ୍ତି ନେଇଥିଲେ। ଜୁଲାଇ ୨୧ରେ ସେ ଏହି ଅବସର ବାର୍ତ୍ତା ଲେଖିଥିବା କଥା ମଧ୍ୟ ଜଣାଇଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କ ବାପାଙ୍କ ମୃତ୍ୟୁ ଏହି ନିଷ୍ପତ୍ତିକୁ ଆହୁରି ଦୃଢ଼ କରିଥିଲା ଓ ନିଜ ଭବିଷ୍ୟତ ନେଇ ପୁଣିଥରେ ଚିନ୍ତା କରିବାକୁ ବାଧ୍ୟ କରିଥିଲା। ନିଜ ଅବସର ବାର୍ତ୍ତାରେ ମେସି କହିଛନ୍ତି ଯେ ଆର୍ଜେଣ୍ଟିନା ଜାତୀୟ ଦଳର ଅଂଶ ହେବା ତାଙ୍କ ପାଇଁ ସବୁବେଳେ ଗର୍ବର ବିଷୟ ଥିଲା। ସେ ଦଳ ପାଇଁ ସବୁକିଛି ଦେଇଛନ୍ତି ଏବଂ ଏବେ ନୂଆ ପିଢ଼ିକୁ ସୁଯୋଗ ଦେବାର ସମୟ ଆସିଛି ବୋଲି କହିଛନ୍ତି। ମେସିଙ୍କ କଥାରେ ଥିଲା ବିଦାୟର ବେଦନା, କିନ୍ତୁ ତା'ଠାରୁ ଅଧିକ ଥିଲା ସନ୍ତୋଷ। ଯେଉଁ ଜର୍ସି ପାଇଁ ସେ ଜୀବନର ଶ୍ରେଷ୍ଠ ବର୍ଷଗୁଡ଼ିକ ଉତ୍ସର୍ଗ କରିଥିଲେ, ସେହି ଜର୍ସିକୁ ଏବେ ଗର୍ବର ସହ ବିଦାୟ ଦେଉଛନ୍ତି। ମେସିଙ୍କ ଅନ୍ତର୍ଜାତୀୟ ଯାତ୍ରା ଥିଲା ଉତ୍‌ଥାନ-ପତନରେ ଭରା। ଆରମ୍ଭରେ ତାଙ୍କୁ ନେଇ ଥିଲା ଆଶା, ପରେ ଆସିଥିଲା ଚାପ ଓ ▸ପୃଷ୍ଠା-୧୦

## ଦିଲ୍ଲୀ-ଏନ୍‌ସିଆର୍‌ରେ ଲଜ୍ଜା

# ଚଳନ୍ତା ବସ୍‌ରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୩୧।୮(ଏଜେନ୍ସି): ଦିଲ୍ଲୀ-ଏନସିଆର୍ ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଚଳନ୍ତା ସ୍ଲିପର ବସ୍ ଭିତରେ ୧୬ ବର୍ଷ ବୟସ୍କା ଜଣେ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ପୀଡ଼ିତା ଜଣକ ଉତ୍ତରପ୍ରଦେଶର ମୈନପୁରୀ ଜିଲ୍ଲାର ବାସିନ୍ଦା ଏବଂ ସେ ଏକାଦଶ ଶ୍ରେଣୀରେ ପଢ଼ନ୍ତି। ଏହି ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତ ବସ ଡ୍ରାଇଭର ଏବଂ କଣ୍ଡକ୍ଟରକୁ ଗିରଫ କରିବା ସହ ବସଟିକୁ ଜବତ କରି ଫୋରେନସିକ୍ ଯାଞ୍ଚ ପାଇଁ ପଠାଇଛି। ଏହାକୁ ନେଇ ଦିଲ୍ଲୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ଅଗଷ୍ଟ ୪ ତାରିଖ ରାତିରେ ଏହି ଅଭାବନୀୟ କାଣ୍ଡ ଘଟିଛି। ପୀଡ଼ିତା ନିଜ ପରିବାରକୁ ନ ଜଣାଇ ଘରୁ ବାହାରି ନୋଏଡ଼ାରେ ଥିବା ନିଜର ଜଣେ ସମ୍ପର୍କୀୟଙ୍କ ପାଖକୁ ଯାଉଥିଲେ। ପ୍ରବଳ ବର୍ଷା ଓ ଅନ୍ଧକାର ମଧ୍ୟରେ ସେ ଭୁଲ୍‌ବଶତଃ ଗ୍ରେଟର ନୋଏଡ଼ାର ପରି ଚୌକରେ ପହଞ୍ଚିଯାଇଥିଲେ। ସେହି ସମୟରେ ଏକ ଖାଲି ସ୍ଲିପର ବସ ଯାଉଥିବା ବେଳେ ହାତ ଦେଖାଇ ଏହାକୁ ଅଟକାଥିଲେ। ବସ ଡ୍ରାଇଭର କୁଲଦୀପ ଏବଂ କଣ୍ଡକ୍ଟର ସନ୍ଦୀପ ତାଙ୍କୁ ନୋଏଡ଼ା ସେକ୍ଟର ୬୩ ପହଞ୍ଚାଇ ଦେବା କଥା କହି ବସରେ ଉଠାଇଥିଲେ। ଏହାପରେ ସେମାନେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଗ୍ରେଟର ନୋଏଡ଼ାର ପରି ଚୌକଠାରୁ ପୁରୁଣା ଦିଲ୍ଲୀର କାଶ୍ମୀର ଗେଟ୍ ପର୍ଯ୍ୟନ୍ତ


ଡ୍ରାଇଭର ଓ କଣ୍ଡକ୍ଟର ଗିରଫ

ପ୍ରାୟ ୪୭ କିଲୋମିଟର ରାସ୍ତା ମଧ୍ୟରେ ଏହି ଜଘନ୍ୟ ଅପରାଧ ଘଟିଥିଲା। ବସଟି ଚାଲିବା ମାତ୍ରେ କଣ୍ଡକ୍ଟର ଅଶ୍ଳୀଳଙ୍ଗ ଇଙ୍ଗିତ କରିଥିଲା ଏବଂ ପରେ ଡ୍ରାଇଭର ଓ କଣ୍ଡକ୍ଟର ମିଶି ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଯଦି ସେ ବିରୋଧ କରନ୍ତି, ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦିଆଯାଇଥିଲା। ଅପରାଧ ଘଟାଇବା ପରେ ଅଭିଯୁକ୍ତମାନେ ରାତିରେ କାଶ୍ମୀର ଗେଟ୍ ନିକଟ ରିଂ ରୋଡ୍‌ରେ ପୀଡ଼ିତାଙ୍କୁ ଓହ୍ଲାଇ ଫେରାର ହୋଇଯାଇଥିଲେ। ଭୟଭୀତ ଛାତ୍ରୀଜଣକ ସେଠାରୁ କାଶ୍ମୀର ଗେଟ୍ ପୁଲିସ ଷ୍ଟେସନରେ ପହଞ୍ଚି ସମସ୍ତ ଘଟଣା ଜଣାଇଥିଲେ। ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରି ଉତ୍ତର ଦିଲ୍ଲୀର ତିମରପୁର ବସ ପାର୍କିଂରୁ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ▸ପୃଷ୍ଠା-୧୦

# ଏସ୍‌ଆଇଆର୍: ଦିଲ୍ଲୀରେ କଟିଲେ ୩୩ ପ୍ରତିଶତ ଭୋଟର

■ ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଦିଲ୍ଲୀରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରରେ ପ୍ରାୟ ୩୦ ପ୍ରତିଶତ ଭୋଟରଙ୍କ ନାମ କଟିଯାଇଛି। ଦିଲ୍ଲୀର ମୋଟ ୧ କୋଟି ୪୫ ଲକ୍ଷରୁ ଅଧିକ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୭.୭ ଲକ୍ଷଙ୍କ ନାମ ଆଜି ପ୍ରକାଶ ପାଇଥିବା ଚିଠା ତାଲିକାରେ ସ୍ଥାନ ପାଇନାହିଁ। ଚୂଡ଼ାନ୍ତ ଭୋଟର ତାଲିକା ନଭେମ୍ବର ୪ରେ ପ୍ରକାଶ ପାଇବ। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଦେଶର ଜନଗଣନା ଦାୟିତ୍ୱ ନିର୍ବାଚନ କମିସନଙ୍କୁ ଦେଲେ ଲୋକସଂଖ୍ୟା ୧୫୦ କୋଟିରୁ ୫୦ କୋଟିକୁ ଖସି ଆସିବ।

ସେହିଭଳି ମହାରାଷ୍ଟ୍ରରେ ମଧ୍ୟ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ୨୧ ପ୍ରତିଶତ ଭୋଟରଙ୍କ ନାମ କାଟି ଦିଆଯାଇଛି। ମୋଟ୍ ୯ କୋଟି ୭୮ ଲକ୍ଷ ଭୋଟରଙ୍କ ମଧ୍ୟରୁ ୨ କୋଟି ୬୦ ଲକ୍ଷ ବାଦ୍ ପଡ଼ିଛନ୍ତି। ପୁଣେରେ ସର୍ବାଧିକ ୨୮ ଲକ୍ଷ ୬୦ ହଜାର ବାଦ୍ ପଡ଼ିଥିବା ବେଳେ ଥାନରେ ୨୮ ଲକ୍ଷ ୫୦ ହଜାର ଏବଂ ମୁମ୍ବାଇ ସହରତଳି ଅଞ୍ଚଳରେ ୨୬ ଲକ୍ଷ ୫୦ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି।



**ମହାରାଷ୍ଟ୍ରରେ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଲେ ୨ କୋଟି**

ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ଅଶୋକ କୁମାର କହିଛନ୍ତି, ଚିଠା ତାଲିକାରେ ନାମ ନଥିବା ଯୋଗ୍ୟ ଭୋଟରମାନେ ସେପ୍ଟେମ୍ବର ୩୦ ସୁଦ୍ଧା 'ଫର୍ମ-୬' ଦାଖଲ କରି ନାମ ସାମିଲ କରିବାକୁ ଦାବି କରିପାରିବେ। ଏଥିପାଇଁ ଆବଶ୍ୟକ ପ୍ରମାଣପତ୍ର ମଧ୍ୟ ଦାଖଲ କରିବାକୁ ପଡ଼ିବ। ଘରକୁ ଘର ଯାଇ ଭୋଟରଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଜୁନ୍ ୩୦ରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ପ୍ରାୟ ୯୭.୫ ଲକ୍ଷ ଭୋଟରଙ୍କ ଗଣନା ଫର୍ମ ମିଳିଥିଲା ଏବଂ ସେଗୁଡ଼ିକୁ ଡିଜିଟାଲ୍ କରାଯାଇଛି। ଦିଲ୍ଲୀର ମୋଟ ୧, ୪୫, ୧୦, ୨୯୯ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୭.୧୮ ପ୍ରତିଶତଙ୍କ ଫର୍ମ ଡିଜିଟାଲ୍ କରାଯାଇଛି। ଅବଶିଷ୍ଟ ୪୭.୭ ଲକ୍ଷ ଭୋଟରଙ୍କୁ 'ଅନୁପଲବ୍ଧ' ଶ୍ରେଣୀରେ ରଖାଯାଇଛି। ଏଥିରେ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ, ଏକାଧିକ ଥର ନାମ ଥିବା ଏବଂ ଅନ୍ୟାନ୍ୟ ଶ୍ରେଣୀର ଭୋଟର ସାମିଲ ଅଛନ୍ତି।

ତାଲିକା ପ୍ରକାଶ ପରେ ଏବେ ଦାବି ଓ ଆପତ୍ତି ଦାଖଲ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଦାଖଲ ହୋଇଥିବା ଦାବି ଓ ଆପତ୍ତିର ଯାଞ୍ଚ ସହ ନୋଟିସ୍ ଓ ନିଷ୍ପତ୍ତି ପ୍ରକ୍ରିୟା ଅକ୍ଟୋବର ୨୯ ପର୍ଯ୍ୟନ୍ତ ଚାଲିବ। ଯୋଗ୍ୟ ଭୋଟରମାନେ ନିଜ ନାମ ଚିଠା ତାଲିକାରେ ଅଛି କି ନାହିଁ, ନିର୍ବାଚନ ଆୟୋଗର ଭୋଟର ସେବା ପୋର୍ଟାଲ୍‌ରେ ଯାଞ୍ଚ କରିପାରିବେ। ଚୂଡ଼ାନ୍ତ ତାଲିକା ନଭେମ୍ବର ୪ରେ ପ୍ରକାଶ ପାଇବ।

# ଅଟକିବନି ସିଜେପିର ଦିଲ୍ଲୀ ରାଲି

## ରୋକ୍ ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ



■ ନୂଆଦିଲ୍ଲୀ, ୩୧।୮(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ସେପ୍ଟେମ୍ବର ୫ରେ ଦିଲ୍ଲୀରେ ପ୍ରସ୍ତାବିତ ଶୋଭାଯାତ୍ରାକୁ ରୋକିବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ମାର୍ଚ୍ଚ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟିବ ବୋଲି ଅନୁମାନ କରିବାର ଏବେ କୌଣସି କାରଣ ନାହିଁ ବୋଲି କୋର୍ଟ କହିଛନ୍ତି। ସେପ୍ଟେମ୍ବର ୧୨-୧୩ରେ ଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପର୍ଯ୍ୟନ୍ତ ଶୋଭାଯାତ୍ରା ଉପରେ ରୋକ ଲଗାଇବାକୁ ଆବେଦନରେ ଦାବି କରାଯାଇଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ପ୍ରଶାସନ ଆଇନଶୃଙ୍ଖଳା ବଜାୟ ରଖିବା ସହ ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ ଓ ଦାୟିତ୍ୱବାନ ଭାବେ ଆଇନ ଅନୁସାରେ କାର୍ଯ୍ୟ କରିବା ଆଶା କରାଯାଉଛି। ସିଜେପିର ଦାବି ଅନୁସାରେ, ଏହାର ୪ଟି ଦାବି ମଧ୍ୟରୁ ୩ଟି ଏବେବି ପୂରଣ ▸ପୃଷ୍ଠା-୧୦

## ନିଟ୍‌ବିରୋଧୀ ଆନ୍ଦୋଳନକାରୀଙ୍କ ନାମରେ ଥିବା ଏତଲା ରଦ୍ଦ ହେବ

■ ନୂଆଦିଲ୍ଲୀ, ୩୧।୮(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ଗୁଡ଼ିକୁ ରଦ୍ଦ କରିବା ପାଇଁ କେନ୍ଦ୍ର ସରକାର ଆବେଦନ କରିଛନ୍ତି। ଏହା ଉପରେ ସୁପ୍ରିମକୋର୍ଟ ଶୁଣାଣି କରିବାକୁ ସହମତି ପ୍ରକାଶ କରିଛନ୍ତି। ସଲିସିଟର ଜେନେରାଲ ▸ପୃଷ୍ଠା-୧୦


1001/137/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀ ଭାଇଭଉଣୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ
  - ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା
  - ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଟଙ୍କା
  - ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ବିରି ବିହନ କିଣିବା ନିମନ୍ତେ ଡିବିଟି (DBT) ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ
- ସରକାରଙ୍କ ତରଫରୁ ଚାଷୀମାନଙ୍କୁ ସରକାରୀ ଓ ଘରୋଇ ବିକ୍ରେତା ମାଧ୍ୟମରେ ଆବଶ୍ୟକ ବିହନ କିଣିବା ପାଇଁ ବ୍ୟବସ୍ଥା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ
- ବନ୍ୟା ପରବର୍ତ୍ତୀ ଫସଲର ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆବଶ୍ୟକୀୟ କୀଟନାଶକ କ୍ରୟ ନିମନ୍ତେ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

**ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ**

OIPR-1001/1102/2/26-27/0008

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ୧୮ଟି ରାଜ୍ୟରେ ସ୍ୱାଭାବିକ, ୧୭ ରାଜ୍ୟରେ ନିଅଣ୍ଟିଆ ବର୍ଷା




ମୁମ୍ବାଇ, ୩୧।୮ (ଏଜେନ୍ସି): ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ୧୬ ପ୍ରତିଶତ କମ୍ ବର୍ଷା ପରେ ସେପ୍ଟେମ୍ବରରେ ମଧ୍ୟ ଦେଶରେ ବର୍ଷା କମ୍ ହେବାର ଆଶଙ୍କା ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁସାରେ, ସେପ୍ଟେମ୍ବରରେ ବର୍ଷା ଦୀର୍ଘକାଳୀନ ହାରର ୯୧ ପ୍ରତିଶତରୁ କମ୍ ରହିପାରେ। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବର୍ଷା କମ୍ ରହିବା କାରଣରୁ ସେପ୍ଟେମ୍ବରରେ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଅଧିକ ରହିପାରେ।

ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ମୌସୁମୀର ପ୍ରଥମ ତିନି ମାସ (ଜୁନରୁ ଅଗଷ୍ଟ ପର୍ଯ୍ୟନ୍ତ)ରେ ହୋଇଥିବା ବର୍ଷା ସବୁଠାରେ ସ୍ୱାଭାବିକ ରହିନାହିଁ। କେବଳ ଓଡ଼ିଶାରେ ସର୍ବାଧିକ ବର୍ଷା (୨୬%) ହୋଇଛି। ୧୮ଟି ରାଜ୍ୟରେ ସ୍ୱାଭାବିକ ବର୍ଷା (-୧୯%ରୁ ୧୯%) ବର୍ଷା ହୋଇଥିବା ବେଳେ ୧୭ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା (-୫୯%ରୁ -୨୦%) ହୋଇଛି। ଉତ୍ତର ପ୍ରଦେଶ ସମେତ ମଧ୍ୟପ୍ରଦେଶ, ରହିଆଣା, ପଶ୍ଚିମ ବଙ୍ଗ, ତେଲେଙ୍ଗାନା, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ରାଜସ୍ଥାନ, ମହାରାଷ୍ଟ୍ର, ଆସାମ, ଆନ୍ଧ୍ର ପ୍ରଦେଶ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ ବିହାରରେ ନିଅଣ୍ଟିଆ ବର୍ଷା ହୋଇଛି। ଅରୁଣାଚଳ ପ୍ରଦେଶରେ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବିହାରରେ ୪୦ ପ୍ରତିଶତ, ଆସାମରେ ୩୭ ପ୍ରତିଶତ, ପଞ୍ଜାବରେ ୩୬ ପ୍ରତିଶତ, ମହାରାଷ୍ଟ୍ରରେ ୩୦ ପ୍ରତିଶତ ଓ ରାଜସ୍ଥାନରେ ୨୬ ପ୍ରତିଶତ କମ୍ ବର୍ଷା ହୋଇଛି।

ସେପ୍ଟେମ୍ବର ଫସଲ ପାଚିବାର ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ କମ୍ ବର୍ଷା କପା, ସୋୟାବିନ୍, ମକା ଓ ଡାଲି ଭଳି ଖରିଫ ଫସଲର ଉତ୍ପାଦନକୁ ପ୍ରଭାବିତ କରିପାରେ ବୋଲି କୁହାଯାଇଛି। ବିଶେଷଜ୍ଞଙ୍କ ମତରେ, ଅଗଷ୍ଟରେ କମ୍ ବର୍ଷାର ପ୍ରଭାବ ଏବେ ଫସଲର ଗୁରୁତ୍ୱପୂର୍ଣ୍ଣ ବିକାଶ ପର୍ଯ୍ୟାୟରେ ପଡୁଛି। ଏଥିରୁ ଉତ୍ପାଦନ ହ୍ରାସର ଆଶଙ୍କା ବଢ଼ିଛି। ଏହି ସମୟରେ ଏଲ୍ ନିନୋ ପ୍ରଭାବ ଆହୁରି ଶକ୍ତିଶାଳୀ ହୋଇଥିବା କହିଛି ପାଣିପାଗ ବିଭାଗ।

## ଏକ୍ସପ୍ରେସ୍‌ୱେରେ ଦ୍ରୁତଗତି ଥାର୍ ଓଲଟି ୪ ଯୁବକ ମୃତ

ହାପୁର, ୩୧।୮ (ଏଜେନ୍ସି): ଉତ୍ତରପ୍ରଦେଶର ହାପୁର ଜିଲ୍ଲା ଦେଇ ଯାଇଥିବା ଗଙ୍ଗା ଏକ୍ସପ୍ରେସ୍‌ୱେରେ ଦ୍ରୁତଗତିରେ ଯାଉଥିବା ଏକ ଥାର୍ ନିୟନ୍ତ୍ରଣ ହରାଇ ଏକାଧିକ ଥର ଓଲଟି ପଡ଼ିବାରୁ ୪ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ୧୭ ବର୍ଷୀୟ ଜଣେ ନାବାଳକ ଆହତ ହୋଇଛନ୍ତି। ପୁଲିସ ଅନୁଯାୟୀ, ମଧ୍ୟରାତ୍ରି ସମୟରେ ଦିଲ୍ଲୀ ନମ୍ବର ଥିବା ଏହି ଗାଡ଼ିରେ ୫ ଜଣ ଯୁବକ ବୁଦାଉଁରୁ ଦିଲ୍ଲୀ ଅଭିମୁଖେ ଯାଉଥିଲେ। ଗାଡ଼ିଟି ଅତ୍ୟଧିକ ବେଗରେ ଥିବାରୁ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୁର୍ଘଟଣା ପରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏଥିରେ ଥିବା ଲୋକମାନେ ଭିତରେ ଫସି ଯାଇଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସିଖେଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ୪ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିରେ ୧୭ ବର୍ଷୀୟ ବିଷ୍ଣୁ ଆହତ ହୋଇଥିବାରୁ ତାଙ୍କର ଚିକିତ୍ସା ଚାଲିଛି।

## ଆମେରିକାରେ କେରଳର ୨ ମହିଳାଙ୍କ ରହସ୍ୟଜନକ ମୃତ୍ୟୁ

କାଲିଫର୍ଣ୍ଣିଆ, ୩୧।୮ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ କେରଳର ଦୁଇ ମହିଳାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ମୃତକ ଦୁଇଜଣ ହେଲେ ତ୍ରିଶୂରର ମୁଡିକ୍‌କୋଡର ଅଞ୍ଜନା ହରି ଓ ତିରୁବନନ୍ତପୁରମର କେଶବଦାସପୁରମର ଆନ୍ ମାଥ୍ୟୁ। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସେହି ଆପାର୍ଟମେଣ୍ଟ ପରିସରରେ ରହୁଥିବା ଅନିଲା ନାମକ ଜଣେ ମହିଳା ଉଭୟଙ୍କ ପରିଚିତ ଥିଲେ ଏବଂ ଘଟଣାରେ ତାଙ୍କ ସମ୍ପୃକ୍ତି ନେଇ ସନ୍ଦେହ ପ୍ରକାଶ ପାଇଛି। ପରିବାରକୁ ମିଳିଥିବା ତଥ୍ୟ ଅନୁସାରେ, ଆନ୍ ମାଥ୍ୟୁଙ୍କୁ ଆପାର୍ଟମେଣ୍ଟ ଭିତରେ ଛୁରି ମରାଯାଇଥିବା ଅଭିଯୋଗ ରହିଛି। ପରେ ଅଞ୍ଜନା ହରିଙ୍କୁ ଏକ କାର୍‌ରେ ଧକ୍କା ଦିଆଯାଇଥିବା କୁହାଯାଇଛି। ଘଟଣା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକା ପୁଲିସ ପକ୍ଷରୁ ମଧ୍ୟ ଅଭିଯୋଗ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇନାହିଁ।

## ପେଟ୍ରୋଲରେ ଇଥାନଲ ମିଶ୍ରଣ ଲେବଲିଂ ଦାବି ଶୁଣିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ପେଟ୍ରୋଲ ପମ୍ପରେ ବିକ୍ରି ହେଉଥିବା ପେଟ୍ରୋଲରେ କେତେ ପ୍ରତିଶତ ଇଥାନଲ ମିଶିଛି, ତାହା ପ୍ରତ୍ୟେକ ଡିସ୍ପେନ୍ସିଂ ନୋଜଲରେ ବାଧ୍ୟତାମୂଳକ ଭାବେ ଉଲ୍ଲେଖ କରିବା ଦାବିରେ ଦାଏର ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଛନ୍ତି। ଏହି ପ୍ରସଙ୍ଗରେ ଆବେଦନକାରୀ ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କୁ ସମ୍ପୃକ୍ତ ହାଇକୋର୍ଟରେ ଆବେଦନ କରିବାକୁ କୋର୍ଟ କହିଛନ୍ତି। ବିଚାରପତି ଏମଏମ ସୁନ୍ଦରେଶ ଓ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସମ୍ବିଧାନର ଧାରା ୩୨ ଅଧୀନରେ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ସେମାନେ ଇଚ୍ଛୁକ ନୁହନ୍ତି। ଆବେଦନକାରୀ ନିଜ ଦାବି ନେଇ ସମ୍ପୃକ୍ତ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ବିକ୍ରି ହେଉଥିବା ଇନ୍ଧନରେ ଇଥାନଲର ସଠିକ୍ ପ୍ରତିଶତ ସ୍ପଷ୍ଟ ଭାବେ ଜଣାଇବା ପାଇଁ ଦାବି କରିଥିଲେ। ଏହା ସହ ପ୍ରତ୍ୟେକ ଇନ୍ଧନ ବିଲ୍‌ରେ ମଧ୍ୟ ପେଟ୍ରୋଲରେ ମିଶିଥିବା ଇଥାନଲର ପ୍ରତିଶତ ସ୍ପଷ୍ଟ ଭାବେ ଲେଖାଯିବାକୁ ସେ ଚାହିଁଥିଲେ। ତାଙ୍କ ଆବେଦନରେ ଗାଡ଼ିର ନିର୍ମାତା, ମଡେଲ, ଇଞ୍ଜିନ ପ୍ରକାର ଓ ନିର୍ମାଣ ବର୍ଷ ଆଧାରରେ କେଉଁ ଯାନ କେଉଁ ପ୍ରକାର ଇଥାନଲ ମିଶ୍ରିତ ଇନ୍ଧନ ପାଇଁ ଉପଯୋଗୀ, ସେନେଇ ଏକ ସର୍ବସାଧାରଣ ତଥ୍ୟ ଭଣ୍ଡାର ପ୍ରକାଶ କରିବାକୁ ମଧ୍ୟ ଦାବି ହୋଇଥିଲା। ଇ-୨୦ ଇଥାନଲ ମିଶ୍ରିତ ପେଟ୍ରୋଲର ପ୍ରଭାବ ଯାଞ୍ଚ ପାଇଁ ଏକ ସ୍ୱାଧୀନ ବିଶେଷଜ୍ଞ କମିଟି ଗଠନ କରିବାକୁ ମଧ୍ୟ ଆବେଦନରେ କୁହାଯାଇଥିଲା।

## ମହମ୍ମଦ ଦୀପକଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଡେହରାଡୁନର ଜିମ୍ ମାଲିକ ଦୀପକ କୁମାର, ଯିଏକି ଜଣେ ମୁସଲମାନ ଦୋକାନୀଙ୍କ ସପକ୍ଷରେ ଛିଡ଼ା ହୋଇ 'ମହମ୍ମଦ ଦୀପକ' ଭାବେ ପରିଚିତ ହୋଇଥିଲେ, ତାଙ୍କୁ ସୋମବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ବଜରଙ୍ଗ ଦଳ ସଦସ୍ୟଙ୍କ ସହ ବିବାଦ ପରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍ ଏବଂ ଏହାର କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଅନ୍ତର୍ବର୍ତ୍ତୀକାଳୀନ ରୋକ୍ ଲଗାଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଦୀପକଙ୍କ ଆବେଦନର ଶୁଣାଣି କରି ଏଫ୍‌ଆଇଆର୍ ନୋଟିସ୍ ଜାରି କରିଛନ୍ତି। ଏହାସହ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି।

## ଦିଲ୍ଲୀରେ ୩ ବର୍ଷୀୟ ଶିଶୁକୁ ଯୌନ ନିର୍ଯାତନା; କ୍ୟାବ୍ ଚାଳକ ଗିରଫ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ଦିଲ୍ଲୀର ବାୱାନା ଅଞ୍ଚଳର ଏକ ଘରୋଇ ସ୍କୁଲରେ ୩ ବର୍ଷୀୟ ନର୍ସରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ସ୍କୁଲରେ କାମ କରୁଥିବା ଜଣେ କ୍ୟାବ୍ ଚାଳକଙ୍କୁ ପୋକ୍ସୋ ଆଇନ ଅଧୀନରେ ପୁଲିସ ଗିରଫ କରିଛି। ପୁଲିସ ଅନୁସାରେ, ଅଭିଯୁକ୍ତ ଚକୋଲେଟ୍ ଦେଇ ଶିଶୁଟିକୁ ପ୍ରଲୋଭିତ କରୁଥିଲେ। ଶିଶୁଟିର ଆଚରଣରେ ପରିବର୍ତ୍ତନ ଦେଖି ମା' ପଚାରିବାରୁ ସେ ସ୍କୁଲକୁ ଆସୁଥିବା ଜଣେ 'ଖରାପ ଅଙ୍କଲ' ବିଷୟରେ କହିଥିଲା। ଅଗଷ୍ଟ ୨୪ରେ ସ୍କୁଲ ପକ୍ଷରୁ ଅନେକ ବ୍ୟକ୍ତିଙ୍କ ଫଟୋ ଓ ସିସିଟିଭି ଦୃଶ୍ୟ ଶିଶୁଟିକୁ ଦେଖାଯାଇଥିଲା। ସେଥିରୁ ସେ ଅଭିଯୁକ୍ତ କ୍ୟାବ୍ ଚାଳକଙ୍କୁ ଚିହ୍ନଟ କରିଥିଲା। ପରେ ପୁଲିସ ମାମଲା ରୁଜୁ କରି ତାଙ୍କୁ ସ୍କୁଲ ପରିସରରୁ ଗିରଫ କରିଛି।



## ଏବେ ଯୁଦ୍ଧ ବନ୍ଦ ହେଉ: ମୋଦୀ

### ଶାନ୍ତି ପାଇଁ ପୁଟିନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ବିଶକେକ, ୩୧।୮ (ଏଜେନ୍ସି): କିର୍ଗିଜସ୍ତାନର ରାଜଧାନୀ ବିଶକେକଠାରେ ଆୟୋଜିତ ଶାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତିଙ୍କୁ କହିଛନ୍ତି ଯେ, 'ଅସରନ୍ତି ଯୁଦ୍ଧରୁ ଓହରି ଆସି ବର୍ତ୍ତମାନ ଯୁଦ୍ଧର ସମାପ୍ତି ଘଟାଇବା ସମୟ ଆସିଛି'। ଯୁଦ୍ଧର ପ୍ରତ୍ୟେକ ଦିନ ମାନବସମାଜକୁ ପଛକୁ ଠେଲିଦେଉଥିବାବେଳେ ଶାନ୍ତି ଆଡ଼କୁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ମାନବତା ପାଇଁ ନୂତନ ଆଶା ଓ ଉତ୍ସାହ ଭରିଥାଏ। ଗାନ୍ଧୀ ଏବଂ ବୁଦ୍ଧଙ୍କ ଦେଶ ଭାରତ ସର୍ବଦା ଶାନ୍ତିର ବାର୍ତ୍ତା ପ୍ରସାର କରିଆସିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।



## ଅଡୁଆ ବଢ଼ାଇଲା ବିଜୟଙ୍କ ପ୍ରଧାନମନ୍ତ୍ରୀ ହେବା ସ୍ୱପ୍ନ

ଚେନ୍ନାଇ, ୩୧।୮ (ଏଜେନ୍ସି): ଏକ ଗଣାମଧ୍ୟମ ସଂସ୍ଥା ଦ୍ୱାରା ଜନମତ ସର୍ଭେ ପ୍ରକାଶ ପାଇବା ପରେ ଏବେ ତାମିଲନାଡୁ ରାଜନୀତିରେ ଦେଖିବାକୁ ମିଳିଛି ରାଜନୈତିକ ଝଡ଼। ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ମୁଖ୍ୟ ଜୋସେଫ ବିଜୟଙ୍କୁ ନରେନ୍ଦ୍ର ମୋଦୀ ଏବଂ ରାହୁଲ ଗାନ୍ଧୀଙ୍କ ପରେ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ଲୋକ ପସନ୍ଦ କରୁଛନ୍ତି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ବିଜୟଙ୍କ ଟିଭିକେରେ ଉତ୍ସାହର ମାହୋଲ ଥିବା ବେଳେ ସେମାନେ ତାଙ୍କୁ ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରିବେ ବୋଲି ଘୋଷଣା କରିଛନ୍ତି। ଏଥିରେ କଂଗ୍ରେସ ବିରକ୍ତି ପ୍ରକାଶ କରିବା ସହିତ ବିଜୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ଧମକ ଦେଇଛି। ଆଗାମା ନିର୍ବାଚନରେ ଟିଭିକେ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ଭାବେ ସମର୍ଥନ ନକଲେ ସେମାନେ ଇସ୍ତଫା ଦେବେ ବୋଲି କଂଗ୍ରେସ ମନ୍ତ୍ରୀ କହିଛନ୍ତି।

୨୦୨୯ ମସିହାରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ନେଇ ରାଜନୀତି ସରଗରମ ହୋଇଉଠିଛି। ଟିଭିକେ ସମର୍ଥକମାନେ ପୋଷ୍ଟର ଲଗାଇ ଏହି ଦାବି କରିବା ପରେ ରାଜ୍ୟର ଶାସନରେ ଥିବା ମେଣ୍ଟ ମଧ୍ୟରେ ମତଭେଦ ସାମ୍ନାକୁ ଆସିଛି। ବିରୋଧୀ ଦଳ ଡିଏମକେ ଏହାକୁ କଳ୍ପନାବିଳାସ କହି ଉଡ଼ାଇ ଦେଇଥିବାବେଳେ କଂଗ୍ରେସ ରାହୁଲ କହିଛନ୍ତି ଯେ କଳ୍ପନା କରିବାରେ କୌଣସି ସୀମା ନାହିଁ ଏବଂ ଦଳୀୟ କର୍ମୀମାନେ ଚାହିଁଲେ ସେ ଜାତିସଂଘର ମୁଖ୍ୟ ହେବେ ବୋଲି ମଧ୍ୟ କହିପାରନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମନ୍ତ୍ରୀ ରାଜେଶ କୁମାର ଚେତାବନୀ ଦେଇଛନ୍ତି ଯେ ଯଦି ଟିଭିକେ ୨୦୨୯ ପାଇଁ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ ନ କରେ, ତେବେ କଂଗ୍ରେସ ମନ୍ତ୍ରୀମାନେ କ୍ୟାବିନେଟରୁ ଇସ୍ତଫା ଦେବେ। ତାମିଲନାଡୁ କଂଗ୍ରେସ ସଭାପତି ମଣିକମ୍ ଟାଗୋର ମଧ୍ୟ ଏହି ସର୍ଭେକୁ ସମାଲୋଚନା

### କଂଗ୍ରେସର ବିରୋଧ, ମନ୍ତ୍ରିମଣ୍ଡଳରୁ ଇସ୍ତଫା ଧମକ

ଗାନ୍ଧୀଙ୍କ ନେତୃତ୍ୱକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସାମ୍ପ୍ରତିକ ଏକ ଜାତୀୟ ସର୍ଭେରେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଦେଶର ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ପସନ୍ଦମାନଙ୍କ ମଧ୍ୟରେ ସ୍ଥାନ ମିଳିବା ପରେ ତାଙ୍କ ଦଳର କର୍ମୀମାନେ ୨୦୨୯ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ତୁତିକୋରିନ ସମେତ ବିଭିନ୍ନ ସ୍ଥାନରେ ଏନେଇ ପୋଷ୍ଟର ଲଗାଯାଇଛି। ଏହି ପ୍ରସଙ୍ଗରେ ଡିଏମକେ ନେତା ଆର ଏସ୍ ଭାରତୀ କଟାକ୍ଷ କରି କରି ସୋସିଆଲ ମିଡିଆରେ ଏକ କାଳ୍ପନିକ କାହାଣୀ ମାଧ୍ୟମରେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟତମ ମେଣ୍ଟ ସହଯୋଗୀ ଏମଡିଏମକେ ପ୍ରମୁଖ ଭାଇକୋ ମଧ୍ୟ ଏହି ବିତର୍କଠାରୁ ଦୂରେଇ ରହି କହିଛନ୍ତି ଯେ ଇଣ୍ଡିଆ ମେଣ୍ଟ ପାଇଁ ରାହୁଲ ଗାନ୍ଧୀଙ୍କର କୌଣସି ବିକଳ୍ପ ନାହିଁ ଏବଂ ମୁଖ୍ୟମନ୍ତ୍ରୀ ବିଜୟଙ୍କର ମଧ୍ୟ ଏପରି କୌଣସି ମହତ୍ତ୍ୱାକାଂକ୍ଷା ନାହିଁ। ତେବେ ଏହି ପ୍ରସଙ୍ଗ ଏବେ ରାଜ୍ୟ ରାଜନୀତିକୁ ସରଗରମ କରି ପକାଇଛି।

## ବାଣ କାରଖାନାରେ ବିସ୍ଫୋରଣ, ୧୧ ମୃତ



ପ୍ରୟାଗରାଜ, ୩୧।୮ (ଏଜେନ୍ସି): ଉତ୍ତରପ୍ରଦେଶର କୌଶାମ୍ବୀ ଜିଲ୍ଲାର ମନୌରୀ ଅଞ୍ଚଳରେ ସୋମବାର ଦିନ ଏକ ବାଣ ତିଆରି କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟି ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୨୪ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଆଖପାଖର ଅନେକ ଘର ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ତଳେ ଆହୁରି ଅନେକ ଲୋକ ଚାପି ରହିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ, ପୁଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

ଆଜି ପ୍ରାୟ ଦିନ ୧୧ଟାରୁ ଦୁପର ପର୍ଯ୍ୟନ୍ତ ମନୌରୀ ଅଞ୍ଚଳରେ ହଠାତ୍ ଏକ ଘରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଏହି ଘରେ ବାଣ ତିଆରି ହେଉଥିବା କୁହାଯାଉଛି। ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଯିବା ପରେ ଗୋଟିଏ ପରେ ଗୋଟିଏ ବାଣ ବିସ୍ଫୋରଣ ହେବାକୁ ଲାଗିଥିଲା। ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ ଦୂରଦୂରାନ୍ତର ଲୋକ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ଆଖପାଖର ଅନେକ ଘର କ୍ଷତିଗ୍ରସ୍ତ ହେବା ସହ ଅତି କମରେ ତିନିଟି ଘର ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ପାଞ୍ଚଜଣଙ୍କ ମୃତ୍ୟୁ ନେଇ ସୂଚନା ମିଳିଥିଲା। ପରେ ଉଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ସହ ମୃତଦେହ ମିଳିବା ଆରମ୍ଭ ହୋଇଥିଲା। ସନ୍ଧ୍ୟା ପ୍ରାୟ ୫ଟା ସୁଦ୍ଧା ୧୧ଟି ମୃତଦେହ ମିଳିଥିବା ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଶିଶୁ ଓ ମହିଳା ମଧ୍ୟ ଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମୃତକ ଓ ଆହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଆହତଙ୍କୁ ଉଦ୍ଧାର କରି ପ୍ରୟାଗରାଜର ଏସଆରଏନ୍ ହସ୍ପିଟାଲକୁ ପଠାଯାଇଛି।



## ବିଶ୍ୱ ବ୍ୟାଙ୍କ ଗଠିତ କୋର୍ଟ ରାୟକୁ ପ୍ରତ୍ୟାଖ୍ୟାନ କଲା ଭାରତ

### ସିନ୍ଧୁ ଜଳ ଚୁକ୍ତି

ନୂଆଦିଲ୍ଲୀ/ହେଗ୍, ୩୧।୮ (ଏଜେନ୍ସି): ନେଦରଲାଣ୍ଡର ହେଗ୍‌ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା କୋର୍ଟଙ୍କ ଦ୍ୱାରା ସିନ୍ଧୁ ଜଳ ଚୁକ୍ତିକୁ ନେଇ ଦିଆଯାଇଥିବା ନୂତନ ନିର୍ଦ୍ଦେଶନାମାକୁ ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ଭାରତର ସାର୍ବଭୌମ ନିଷ୍ପତ୍ତି ଉପରେ ଏହି କୋର୍ଟର କୌଣସି ଆଇନଗତ ଅଧିକାର କ୍ଷେତ୍ର ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଛି। ବିଶ୍ୱ ବ୍ୟାଙ୍କ ଦ୍ୱାରା ଗଠିତ ଏହି ତଥାକଥିତ କୋର୍ଟ ଚୁକ୍ତିନାମାର ନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ ଗଠନ କରାଯାଇଛି ଏବଂ ଏହାର କୌଣସି ଆଇନଗତ ବୈଧତା ନାହିଁ ବୋଲି ଭାରତ କହିଛି। ହେଗ୍ କୋର୍ଟ ନିଜ ରାୟରେ ଦର୍ଶାଇଥିଲେ ଯେ, ସିନ୍ଧୁ ଜଳ ଚୁକ୍ତି ପୂର୍ବପରି ସମ୍ପୂର୍ଣ୍ଣ ବଳବତ୍ତର ରହିଛି ଏବଂ ଏହାକୁ ଭାରତ ଏକପାଖିଆ ଭାବେ ସ୍ଥଗିତ କିମ୍ବା ରଦ୍ଦ କରିପାରିବ ନାହିଁ। ଏଥିସହ, ପାକିସ୍ତାନ ସହ ଜଳ ବଣ୍ଟନ ଏବଂ ପଶ୍ଚିମ ପ୍ରବାହିତ ନଦୀଗୁଡ଼ିକରେ ଭାରତୀୟ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ନକ୍ସା ଓ ପରିଚାଳନା ସଂକ୍ରାନ୍ତୀୟ ସର୍ତ୍ତଗୁଡ଼ିକୁ ମାନିବା ପାଇଁ ଭାରତକୁ କୁହାଯାଇଥିଲା। ଜାମ୍ମୁ ଓ କାଶ୍ମୀରର ରାଟ୍‌ଲେ ଜଳବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବାକୁ ଏହି ନିର୍ଦ୍ଦେଶନାମାରେ କୋର୍ଟ କହିଥିଲେ। ତେବେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବିବୃତି ଜାରି କରି କହିଛି ଯେ, ଭାରତ କଦାପି ଏହି ବେଆଇନ ଭାବେ ଗଠିତ ସଂସ୍ଥାର ଅସ୍ତିତ୍ୱକୁ ସ୍ୱୀକାର କରିନାହିଁ ଏବଂ ଏହାର କୌଣସି ପୂର୍ବ ଶୁଣାଣିରେ ମଧ୍ୟ ଭାଗ ନେଇନାହିଁ। ଏହି କୋର୍ଟର ନିଷ୍ପତ୍ତି ଭାରତର କୌଣସି ପ୍ରକଳ୍ପ କିମ୍ବା ନିଷ୍ପତ୍ତି ଉପରେ ପ୍ରଭାବ ପକାଇବ ନାହିଁ।

## ପୁଣି ଆକ୍ରମଣରେ ମାତିଲେ ଆମେରିକା-ଇରାନ

ତେହେରାନ, ୩୧।୮ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ପୁଣି ତୀବ୍ର ହୋଇଛି। ଲାରାକ ଦ୍ୱୀପରେ ଇରାନର ଦୁଇଟି ରକେଟ୍ ଲଞ୍ଚର ଉପରେ ଆମେରିକା ସେନା ଆକ୍ରମଣ କରିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଆମେରିକା ପକ୍ଷରୁ ଦାବି କରାଯାଇଛି ଯେ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ମାଇନ୍ ବିଛାଇ ବାଣିଜ୍ୟିକ ପରିବହନକୁ ବନ୍ଦ କରିବା ପାଇଁ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ପ୍ରସ୍ତୁତି ଚଳାଇଥିଲା। ଏହାର ବିରୋଧରେ ଆମେରିକା ପ୍ରତିରକ୍ଷା ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜବାବରେ ଇରାନର ଆଇଆର୍‌ଜିସି ଏବଂ ସେନା ପକ୍ଷରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ଭୀଷଣ ଆକ୍ରମଣ କରାଯାଇଛି। ଇରାନ ସେନା ୟୁଏଇର ଅଲ୍ ମିନହାଦ୍ ବିମାନ ଘାଟିରେ ଥିବା ଆମେରିକାର ହେଲିକପ୍ଟର ଏବଂ ସେନା ଶିବିରକୁ ଲକ୍ଷ୍ୟ କରି ଅନେକ ଡ୍ରୋନ୍ ମାଡ଼ କରିଛି। ଏଥିସହିତ ଜୋର୍ଡାନରେ ଥିବା ଆମେରିକାର କିଙ୍ଗ ହୁସେନ୍ ଏବଂ ଅଲ୍-ଅଜରାକ୍ ବିମାନ ଘାଟି ଉପରେ ମଧ୍ୟ ଇରାନ ପକ୍ଷରୁ ରକେଟ୍ ଓ ମିସାଇଲ୍ ମାଡ଼ କରାଯାଇଛି। ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ ଇରାନ କୌଣସି ଯୁଦ୍ଧ ଚାହୁଁନାହିଁ, କିନ୍ତୁ ଆମେରିକାର ଯେକୌଣସି ଆକ୍ରମଣର ଦୃଢ଼ ଓ ନିର୍ଣ୍ଣାୟକ ଜବାବ ଦିଆଯିବ।

## ନେପାଳରେ ବନ୍ୟା ପ୍ରଳୟ
## ମୃତ୍ୟୁସଂଖ୍ୟା ୯୦୦ ପାର୍, ୫୦୦୦ ନିଖୋଜ

### ଜଳବିଦ୍ୟୁତ୍ ପ୍ରକଳ୍ପରେ ୯୩୩ ଶ୍ରମିକଙ୍କ ପତ୍ତା ନାହିଁ

କାଠମାଣ୍ଡୁ, ୩୧।୮ (ଏଜେନ୍ସି): ନେପାଳରେ ଭୟାବହ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ପରେ ଷଷ୍ଠ ଦିନରେ ମଧ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ୯୦୦ ଅତିକ୍ରମ କରିଥିବା ବେଳେ ୪୨୦୦ରୁ ଅଧିକ ଲୋକ ଏବେବି ନିଖୋଜ ଥିବା ନେପାଳ ବିପର୍ଯ୍ୟୟ ପ୍ରାଧିକରଣ ସୂଚନା ଦେଇଛି। ଅଗଷ୍ଟ ୨୬ରେ ତିବ୍ବତ ସୀମାନ୍ତ ରାସୁୱା ଜିଲ୍ଲାର ଭୋଟେକୋଶୀ ନଦୀରେ ହିମବାହ ଧସିବା ପରେ ହଠାତ୍ ବିପୁଳ ପାଣି ଆସିଥିଲା। ଏହା ଫଳରେ ନଦୀକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଅନେକ ଲୋକ ନିଖୋଜ ହୋଇଛନ୍ତି। ବନ୍ୟାରେ ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ୯୩୩ ଜଣ କର୍ମଚାରୀ ଓ ଶ୍ରମିକଙ୍କ ସହ ଅଗଷ୍ଟ ୨୬ରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଶ୍ରମିକ ମାଟି ଓ ପଥର ତଳେ ଥିବା ସୁଡ଼ଙ୍ଗରେ ଫସିଥିବା ଆଶଙ୍କା କରାଯାଉଛି। ନେପାଳର ଜାତୀୟ ବିପଦ ହ୍ରାସ ଓ ପରିଚାଳନା ପ୍ରାଧିକରଣ ଅନୁସାରେ, ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗ ଭିତରେ ୬୦୦ରୁ ଅଧିକ ଲୋକ ଉଦ୍ଧାର ଅପେକ୍ଷାରେ ଅଛନ୍ତି। ଏପର୍ଯ୍ୟନ୍ତ ୨୭୯ ଜଣଙ୍କୁ ସୁଡ଼ଙ୍ଗରୁ ଉଦ୍ଧାର କରାଯାଇଛି। ଏଥିରେ ଅପର ତ୍ରିଶୂଳୀ-୧ ପ୍ରକଳ୍ପରୁ ୨୫୪ ଜଣ ଏବଂ ଲାଙ୍ଗଟାଙ୍ଗ ଖୋଲା ପ୍ରକଳ୍ପରୁ ୧୮ ଜଣ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନେପାଳ ସହ ଭାରତ ଓ ଚୀନ୍‌ର ବିଶେଷଜ୍ଞ ଦଳ ମଧ୍ୟ ସହଯୋଗ କରୁଛନ୍ତି। ବନ୍ୟା ପ୍ରଭାବିତ ରାସୁୱା ଜିଲ୍ଲାର ଚିଲିମେ ଗାଁରୁ ନେପାଳ ସେନା ୪ ଜଣଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୩ ଜଣ ଭାରତୀୟ ନାଗରିକ ଥିବା ନେପାଳରେ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଭାରତୀୟ ଦୂତାବାସ ସେମାନଙ୍କୁ ଭାରତ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଉଛି। ନେପାଳ ଯାଇଥିବା ତାମିଲନାଡୁର ଅତି କମରେ ୮୪ ଜଣଙ୍କ ସହ ଏବେବି ଯୋଗାଯୋଗ ହୋଇପାରିନାହିଁ। ତାମିଲନାଡୁ ସରକାରଙ୍କ ସୂଚନା ଅନୁସାରେ, ରାଜ୍ୟରୁ ୩୦୫ ଜଣ ନେପାଳ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୨୨୦ ଜଣ ସୁରକ୍ଷିତ ଥିବା ନିଶ୍ଚିତ ହୋଇଛି। ଏପର୍ଯ୍ୟନ୍ତ ୨୧ ଜଣ ତାମିଲନାଡୁ ତୀର୍ଥଯାତ୍ରୀ ସୁରକ୍ଷିତ ଭାବେ ଫେରିଆସିଛନ୍ତି। ଅନ୍ୟମାନଙ୍କୁ ମଧ୍ୟ ଖୋଜାଖୋଜି କରାଯାଉଛି। ନେପାଳର ଭୟଙ୍କର ବନ୍ୟା ବିପର୍ଯ୍ୟୟ ପରେ ଭାରତ ସହଯୋଗର ହାତ ବଢ଼ାଇଛି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସୋମବାର ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ପରିଦର୍ଶନ କରି ନେପାଳ ପ୍ରତି ଭାରତର ସମର୍ଥନ ପ୍ରକାଶ କରିଛନ୍ତି।





‘ରେସ୍ ୪’ରେ ଅମିର୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-68 ◆TUESDAY ◆1 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୬୮ ◆ମଙ୍ଗଳବାର ◆୧ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଓଡ଼ିଶାରେ ଚକ୍‌ମା ଖାଇଲା ଏଲ୍-ନିନୋ

## ୩ ମାସରେ ଭରଣା ହେଲା ମୌସୁମୀର ଚତୁର୍ମାସ ବର୍ଷା

■ ଭୁବନେଶ୍ୱର, ୩୧।୮ (ସମିସ): ମୌସୁମୀ ଋତୁର ଶେଷ ମାସ ଅର୍ଥାତ୍ ସେପ୍ଟେମ୍ବର ଆରମ୍ଭ ହୋଇଛି। ଇତିମଧ୍ୟରେ ମୌସୁମୀ ଚତୁର୍ମାସରୁ ୩ ମାସ ଶେଷ ହୋଇଛି। ତେବେ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମୌସୁମୀ ଋତୁର ୩ ମାସ ଭିତରେ ରାଜ୍ୟରେ ସ୍ୱାଭାବିକ ପରିମାଣର



ବର୍ଷା ହୋଇଯାଇଛି। ଅର୍ଥାତ ଓଡ଼ିଶା ପାଇଁ ମୌସୁମୀ ୪ ମାସ ଜୁନ୍-ସେପ୍ଟେମ୍ବର ମଧ୍ୟରେ ଯେତିକି ପରିମାଣର ବର୍ଷା ହେଲା, ଏହାକୁ ସ୍ୱାଭାବିକ ବର୍ଷା ବୋଲି କୁହାଯାଏ, ତାହା ଗତ ୩ ମାସ ଜୁନ୍-ଅଗଷ୍ଟ ମଧ୍ୟରେ ହୋଇଯାଇଛି। ଆଜି ୩୧ ଅଗଷ୍ଟ ସୁଦ୍ଧା ଓଡ଼ିଶାରେ ମୌସୁମୀ ବର୍ଷା ୧୧୫୪.୩ ମିମି ରେକର୍ଡ କରାଯାଇଛି। ଏହା ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକ ବର୍ଷା ୧୧୫୦.୨ ମିମିକୁ ପାର୍ କରିଛି। ବଡ଼ କଥା ହେଉଛି ଯେ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ୍ୟ ସେହି ମାସ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ଏହା ସତ୍ତ୍ୱେ ୨ ମାସ ଜୁଲାଇ ଓ ଅଗଷ୍ଟରେ ମାତ୍ରାଧିକ ବର୍ଷା ଫଳରେ

■ ଏକମାତ୍ର ରାଜ୍ୟ ଓଡ଼ିଶାରେ ସ୍ୱାଭାବିକଠାରୁ ଅଧିକ ବର୍ଷା
■ ଜୁନ୍‌ରେ ୪୭ % ନିଅଣ୍ଟିଆ ସତ୍ତ୍ୱେ ୩ ମାସରେ କୋଟା ପୂରଣ
■ ୨୦ ବର୍ଷ ମଧ୍ୟରେ ଭଲ ବର୍ଷା, ସେପ୍ଟେମ୍ବର ମାସରେ ବି ବର୍ଷିବ

୪୭ ପ୍ରତିଶତ ନିଅଣ୍ଟିଆ ଭରଣା ହେବା ସହ ସମ୍ପୂର୍ଣ୍ଣ ୪ ମାସର କୋଟା ପୂରଣ ହୋଇଛି।

ଚଳିତ ବର୍ଷ ଏଲ୍-ନିନୋ ସକ୍ରିୟ ରହିବା ହେତୁ ଭାରତ ସମେତ ଓଡ଼ିଶାରେ ମଧ୍ୟ ନିଅଣ୍ଟିଆ ବର୍ଷା ହେବ ବୋଲି ଆକଳନ କରାଯାଇଥିଲା। ବିଶ୍ୱପାଣିପାଗ ସଂସ୍ଥାନଠାରୁ ଆଇଏମ୍‌ଡିରୁ ଜାରି ହୋଇଥିବା ପ୍ରାକ୍ ସୂଚନାରେ ବର୍ଷାର ପରିମାଣ ନିଅଣ୍ଟିଆ ରହିବ ବୋଲି କୁହାଯାଇଥିଲା। ହେଲେ ଓଡ଼ିଶା ପରିପ୍ରେକ୍ଷୀରେ ଏଲ୍-ନିନୋ ସମ୍ପୂର୍ଣ୍ଣ ଚକମା ଖାଇଛି। ଏହାର ପରିଣାମ ସ୍ୱରୂପ, ଦେଶର ଏକମାତ୍ର ରାଜ୍ୟ ଭାବେ ଏବେ ଓଡ଼ିଶାରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ଅଧିକ ରହିଛି। ଏବେ ସୁଦ୍ଧା ଓଡ଼ିଶା ଉପରେ ୯ ଲଘୁଚାପ ପ୍ରଭାବ ପକାଇଛି। ଅଗଷ୍ଟ ମାସରେ ୬ ଟି ଲଘୁଚାପ ହୋଇଥିବା ବେଳେ ଜୁଲାଇ ମାସରେ ୩ ଲଘୁଚାପ ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ହୋଇଛି। ଅନ୍ୟପଟେ ଅଗଷ୍ଟରେ ୬ ଟା ଲଘୁଚାପ ହୋଇଥିଲେ ମଧ୍ୟ ଜୁଲାଇ ମାସରେ ହୋଇଥିବା ୩ ଲଘୁଚାପ ଅଧିକ ପ୍ରଭାବୀ ରହିଛି, ଗୋଟିଏ ଗୋଟିଏ ଲଘୁଚାପ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ସକ୍ରିୟ ରହିବା ଦ୍ୱାରା ରାଜ୍ୟକୁ ବହୁ ପରିମାଣରେ ବର୍ଷା ମିଳିଛି। ବିଶେଷକରି ଉତ୍ତର ଓଡ଼ିଶାରେ ଏହି ଲଘୁଚାପଗୁଡ଼ିକ ଅତ୍ୟଧିକ ପ୍ରଭାବ ପକାଇବା ସହ ଏକାଧିକ ବାର ବନ୍ୟା ସୃଷ୍ଟି କରିଛି।

ଅନ୍ୟପଟେ ସେପ୍ଟେମ୍ବର ମାସ ପାଇଁ ଆଇଏମ୍‌ଡି ପକ୍ଷରୁ ମୌସୁମୀ ଋତୁ ସମ୍ପର୍କିତ ସଚୂନା ଆଜି ଜାରି ହୋଇଛି। ଏଥିରେ ସାରା ଦେଶରେ ବର୍ଷାର ପରିମାଣ କମ୍ ରହିବ ବୋଲି କୁହାଯାଇଥିଲେ ମଧ୍ୟ ଓଡ଼ିଶାରେ ଅପେକ୍ଷାକୃତ ଭଲ ବର୍ଷା ରହିବ ବୋଲି ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଚଳିତ ବର୍ଷ ସ୍ୱାଭାବିକ ତୁଳନାରେ ୨୫ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ କେବଳ ଅଗଷ୍ଟରେ ୧୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏବେ ବି ଗୋଟିଏ ଲଘୁଚାପ ସକ୍ରିୟ ରହିଥିବା ଯୋଗୁଁ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହେଉଛି। ତେବେ ସେପ୍ଟେମ୍ବର ମାସରେ ଉତ୍ତର ଓଡ଼ିଶାରେ ସ୍ୱାଭାବିକ କିମ୍ବା ଏହାଠାରୁ ଅଧିକ ବର୍ଷା ହେବା ସହ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଡଃ ମହାପାତ୍ର କହିଛନ୍ତି। ଓଡ଼ିଶା ଗୋଟିଏ ରାଜ୍ୟ ଭାବେ ଏଠାରେ ▶ପୃଷ୍ଠା-୧୦

## ନକଲି ସୁନାରେ ଅସଲି ଠକେଇ

# ୟୁନିୟନ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଗିରଫ

■ ଭୁବନେଶ୍ୱର/ବାଲେଶ୍ୱର,୩୧।୮ (ସମିସ): ନକଲି ସୁନା ଅଳଙ୍କାର ରଖି ଅସଲି ଠକେଇ କରିଥିବା ଅଭିଯୋଗରେ ୟୁନିୟନ୍ ବ୍ୟାଙ୍କର ପୂର୍ବତନ ମ୍ୟାନେଜରଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ଗିରଫ ଅଭିଯୁକ୍ତ ହେଉଛନ୍ତି ସତ୍ୟବ୍ରତ ଭୋଇ। ଗତକାଲି ତାଙ୍କୁ ଭୁବନେଶ୍ୱରରୁ ତାଙ୍କୁ ଗିରଫ ଗିରଫ କରାଯାଇଥିବା ବେଳେ ଆଜି ବାଲେଶ୍ୱରସ୍ଥିତ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି।



ସୁନା ଋଣ ନାଁରେ ୨.୧୨ କୋଟି ଚଳୁ

ଇଓଡବ୍ଲୁ ସୂଚନା ଅନୁଯାୟୀ, ସତ୍ୟବ୍ରତ ୨୦୨୨ ସେପ୍ଟେମ୍ବର ୧୨ ତାରିଖରୁ କେନ୍ଦୁଝର ଜିଲ୍ଲାର ଯୋଡ଼ା ଶାଖାରେ ପରିଚାଳକ ଭାବେ କାର୍ଯ୍ୟରତ ଥିଲେ। ଶାଖାର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ, ବନ୍ଧକ ସୁନାର ଯାଞ୍ଚ, ଋଣ ଗ୍ରହୀତାଙ୍କ ଯୋଗ୍ୟତା ଓ କେୱାଇସି ଯାଞ୍ଚ, ଆବଶ୍ୟକ ଦସ୍ତାବିଜ ଯାଞ୍ଚ, ସୁନା ଋଣ ମଞ୍ଜୁର ଓ ବିତରଣ ସହ ଋଣ ସମ୍ପର୍କିତ ଦସ୍ତାବିଜ ଓ ବନ୍ଧକ ସୁନାର ସୁରକ୍ଷିତ ରକ୍ଷଣାବେକ୍ଷଣ ଦାୟିତ୍ୱ ତାଙ୍କର ଥିଲା। କିନ୍ତୁ ୨୦୨୩ ଜୁନ୍‌ରୁ ୨୦୨୪ ଜୁନ୍ ମଧ୍ୟରେ ସତ୍ୟବ୍ରତ ଅନ୍ୟ କେତେକ ବ୍ୟାଙ୍କ କର୍ମଚାରୀଙ୍କ ସହ ମିଶି ୧୦୦ଟି ସୁନା ଋଣ ମଞ୍ଜୁର କରିଥିଲେ। ନକଲି ସୁନା ଅଳଙ୍କାର ବନ୍ଧକ ରଖି ଓ ଆବଶ୍ୟକ ଦସ୍ତାବିଜ ଯାଞ୍ଚ ନ କରି ମୋଟ ୨ କୋଟି ୧୨ ଲକ୍ଷ ୨୯ ହଜାର ୯୦୦ ଟଙ୍କାର ଋଣ ମଞ୍ଜୁର କରିଥିଲେ। ଅଡିଟ୍ ବେଳେ ଋଣ ହେରଫେର ସାମ୍ନାକୁ ଆସିଥିଲା। ଏହାପରେ ବାଲେଶ୍ୱର ୟୁନିୟନ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଆଶୁତୋଷ ସୁଶୀଲ କୁମାର ପଟ୍ଟନାୟକ ଇଓଡବ୍ଲୁରେ ଏତଲା ଦେବାପରେ ମାମଲା ରୁଜୁ ହୋଇଥିଲା।

ନିର୍ଦ୍ଧାରିତ ନିୟମକୁ ଉଲ୍ଲଂଘନ କରି ନକଲି ସୁନା ଅଳଙ୍କାର ବଦଳରେ ୧୦୦ଟି ସୁନା ଋଣ ମଞ୍ଜୁର କରାଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଋଣ ଫାଇଲ୍‌ରେ ଆବଶ୍ୟକ ଦସ୍ତାବିଜ, କେୱାଇସି ଓ ପ୍ରକୃତ ଋଣଗ୍ରହୀତାଙ୍କ ଦସ୍ତଖତ ନ ଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଏପରିକି ବନ୍ଧକ ସୁନାର “ଗୋଲ୍ଡ ପାଉଚ୍ ଇନ୍-ଆଉଟ୍ ରେଜିଷ୍ଟର’ ମଧ୍ୟ ରକ୍ଷଣାବେକ୍ଷଣ କରାଯାଇ ନ ଥିଲା। ୧୦୦ଟି ସୁନା ଋଣ ଆକାଉଣ୍ଟ ମଧ୍ୟରୁ ୨୩ଟି ବନ୍ଦ ▶ପୃଷ୍ଠା-୧୦

## ଆଇସିୟୁରେ ଆନ୍ନା ହଜାରେ

■ ମୁମ୍ବଇ,୩୧।୮ (ଏଜେନ୍ସି): ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ନେତା ଆନ୍ନା ହଜାରେଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମୁମ୍ବଇର ବମ୍ବେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେ ମହାରାଷ୍ଟ୍ରର ରାଲେଗାଁ ସିଦ୍ଧି ସ୍ଥିତ ତାଙ୍କ ଆଦର୍ଶ ଗ୍ରାମ ନିକଟସ୍ଥ ଏକ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଥିଲା। ତାଙ୍କ ଶରୀରରେ ଗୁରୁତର ଭୂତାଣୁ ସଂକ୍ରମଣ ଏବଂ ଜଳହୀନତା ଦେଖାଦେଇଥିଲା। ଏହାପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ମୁମ୍ବଇ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ବମ୍ବେ ହସ୍ପିଟାଲରେ ଡାକ୍ତର ଗୌତମ ଭଂସାଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ଆନ୍ନାଙ୍କୁ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ରଖାଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି। ସୂଚନାଯୋଗ୍ୟ, ୮୯ ବର୍ଷ ବୟସ୍କ ଏହି ସମାଜସେବୀ ପ୍ରାୟ ଦେଢ଼ ଦଶନ୍ଧି ପୂର୍ବରୁ ଦେଶବ୍ୟାପୀ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ ଆନ୍ଦୋଳନରେ ଅନଶନ କରି ଭାରତରେ ଆଲୋଡନ ସୃଷ୍ଟି କରିଥିଲେ।



## ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସମ୍ପୂର୍ଣ୍ଣ ସୁରକ୍ଷିତ: ମୁଖ୍ୟ ପ୍ରଶାସକ

■ ପୁରୀ, ୩୧।୮ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ଅଳଙ୍କାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ୧୯୭୮ ମସିହାର ତାଲିକା ସହ ବର୍ତ୍ତମାନ ଚାଲିଥିବା ରତ୍ନ ଅଳଙ୍କାରର ଗଣତିମଣତି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ମେଳକ ହେଉଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରଭୁଙ୍କ ରତ୍ନଅଳଙ୍କାରର ଗଣତିମଣତି

■ ୧୯୭୮ ତାଲିକା ସହ ହେଉଛି ମେଳକ
■ ଚାଲିଛି ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି

ପ୍ରକ୍ରିୟା ଜାରି ରହିଛି। ଗତ ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ମେ’ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ରଥଯାତ୍ରା ସମୟରେ ଜୁଲାଇ ୧୯ରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଅଳଙ୍କାରଗୁଡ଼ିକର ମଧ୍ୟ ଗଣତି କରାଯାଇଥିଲା। ସୋମବାର ଥିଲା ଗଣତିମଣତି ପ୍ରକ୍ରିୟାର ୧୬ତମ ଦିନ। ପୂର୍ବାହ୍ଣ ସାଢ଼େ ୧୧ଟାରେ ସକାଳ ଧୂପ ପରେ ଗଣତି ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୫୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ୭ ଘଣ୍ଟା ୨୫ ମିନିଟ୍ ଧରି ଚାଲିଥିବା ଏହି ପ୍ରକ୍ରିୟାରେ ଝୋବାକଣ୍ଠିର ଗଣତିମଣତି କରାଯାଇଥିଲା। ଏହାକୁ ଭଣ୍ଡାର ମେକାପଙ୍କ ଜିମା ଦିଆଯାଇଛି। ଏହାସହ ଚଳନ୍ତି ଭଣ୍ଡାରରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ଗଣତିମଣତି ପ୍ରକ୍ରିୟା ଶେଷ ହୋଇଛି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଭିତର ରତ୍ନଭଣ୍ଡାରରେ କାଠ




ବାକ୍ସରେ ରହିଥିବା କିଛି ମୂଲ୍ୟବାନ ସାମଗ୍ରୀର ଗଣତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେହି କାଠ ବାକ୍ସଗୁଡ଼ିକର ମାପ ନିଆଯାଇଛି। ଏଥିପାଇଁ ତିନିଟି ସେଟ୍‌ର ବାକ୍ସ ପ୍ରସ୍ତୁତ କରାଯିବ। ରାଜ୍ୟ ସରକାର ଏ ନେଇ ଅତିରିକ୍ତ ଏସ୍‌ଓପି ଜାରି କରିଛନ୍ତି। ବଡ଼ ଆକାରର ହୋଇଥିବାରୁ ଭିତର ରତ୍ନଭଣ୍ଡାର ମଧ୍ୟରେ ଏହି ▶ପୃଷ୍ଠା-୧୦

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମ ପଣ୍ଡାଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

■ କଟକ,୩୧।୮ (ସମିସ): ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲ୍ ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ। ଶ୍ରୀ ପଣ୍ଡାଙ୍କ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା ସହ ସାକ୍ଷୀଙ୍କୁ କୌଣସି ଧମକଚମକ ପ୍ରଦାନ କରିବେ ନାହିଁ। ନିମ୍ନ ଅଦାଲତ ଚାହିଁଲେ ଉପଯୁକ୍ତ ସର୍ତ୍ତାରୋପ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ। ଗିରଫ ବେଳେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଓ ୨୨(୧) ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୪୭ ଓ ୪୮ ଅନୁଯାୟୀ ଗିରଫଦାରୀର କାରଣ, ଗିରଫ କରିଥିବା ଅଧିକାରୀଙ୍କ ପକ୍ଷରୁ ଲିଖିତ ଆକାରରେ ଆବେଦନକାରୀ କିମ୍ବା ତାଙ୍କ ପରିବାରର ସଦସ୍ୟଙ୍କୁ ପ୍ରଦାନ କରାଯାଇ ନ ଥିଲା। ଏଣୁ ହାଇକୋର୍ଟ ଏହି ଗିରଫଦାରୀକୁ ଆଇନଗତ ଦୃଷ୍ଟିରୁ ବେଆଇନ ବୋଲି ଦର୍ଶାଇ ଜାମିନ ମଞ୍ଜୁର କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫଦାରୀର ଲିଖିତ କାରଣ ଦର୍ଶାଇବା ବାଧ୍ୟତାମୂଳକ ଦର୍ଶାଇ କେତେକ ମାମଲାରେ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିଲେ ବି ଏହା କାର୍ଯ୍ୟକାରୀ ହେଉନାହିଁ। ଏଣୁ ମୁଖ୍ୟ ବିଚାରପତିଙ୍କ ସମ୍ମତି ପୂର୍ବକ ଏହି ନିର୍ଦ୍ଦେଶନାମାର କପି ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କୁ ପ୍ରେରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟର ସମସ୍ତ ପୁଲିସ ଥାନା ଗୁଡିକ ଯେପରି ଗିରଫଦାରୀ ସମୟରେ ସମ୍ବିଧାନ ଓ ବିଏନଏସଏସର ସମସ୍ତ ଗାଇଡଲାଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ କରିବେ ସେ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ୨୦୨୫ ଅକ୍ଟୋବର ୬ତାରିଖ ରାତିରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗରସ୍ଥିତ ନିଜ ବାସଭବନକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ପୀତାବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିଥିଲେ। ପୁଲିସ ରାଜନୈତିକ ଓ ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ଓ ଏଥିରେ ଆବେଦନକାରୀ ବିକ୍ରମ ପଣ୍ଡାଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଇ ୨୦୨୫ ଅକ୍ଟୋବର ୨୨ ତାରିଖରେ ପୁଲିସ ଗିରଫ କରିଥିଲା। ପୂର୍ବରୁ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତ ବିକ୍ରମଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ, ଯାହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ଓ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥି ନାୟକ ଓ ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଥିଲେ।



ଗିରଫଦାରୀର କାରଣ ଦର୍ଶାଇବା ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରିବାକୁ ଅଦାଲତଙ୍କ ଗୁରୁତ୍ୱ

## ନିମ୍ନମାନର କାମକୁ ବିରୋଧ କରିବାରୁ କନିଷ୍ଠଯନ୍ତ୍ରୀଙ୍କୁ ବିଜେପି ସମର୍ଥିତ ବ୍ଲକ୍ ଉପାଧ୍ୟକ୍ଷଙ୍କ ଆକ୍ରମଣ

■ ନୀଳଗିରି, ୩୧।୮ (ସମିସ): ନିମ୍ନମାନର କାମକୁ ବିରୋଧ କରିବାରୁ ନୀଳଗିରି ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ ରମେଶ ସିଂଙ୍କ ଉପରେ ବିଜେପି ସମର୍ଥିତ ନୀଳଗିରି ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳଙ୍କ ଆକ୍ରମଣ। ଯନ୍ତ୍ରୀ ଶ୍ରୀ ସିଂଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝିଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଥିଲେ। ରବିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ନୀଳଗିରି ବ୍ଲକ ଅଧୀନସ୍ଥ ତେନ୍ତୁଳିଆ ପଞ୍ଚାୟତ ବାଉରିଓରା ଗ୍ରାମରେ ଏକ ରାସ୍ତା କାମ ଦେଖିବା ପାଇଁ ନୀଳଗିରି ବ୍ଲକ ଯନ୍ତ୍ରୀ ରମେଶ ସିଂଙ୍କୁ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ ଡାକିଥିଲେ। ଯନ୍ତ୍ରୀ ଶ୍ରୀ ସିଂ ବାଉରିଓରା ▶ପୃଷ୍ଠା-୧୦

# କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦଙ୍କ ପରଲୋକ

■ ଭୁବନେଶ୍ୱର ୩୧।୮ (ସମିସ): ଓଡ଼ିଶା ପୁଲିସର ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଆଇଜି ସଫିନ ଅହମ୍ମଦ କେ.ଙ୍କ ପରଲୋକ ଘଟିଛି। ଦୀର୍ଘଦିନ ଧରି କ୍ୟାନ୍ସରରେ ପୀଡ଼ିତ ଥିବା ସଫିନ କେରଳରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ପୁଲିସ ମହଲରେ ଶୋକର ଛାୟା ଖେଳିଯାଇଛି। ୧୯୭୬ ମସିହାରେ କେରଳମ୍‌ରେ ଜନ୍ମଗ୍ରହଣ କରିଥିବା ସଫିନ ଅହମ୍ମଦ ୨୦୦୩ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ଭାବେ ପୁଲିସ ସେବାରେ ଯୋଗଦେଇଥିଲେ। ୨୦୦୫ରେ ସୁନ୍ଦରଗଡ଼ ଜିଲ୍ଲାରେ ଟ୍ରେନିଂ ଗ୍ରହଣ କରି ପ୍ରଥମେ ଗୁଣୁପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ପାଇଥିଲେ। ଦୀର୍ଘ ପୁଲିସ ସେବା କାଳରେ ସେ ଦେବଗଡ଼, ଝାରସୁଗୁଡ଼ା, ଗଜପତି, ଭିଜିଲାନ୍ସ, ବ୍ରହ୍ମପୁର ଓ କଳାହାଣ୍ଡି ଜିଲ୍ଲାରେ ଏସ୍‌ପି ଭାବେ ନିଜର ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିଥିଲେ। ନକ୍ସଲ ଦମନ କ୍ଷେତ୍ରରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୫ ବର୍ଷ ନିମନ୍ତେ ନିଜ ରାଜ୍ୟ କେରଳମ୍‌କୁ ଡେପୁଟେସନ୍‌ରେ ଯାଇ ଏସ୍‌ପି (କମ୍ପ୍ୟୁଟର) ତିରୁଅନନ୍ତପୁରମ୍, ଏଆଇଜି ମୁଖ୍ୟାଳୟ ଓ ଡିଆଇଜି (ଆଡ୍‌ମିନ), ଡିଆଇଜି (ଆର୍ମଡ୍ ପୁଲିସ ବାଟାଲିୟନ) ଭଳି ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। କେରଳମ୍ ରାଜ୍ୟରେ ନକ୍ସଲ ଦମନ ଅଭିଯାନର ମୂଳଦୂଆ ପକାଇବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ୨୦୧୯ ମସିହାରେ ଓଡ଼ିଶାକୁ ଫେରି ସେ ଡିଆଇଜି (ମୁଖ୍ୟାଳୟ) କଟକ, ▶ପୃଷ୍ଠା-୧୦



ଶୋକ ବ୍ୟକ୍ତକଲେ ମୋହନ, ନବୀନ

## ଚାକିରି ଛାଡ଼ିଲେ ରାଷ୍ଟ୍ରପତିଙ୍କ ଏଡିସି ମେଜର ଋଷଭ ସିଂହ

■ ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏଡ଼ିସି ମେଜର ଋଷଭ ସିଂହ ସାମ୍ବ୍ୟାଲ ନିଜ ପଦ ଓ ଭାରତୀୟ ସେନାରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ବ୍ୟକ୍ତିଗତ ଓ ପାରିବାରିକ କାରଣ ଥିବା କୁହାଯାଉଛି। ପଦ ଛାଡ଼ିବା ପରେ ମେଜର ଋଷଭ ସିଂହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ରାଷ୍ଟ୍ରପତି ଭବନର ଡିଜିଟାଲ ଫଟୋ ଲାଇବ୍ରେରୀରେ ଋଷଭଙ୍କୁ ‘ରିଟାୟର୍ଡ ଫର୍ମର ଏଡିସି’ ଭାବେ ଉଲ୍ଲେଖ କରାଯାଇଛି। ଋଷଭ ସିଂହ ସାମ୍ବ୍ୟାଲ ପ୍ରଥମେ ୨୦୨୧ରେ ଜାଠ୍ ରେଜିମେଣ୍ଟର କ୍ୟାପ୍‌ଟେନ ଭାବେ ଗଣତନ୍ତ୍ର ଦିବସ ▶ପୃଷ୍ଠା-୧୦

# ତିନି ପୁଅ ଜନ୍ମ କଲେ; କେହି ପଚାରୁନାହାନ୍ତି

■ ଭଦ୍ରକ,୩୧।୮ (ସମିସ): ବୟସର ଅପରାହ୍ଣରେ ପହଞ୍ଚିଥିବା ଜଣେ ୧୦୫ ବର୍ଷୀୟା ବୃଦ୍ଧା ମା’ଙ୍କୁ ନିଜର ତିନି ପୁଅ ଖାଇବା ଓ ରହିବାକୁ ଦେଉ ନ ଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୃଦ୍ଧା ଜଣକ ଭଦ୍ରକ ପୁରୁଣାବଜାର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଘଟଣାଟି ଭଦ୍ରକ ମ୍ୟୁନିସିପାଲିଟି ଅନ୍ତର୍ଗତ ମୁଲ୍ଲାସାହି ଅଞ୍ଚଳର ଏହି ଘଟଣା ବୋଲି ଜଣାପଡ଼ିଛି।



୧୦୫ ବର୍ଷୀୟା ମାଆ ଥାନାର ଦ୍ୱାରସ୍ଥ

ସୂଚନା ଅନୁସାରେ, ମୁଲ୍ଲାସାହି ଅଞ୍ଚଳର ଏହି ବୃଦ୍ଧାଙ୍କ ବୟସ ପ୍ରାୟ ୧୦୫ ବର୍ଷ। ବୃଦ୍ଧାବସ୍ଥା ଯୋଗୁଁ ସେ ନିଜେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ। ଏଭଳି ସମୟରେ ନିଜ ସନ୍ତାନମାନଙ୍କ ସହାୟତା ଓ ଆଶ୍ରୟ ହିଁ ତାଙ୍କର ଏକମାତ୍ର ଭରସା ବୋଲି ପରିବାର ପକ୍ଷରୁ କୁହାଯାଇଛି। ବୃଦ୍ଧାଙ୍କ କହିବା ଅନୁଯାୟୀ, ତାଙ୍କ ବଡ଼ ପୁଅ ଦୀର୍ଘ ଦିନ ଧରି ତାଙ୍କୁ ନିଜ ପାଖରେ ରଖି ଆସୁଥିଲେ। ବୃଦ୍ଧାଙ୍କ ଦେଖାଶୁଣା ଓ ଖାଦ୍ୟପାନୀୟର ବ୍ୟବସ୍ଥା ମଧ୍ୟ କରୁଥିଲେ। କିନ୍ତୁ ପୁଅଙ୍କ ବେପାର ବାଣିଜ୍ୟ ଠିକ୍ ଭାବେ ଚାଲୁ ନ ଥିବାରୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ରହିଛି। ଫଳରେ ବୃଦ୍ଧାଙ୍କ ଖାଇବା, ରହିବା ଓ ଦେଖାଶୁଣାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ, ତାଙ୍କର ତିନି ପୁଅ ଥିଲେ ମଧ୍ୟ ବର୍ତ୍ତମାନ ତାଙ୍କୁ ଠିକ୍ ଭାବରେ ଖାଇବାକୁ ଓ ରହିବାକୁ ଦିଆଯାଉନାହିଁ। ଏହି ବୟସରେ ନିଜ ସନ୍ତାନଙ୍କଠାରୁ ଆଶ୍ରୟ ନ ପାଇ ସେ ଅସହାୟ ଅବସ୍ଥାରେ ପଡ଼ିଥିବା କହିଛନ୍ତି। ଶେଷରେ ନିରାଶ ହୋଇ ନ୍ୟାୟ ଆଶାରେ ପୁରୁଣାବଜାର ଥାନାରେ ପହଞ୍ଚି ନିଜ ଅଭିଯୋଗ ଜଣାଇଥିବା ସୂଚନା ମିଳିଛି। ଏହି ଘଟଣା ବୃଦ୍ଧ ପିତାମାତାଙ୍କ ପ୍ରତି ସନ୍ତାନଙ୍କ ଦାୟିତ୍ୱ ଓ ପାରିବାରିକ ମୂଲ୍ୟବୋଧକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ବୃଦ୍ଧାଙ୍କ ଅଭିଯୋଗ ଆଧାରରେ ପୁରୁଣାବଜାର ପୁଲିସ ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ପରିବାରର ସଦସ୍ୟମାନଙ୍କ ସହ ଆଲୋଚନା କରିବା ଆବଶ୍ୟକତା ଦେଖାଦେଇଛି। ଜୀବନର ଏହି ଶେଷ ସମୟରେ ୧୦୫ ବର୍ଷୀୟା ବୃଦ୍ଧାଙ୍କୁ ସୁରକ୍ଷିତ ଆଶ୍ରୟ, ଖାଦ୍ୟ ଓ ଆବଶ୍ୟକ ଯତ୍ନ ମିଳିବା ନେଇ ସ୍ଥାନୀୟ ମହଲରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ନିଜ ଜନ୍ମଦାତ୍ରୀ ମା’ ଜୀବନର ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ତାଙ୍କ ଦେଖାଶୁଣା ଓ ସୁରକ୍ଷା ନେବା ସନ୍ତାନଙ୍କ ମାନବୀୟ ଦାୟିତ୍ୱ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଓଲଟପାଲଟ



ପାଠ୍ୟ ପୁସ୍ତକରେ ହଜାରେ ଭୁଲ୍
ହେବ ପୁଣି ସଂଶୋଧନ,
ଏମନ୍ତ ବହିକୁ ଛପା ହେବା ପାଇଁ
ଗଲା କୋଟି କୋଟି ଧନ।
ନ ଲାଗିଲା ଅପମାନ,
ସେପ୍ଟେମ୍ବରରେ ବହି ବଣ୍ଟାଯିବ
ଦକଦକ ହୁଏ ମନ
ପରୀକ୍ଷା ହେବ କେସନ।
*- ଯାଯାବର*

# ଆଉ ୫୦ ବର୍ଷରେ ଧ୍ୱଂସ ପାଇଯିବ ପୃଥିବୀ!

■ ୱାଶିଂଟନ,୩୧।୮ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବଢୁଥିବା ବେଳେ ସ୍ପେସ ଏକ୍ସ ମୁଖ୍ୟ ଏଲନ୍ ମସ୍କ ଏହି ସମୟରେ ଏକ ଭୟଙ୍କର ଚେତାବନୀ ଦେଇଛନ୍ତି। କେବଳ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରକୁ ବଢ଼ାଇଲେ ଜଳବାୟୁ ପରିବର୍ତ୍ତନ ବିପଦରୁ ପୃଥିବୀକୁ ସୁରକ୍ଷା ପ୍ରଦାନ ସମ୍ଭବ ନୁହେଁ। ଭବିଷ୍ୟତରେ ପୃଥିବୀର ତାପମାତ୍ରା ନିୟନ୍ତ୍ରଣ ପାଇଁ ବୃହତ୍ ମହାକାଶୀୟ ଜିଓ-ଇଞ୍ଜିନିୟରିଂ ଭଳି ପ୍ରଯୁକ୍ତିର ଆବଶ୍ୟକତା ପଡ଼ିପାରେ। ଏ ଦିଗରେ ଯଦି ଏବେଠାରୁ କାମ କରା ନ ଯିବ, ତେବେ ୫୦ ବର୍ଷ ପରେ ପୃଥିବୀର ଅସ୍ତିତ୍ୱ ହୁଏତ ଧ୍ୱଂସ ପାଇଯିବ

ପୃଥିବୀ ଉପରେ ‘ସେନ୍ସିଏଣ୍ଟ ସାଟେଲାଇଟ୍’ ଆଚ୍ଛାଦନ ଜରୁରୀ

ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ମସ୍କ କହିଛନ୍ତି ଯେ ପ୍ରାୟ ପ୍ରତି ୧୦ କୋଟି ବର୍ଷରେ ଅତ୍ୟନ୍ତ ଗୁରୁତର ବିଲୁପ୍ତି ଘଟଣା ଘଟିଥାଏ। ଏଭଳି ବଡ଼ ବିପଦକୁ ରୋକିବା ଏକ ଆହ୍ୱାନ। ପୃଥିବୀର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବା ପାଇଁ ମହାକାଶ ଉପଗ୍ରହ ଓ ବୃହତ୍ ପରିମାଣର ଜିଓ-ଇଞ୍ଜିନିୟରିଂ

## ପୃଥିବୀକୁ ବଞ୍ଚାଇବାକୁ ମହାକାଶୀୟ ଜିଓ-ଇଞ୍ଜିନିୟରିଂ ଆବଶ୍ୟକ: ମସ୍କ

ଆବଶ୍ୟକ ହୋଇପାରେ। ଏଭଳି ପଦକ୍ଷେପ ନ ନିଆଗଲେ ଭବିଷ୍ୟତରେ ପରିସ୍ଥିତି ‘ଗେମ୍ ଓଭର୍’ ଭଳି ହୋଇପାରେ। ଜଳବାୟୁ ସଙ୍କଟର ଦୀର୍ଘକାଳୀନ ସମାଧାନ ପାଇଁ ମସ୍କ ଏକ ଅତ୍ୟାଧୁନିକ ପ୍ରଯୁକ୍ତିଗତ କାର୍ଯ୍ୟର ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ସୌର ଶକ୍ତିଚାଳିତ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଇଓ) ନିୟନ୍ତ୍ରିତ ‘ସେନ୍ସିଏଣ୍ଟ ସାଟେଲାଇଟ୍’ର ଏକ ବିଶାଳ ସମୂହ ପୃଥିବୀ-ସୂର୍ଯ୍ୟ ଲାଗ୍ରାଞ୍ଜ ପଏଣ୍ଟରେ ସ୍ଥାପନ କରାଯାଇପାରେ। ଏହି ଉପଗ୍ରହଗୁଡ଼ିକ ପୃଥିବୀରେ ପହଞ୍ଚୁଥିବା ସୌର ଶକ୍ତିର ପରିମାଣରେ ସୂକ୍ଷ୍ମ ପରିବର୍ତ୍ତନ ଆଣି ତାପମାତ୍ରା ନିୟନ୍ତ୍ରଣରେ ସହାୟକ ହୋଇପାରିବ। ଚନ୍ଦ୍ରରେ ନିର୍ମାଣ ହୋଇଥିବା ‘ମାସ୍ ଡ୍ରାଇଭର୍’ ମାଧ୍ୟମରେ ଏହି ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଯାଇପାରିବ। ଚନ୍ଦ୍ରର ଅପେକ୍ଷାକୃତ କମ୍ ମାଧ୍ୟାକର୍ଷଣକୁ ବ୍ୟବହାର କରି ବୃହତ୍ ପରିମାଣର ବସ୍ତୁକୁ ମହାକାଶକୁ ପଠାଇବାର ଏହି ପ୍ରଣାଳୀ ଭବିଷ୍ୟତରେ ଉପଯୋଗୀ ▶ପୃଷ୍ଠା-୧୦

## ବିଜେଡି ଏସ୍‌ସି ସେଲ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ତାଳଚେର,୩୧।୮ (ସମିସ): ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନ ପକ୍ଷରୁ ବିଜେଡିର ନବନିଯୁକ୍ତ ରାଜ୍ୟ ଏସ୍‌ସି ସେଲ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସାହୁ ତାଳଚେରର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବା ବେଳେ ଜଣେ ସୁସଂଗଠକ ଭାବେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ପରିଚିତ। ସେ ଦୈନିକ ଖବରକାଗଜ ଆଗେଇବାର ସମ୍ପାଦକ ମଧ୍ୟ ଅଛନ୍ତି। ଏହି ପଦ ମିଳିବା ପରେ ସାହୁ ତାଳଚେରରେ ପହଞ୍ଚିବା ପରେ ଦେଉଳବେଡ଼ାସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବିନୟ ଖୁଣ୍ଟିଆ, ତ୍ରିନାଥ ସାହୁ, ପୂର୍ବତନ ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ତପନ କୁମାର ମହାରଣା, ଜିତେନ୍ଦ୍ର ମହାପାତ୍ର, କୃଷ୍ଣବିହାରୀ ସାମଲ, ସଲିମ୍ ଖାଁ, ପ୍ରମୁଖ ଉପସ୍ଥିତ ଥିଲେ।

● ବନ୍ଧୁକ ଚାଳନା ପ୍ରତିଯୋଗିତା

## ତାଳଚେର ରାଇଫଲ କ୍ଲବର ବାଜିମାତ




ତାଳଚେର,୩୧।୮ (ସମିସ): ଅଗଷ୍ଟ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆସାମଠାରେ ଅନୁଷ୍ଠିତ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ତାଳଚେର ରାଇଫଲ କ୍ଲବର ପ୍ରତିଯୋଗୀମାନେ ବାଜିମାତ କରିଛନ୍ତି। ଏଥିରେ ତାଳଚେର ରାଇଫଲ କ୍ଲବର ୯ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହିଳା ବର୍ଗ ୦.୨୨ ଏୟାର ପିସ୍ତଲରେ ସ୍ୱାତୀରାଣୀ ଗଡ଼ନାୟକ, ୦.୧୭୭ ପିସ୍ତଲରେ ରିତିକା ରାଜ ଓ ସାଇନା ସାହୁ ବିଜୟୀ ହୋଇଥିବା ବେଳେ ୦.୧୭୭ ପିପିସାଇଟ୍ ପୁରୁଷ ବିଭାଗରେ ଆୟୁଷ୍ମାନ ଦାସ, ଅମୃତ ଆନନ୍ଦ, ସୋମନାଥ ବାରିକ, ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି।

## ଦୋହଲ୍ଲୀ ସ୍କୁଲରେ ନୂଆ ପ୍ରଧାନଶିକ୍ଷକ



କିଶୋରନଗର,୩୧।୮ (ସମିସ): କିଶୋରନଗର ବ୍ଲକ ଦୋହଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ଭାବେ ପ୍ରଦୀପ କୁଅଁର ଯୋଗଦେଇଛନ୍ତି। ତାଙ୍କୁ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ନୁନକାପଶି ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୩୧।୮ (ସମିସ): କିଶୋରନଗର ବ୍ଲକ ନୁନକାପଶି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାୟକ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ଦାମ୍ପିନୀ ସାହୁ, ଆରଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଡିଇଓ (ଆରସିଏମ୍) ସ୍ମିତା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



### ସୁନା ସଫା ଆଳରେ ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାସ

# ଆନ୍ତଃରାଜ୍ୟ ଠକ ଗିରଫ, ଚୋରି ସୁନା ଅଳଙ୍କାର ଉଦ୍ଧାର

ଅନୁଗୋଳ,୩୧।୮ (ସମିସ): ସୁନା ସଫା ଆଳରେ ଠକେଇ କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ଅନୁଗୋଳ ପୁଲିସ। ଅଭିଯୁକ୍ତ ବିହାର ରାଜ୍ୟର ଚନ୍ଦନ କୁମାର ଦାସ (୩୯) ଏବଂ ସର୍ବଣ କୁମାର ସାହ (୨୫) ସମେତ ସେମାନଙ୍କୁ ଆଶ୍ରୟ ଦେଇଥିବା ତାଳଚେର ଥାନା କଲହର ଅଞ୍ଚଳର ପୁରୁଷୋତ୍ତମ ନାୟକ (୪୦) ଓ ସନ୍ତପଡ଼ା ଗ୍ରାମର କୌଶର ଅଲ୍ଲୀଙ୍କୁ ଛେଣ୍ଡିପଦା ପୁଲିସ ଗିରଫ କରିଛି। ଏମାନଙ୍କ ନିକଟରୁ ଚୋରି ହୋଇଥିବା ସୁନା ଅଳଙ୍କାର ଏବଂ ଅପରାଧରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ତିନିଟି ସୁନା ଚେନ, ଗୋଟିଏ ଭଙ୍ଗା ସୁନାଚେନ, ଗୋଟିଏ ସ୍କିଡ୍ ବାଇକ୍, ଦୁଇଟି ମୋବାଇଲ୍ ଫୋନ୍, ୧୮ ପ୍ୟାକେଟ୍ ଅଳଙ୍କାର ସଫା ପାଉଡର ଓ ୧୫ ବୋତଲ ତରଳ ରହିଛି। ଏହି ଗ୍ୟାଙ୍ଗର ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଅନୁଗୋଳ ଏସ୍‌ପି ରାହୁଲ ଜୈନ୍ ଏକ





ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ସୁନା ଅଳଙ୍କାର ସଫା/ପଲିସ କରିବା ବାହାନାରେ ଲୋକଙ୍କ ସହ ବିଶେଷକରି ମହିଳା ଏବଂ ବୟସ୍କ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରୁଥିଲେ। ସେମାନଙ୍କ ବିଶ୍ୱାସ ହାସଲ କରିବା ପରେ ବିଭ୍ରାନ୍ତିକର ଭାବେ କ୍ଲିନିଂ ପାଉଡର/ତରଳ ବ୍ୟବହାର କରୁଥିଲେ। ପରେ ଗୁପ୍ତ ଭାବେ ଅଳଙ୍କାର ନେଇ ପଳାଇ ଯାଉଥିଲେ। ଗତ ୨୬ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଛେଣ୍ଡିପଦା ଥାନା ମାଳିସାହିର ସ୍ୱର୍ଗତ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ପ୍ରତିମା ପ୍ରଧାନ (୭୫)ଙ୍କୁ ଅଭିଯୁକ୍ତ ଚନ୍ଦନ ଏବଂ ସର୍ବଣ ଯୋଗାଯୋଗ କରି ତାଙ୍କ ସୁନା ଅଳଙ୍କାର ସଫା କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରତିମା ପ୍ରାୟ ୨୦ ଗ୍ରାମ ଓଜନର ଏକ ସୁନା ଚେନ୍ ସଫା କରିବାକୁ ଦେଇଥିଲେ। ସଫା ପ୍ରକ୍ରିୟା ସମୟରେ ଅଭିଯୁକ୍ତମାନେ ଏକ ଧଳା ରଙ୍ଗର ପାଉଡର ଆଣିଥିଲେ ଏବଂ ପରିସ୍ଥିତିର ସୁଯୋଗ ନେଇ ସୁନା ଚେନ୍ ସହ ବାଇକ୍‌ରେ ଚମ୍ପଟ ମାରିଥିଲେ। ପରେ ଅଭିଯୁକ୍ତମାନେ ଉକ୍ତଦିନ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କୋଶଳାରେ ସମାନ ଭାବରେ ଆଉଜଣେ ମହିଳାଙ୍କୁ ଠକି ପ୍ରାୟ ୨୦ ଗ୍ରାମ ଓଜନର ସୁନା ଚେନ୍ ନେଇଯାଇଥିଲେ।

ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ବିଭିନ୍ନ ଜିଲ୍ଲା ଏବଂ ଅନ୍ୟ ରାଜ୍ୟରେ ମଧ୍ୟ କାର୍ଯ୍ୟ କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗର ସଦସ୍ୟ। ସେମାନଙ୍କ ଗତିବିଧିକୁ ସହଜ ଏବଂ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ବିଭିନ୍ନ ସ୍ଥାନରେ ଏମାନେ ଭଡ଼ାଘର ନେଇ ସ୍ଥାନୀୟ ଲୋକଙ୍କୁ ଗ୍ୟାଙ୍ଗରେ ସାମିଲ କରୁଥିଲେ। ପ୍ରାୟ ୨ ମାସ ପୂର୍ବରୁ ଅଭିଯୁକ୍ତ ଚନ୍ଦନ ଏବଂ ତାଙ୍କ ସହଯୋଗୀମାନେ ତାଳଚେର ଥାନା ସନ୍ଥପଡ଼ାରେ ଏକ ଘର ଭଡ଼ା ନେଇ ଅନୁଗୋଳ ଅଞ୍ଚଳରେ ଅପରାଧ ଘଟାଉଥିଲେ। ପୁଲିସ ଏହି ମାମଲାରେ ଘର ମାଲିକ ଏବଂ ସହାୟତା ପ୍ରଦାନକାରୀ ସମେତ ଅଭିଯୁକ୍ତମାନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଏସ୍‌ପି ଜୈନ ସୂଚନା ଦେଇଛନ୍ତି। ତଦନ୍ତକାରୀ ଟିମ୍‌ରେ ଏସଆଇ ସ୍ମୃତିରଞ୍ଜନ ନାୟକ, ଏଏସଆଇ ଯୁଗଳ କିଶୋର ରାଉତ, କର୍ମଚାରୀ ସତ୍ୟବ୍ରତ ସାହୁ, ଦୀପକ ଗଡ଼ନାୟକ, ଦୈତାରୀ ପଧାନ ସାମିଲ ଥିଲେ।

## ନାଲକୋ ଡିପିଏସରେ ଫି' ବୃଦ୍ଧିକୁ ନେଇ ଅସନ୍ତୋଷ

ନାଲକୋ ନଗର,୩୧।୮ (ସମିସ): ନାଲକୋସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ)ର ଅହେତୁକ ଫି' ବୃଦ୍ଧିକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସୋମବାର ଅନୁଗୋଳ, ନାଲକୋ, କାଣ୍ଡସର, କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ, କନ୍ୟାବେଡ଼ା ଆଦି ପାଶ୍ୱର୍ାଞ୍ଚଳର ଅଭିଭାବକଙ୍କୁ ନେଇ ସ୍ଥାନୀୟ ଏକ ହୋଟେଲରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ।



ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସଂଘ (ପିଟିଏ) ଗଠନ ହୋଇନାହିଁ। ସିବିଏସ୍‌ଇ ଗାଇଡଲାଇନ ଅନୁସାରେ ଫି' ବୃଦ୍ଧି କରିବାକୁ ହେଲେ ପିଟିଏର ଅନୁମୋଦନ ନେବା ବାଧ୍ୟତାମୂଳକ। ମାତ୍ର ବିନା ପିଟିଏ ଗଠନ ଓ ବିନା ଅନୁମୋଦନରେ ସ୍କୁଲ କର୍ତ୍ତୃପକ୍ଷ ବେଆଇନ ଭାବେ ଫି' ବୃଦ୍ଧି କରିଛନ୍ତି। ସିବିଏସଇ ନିୟମ ଅନୁଯାୟୀ ବାର୍ଷିକ ୮ରୁ ୧୦ ପ୍ରତିଶତ ଫି' ବୃଦ୍ଧି କରାଯାଇପାରିବ। ମାତ୍ର ୨୦୨୫-୨୬ ବର୍ଷରେ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ଫି' ୧୬,୪୨୦ ଟଙ୍କା ରହିଥିବା ବେଳେ ଚଳିତ ୨୦୨୬-୨୭ ବର୍ଷ ପାଇଁ ୩୮,୫୦୦ ଟଙ୍କା ଅର୍ଥାତ ୧୩୨ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିଭଳି ନବମରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ବାର୍ଷିକ ଫି' ୧୮,୧୦୦ ଟଙ୍କାରୁ ୫୦,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଯାହା ୨୦୦%ରୁ ଊର୍ଦ୍ଧ୍ୱ ହୋଇଥିବାରୁ ଅଭିଭାବକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ନବରତ୍ନ କମ୍ପାନୀ ନାଲକୋ ବାର୍ଷିକ ୫୮୧୬ କୋଟି ଟଙ୍କା ଲାଭ କରୁଥିବା ସତ୍ତ୍ୱେ ନିଜସ୍ୱ ସ୍କୁଲରେ କିଭଳି ବେଆଇନ ଭାବେ ଫି' ବୃଦ୍ଧିକୁ ପ୍ରଶ୍ରୟ ଦିଆଯାଉଛି ବୋଲି ଅଭିଭାବକମାନେ ନିନ୍ଦା କରିଛନ୍ତି।

## ବିଦ୍ୟାଳୟରେ ବିଜ୍ଞାନ ଆଲୋଚନାଚକ୍ର

ଖମାର,୩୧।୮ (ସମିସ): ପାଲଲହଡ଼ା ବ୍ଲକ୍ ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ରାଉତ ସଭା ପରିଚାଳନା କରିଥିବା ବେଳେ ପାଲଲହଡ଼ା ବିଇଓ ଲକ୍ଷ୍ମୀଧର ଦେହୁରୀ ମୁଖ୍ୟଅତିଥି, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଆତ୍ମଜ କୁମାର ଗଡ଼ନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ତଥା ବିଚାରକ ଭାବେ କୁଲାବିର ଚନ୍ଦ୍ରଶେଖର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ବିଶ୍ୱେଶ୍ୱର ପ୍ରଧାନ ଓ ଗଣ୍ଡବରିଣି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହତାବ ଉଚ୍ଚବିଦ୍ୟାଳୟର ମହମ୍ମଦ ଫାରହାନ ପ୍ରଥମ, ଖମର ଉତ୍କଳମଣି ଗୋପବନ୍ଧୁ ଉଚ୍ଚବିଦ୍ୟାପୀଠର ସ୍ୱଦୀପ୍ତଶ୍ରୀ ପ୍ରଧାନ ଦ୍ୱିତୀୟ ଓ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାପୀଠର ସମୀକ୍ଷା ଶ୍ରାବଣୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧନେଶ୍ୱର ପ୍ରଧାନ ମୁଖ୍ୟଅତିଥି ଓ ଖାନ ଏକାଡେମୀର ଡିଭିଜନାଲ କୋଅର୍ଡିନେଟର ଦୀପକ କୁମାର ବେହେରା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ହେମନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କନ୍ଦର୍ପ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।




● ତାଳଚେରରେ ବୀଭତ୍ସ ହତ୍ୟାକାଣ୍ଡ

## ଛୁରାମାଡ଼ରେ ଜଣେ ମୃତ, ଜଣେ ଗୁରୁତର

ତାଳଚେର,୩୧।୮ (ସମିସ): ତାଳଚେର ଅଞ୍ଚଳରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁଇ ସାଙ୍ଗଙ୍କ ମଧ୍ୟରେ ବଚସାକୁ ନେଇ ଛୁରାମାଡ଼ରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ତାଳଚେର କୋଲିୟରୀ ଥାନା ଗଣେଶ ବିହାର ଅଞ୍ଚଳରେ ଭଡ଼ା ଘରେ ରହୁଥିବା ହେମନ୍ତ ମହାରଣା। ତାଙ୍କ ସହ ଉକ୍ତ ଘରେ ରହୁଥିବା କାହ୍ନୁଚରଣ ଜେନାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟ ରେଲୱେ କର୍ମଚାରୀ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ରବିବାର ରାତିରେ ହେମନ୍ତ ଓ କାହ୍ନୁଚରଣଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇ ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ପରସ୍ପରକୁ ଛୁରାମାଡ଼ କରିବାରୁ ହେମନ୍ତଙ୍କ ମୃତ୍ୟୁ ହୋଇଛି। ତେବେ ଦୁଇ ସାଙ୍ଗଙ୍କ ମଧ୍ୟରେ ଏପରି କାଣ୍ଡ କାହିଁକି ଘଟିଲା ତାହାକୁ ନେଇ ନାନା ସନ୍ଦେହ ଉପୁଜିଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘର କବାଟ ଭାଙ୍ଗି ଗୁରୁତର ଅବସ୍ଥାରେ କାହ୍ନୁଚରଣଙ୍କୁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୁଲିସ୍ କହିଛି।

■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଶିଶୁ ହୃଦରୋଗ ପରୀକ୍ଷା ଶିବିର

## ୧୧୫ ପିଲାଙ୍କ ପରୀକ୍ଷା, ଗୁରୁତରଙ୍କୁ ମିଳିବ ମାଗଣା ଅସ୍ତ୍ରୋପଚାର

ଅନୁଗୋଳ,୩୧।୮ (ସମିସ): ଜାତୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଏବଂ ବେଙ୍ଗାଲୁରୁସ୍ଥିତ ନାରାୟଣ ହୃଦୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ, କିଶୋର ଓ କିଶୋରୀଙ୍କ ହୃଦରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୧୫ ପିଲାଙ୍କ ହୃଦରୋଗ ପରୀକ୍ଷା କରାଯାଇଥିଲା। ଜନ୍ମରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଜିଲ୍ଲାରେ ଏହି ଶିବିର ଦ୍ୱିତୀୟ ଥର ଆୟୋଜନ କରାଯାଇଛି। ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟରୁ ଚିହ୍ନଟ ହୋଇଥିବା ପିଲାମାନଙ୍କ ପରୀକ୍ଷା କରାଯାଇଛି। ଗୁରୁତର ଚିହ୍ନଟ ପିଲାମାନଙ୍କର ବେଙ୍ଗାଲୁରୁସ୍ଥିତ ନାରାୟଣ ହୃଦୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର କରାଯିବ। ସରକାର ଏଥିପାଇଁ ସମସ୍ତ ସୁବିଧା ଯୋଗାଇଦେବା ସହ ରୋଗୀଙ୍କ ଯାତାୟାତ ଖର୍ଚ୍ଚ ମଧ୍ୟ ବହନ କରିବେ।

ଶିବିରରେ ନାରାୟଣ ହୃଦୟାଳୟର ବିଶିଷ୍ଟ ଶିଶୁ ହୃଦରୋଗ ବିଶେଷଜ୍ଞ ଡା. ଅତୁଲ ସୁରେନ୍ଦ୍ର ପ୍ରଭୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଶିବିରକୁ ଉଦଘାଟନ କରି ଏହାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଡିଏମ୍‌ଓ (ଏମ୍‌ଏସ୍) ଡା. ଦିଲୀପ ପଟ୍ଟନାୟକ କହିଥିଲେ ଯେ ବର୍ତ୍ତମାନ ସମୟରେ ଅନେକ ପିଲା ଜନ୍ମଗତ ହୃଦରୋଗରେ ପୀଡ଼ିତ ହେଉଛନ୍ତି। ଏହାର ଚିକିତ୍ସା ଅତ୍ୟନ୍ତ ଖର୍ଚ୍ଚବହୁଳ ହୋଇଥିବାରୁ ସରକାରଙ୍କ ଏହି ପଦକ୍ଷେପ ଗରିବ ଶ୍ରେଣୀର ରୋଗୀଙ୍କ ପାଇଁ ବେଶ୍ ସହାୟକ ହୋଇପାରିବ।




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୃଷ୍ଣଚନ୍ଦ୍ର ପାଲ, ଡିପିଏମ୍ ସୌମ୍ୟାରାଣୀ ଗୌଡ଼, ଆରବିଏସ୍‌କେ ମ୍ୟାନେଜର ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳିକା ସବିତା କୁମାରୀ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପୁଷ୍ପଲତା ପ୍ରଧାନ ଏବଂ ଶିଶୁରୋଗ ବିଶେଷଜ୍ଞ ଡା. ଶିବଶଙ୍କର ବରିହାଙ୍କ ସମେତ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, ହସ୍ପିଟାଲ ପରିଚାଳକ ଏବଂ ଏନଆରସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


## କ୍ଲଷ୍ଟରସ୍ତରୀୟ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା

କିଶୋରନଗର/ବଇଣ୍ଡା,୩୧।୮ (ସମିସ): ଆଠମଲ୍ଲିକ ଶିକ୍ଷା ବ୍ଲକ୍ ଶାସ୍ତ୍ରୀଜୀ କ୍ଲଷ୍ଟର୍ ପକ୍ଷରୁ ତେନ୍ତୁଳିପଥର କେଟି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କରଡ଼ାବାହାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ କୁମାର ସାହୁ ଓ ତିଲେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶମ୍ଭେଶ୍ୱର ସାହୁ ଅବସର ନେଇଥିବାବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ଲଷ୍ଟରରେ ନୂତନ ଭାବେ ଯୋଗଦେଇଥିବା ରଜତ କୁମାର ପ୍ରଧାନ, ଭାସ୍କର ପଧାନ ଏବଂ ଶମ୍ଭେଶ୍ୱର ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ଅନ୍ୟତ୍ର ବଦଳି ହୋଇଥିବା ଅନୁପମା ନାୟକ ଓ ସୁଦର୍ଶନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ଶାସ୍ତ୍ରୀଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷକ ଏବଂ ଶିକ୍ଷା ବ୍ୟବସ୍ଥା ତଥା ଛାତ୍ରଛାତ୍ରୀଙ୍କ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରଜତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମାନସ ରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ମଳୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ସିସି ପ୍ରଶାନ୍ତ ପଧାନ, ଶ୍ରୀବତ୍ସ ବେହେରା, ହାଡ଼ିବନ୍ଧୁ ବେହେରା, ଉମେଶ ପ୍ରଧାନ, ନନ୍ଦକିଶୋର ପାତ୍ର, ଜିନାରାଣୀ ସାହୁ, ସଞ୍ଜୁକ୍ତା ପ୍ରଧାନ, କୀର୍ତ୍ତନ ମାଝୀ, ବିକ୍ରମ ପଧାନ, ସୁଦର୍ଶନ ପ୍ରଧାନ, ନିରଞ୍ଜନ ନାୟକ, କ୍ଷୀରୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀଙ୍କ ଠାରୁ କୋଟିଏ ଟଙ୍କାର ପୁରସ୍କାର ଗ୍ରହଣ କଲା ଆଠମଲ୍ଲିକ ଏନଏସି

ଆଠମଲ୍ଲିକ,୩୧।୮ (ସମିସ): ନିଜସ୍ୱ ଟିକସ ଆଦାୟ କ୍ଷେତ୍ରରେ ରାଜ୍ୟରେ କୃତିତ୍ୱ ହାସଲ କରି ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆଠମଲ୍ଲିକ ଏନ୍‌ଏସି ସୋମବାର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛି। ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ପୁରସ୍କାର ବାବଦ ୧ କୋଟି ଟଙ୍କା ଗ୍ରହଣ କରିଛନ୍ତି। ପୌରସଂସ୍ଥାଗୁଡ଼ିକ ନିଜସ୍ୱ ଟିକସ ଆଦାୟ କରି ନିଜ ଅଞ୍ଚଳର ବିକାଶ କରିଥାନ୍ତି। ଚଳିତବର୍ଷ ରାଜ୍ୟରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନିଜସ୍ୱ ଟିକସ ଆଦାୟ କରିଥିବା ତାଲିକାରେ ଆଠମଲ୍ଲିକ ଏନ୍‌ଏସି ସାମିଲ ହୋଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନିଜସ୍ୱ ଟିକସ ପାଣ୍ଠି ଆଦାୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଏନ୍‌ଏସି ଓ ପୌରାଞ୍ଚଳଗୁଡ଼ିକୁ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ସୋମବାର ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ଏନ୍‌ଏସିକୁ ପୁରସ୍କୃତ କରିଛନ୍ତି। ଏହି ପୁରସ୍କାର ଟିକସ ଆଦାୟ କରୁଥିବା କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସ ଓ ଆଠମଲ୍ଲିକ ଏନଏସିରେ ବାସ କରୁଥିବା ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ସମ୍ଭବ ହୋଇଛି ବୋଲି ଅଧ୍ୟକ୍ଷା ସାହୁ ଓ ନିର୍ବାହୀ ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।



# କୋଶଳା ମା' ରାମଚଣ୍ଡୀଙ୍କ ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ

ଛେଣ୍ଡିପଦା,୩୧।୮ (ସମିସ):

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା ତଥା ବାର୍ଷିକ ଭାଦ୍ରବ ପୂଜା ଉତ୍ସବ ପାଳିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଏହି ଯାତ୍ର ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁଯାୟୀ ଯାତ୍ରା ପୂର୍ବ ଦିନ ମା'ଙ୍କ ପୀଠରେ ଏକବାର ପୂଜା କରାଯାଇଥିଲା। ପୂଜାଦିନ ପ୍ରତ୍ୟୁଷରୁ ମା'ଙ୍କ ମଙ୍ଗଳ ଆଳତି ସହ ପୂଜକ ଦେହୁରୀ ପୀଠ ପୂଜା ଓ ବାଲଧୂପ କରିଥିଲେ। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କ ଦର୍ଶନ କରିଥିଲେ। ପରେ ଢୋଲ, ନିଶାଣ, ଛତି ତରାସ ସହ ବିରାଟ ଥାଟରେ ଦେହୁରୀ ପୂଜା ଭୋଗ ଓ ନିମନ୍ତ୍ରଣ କରିବାକୁ ଦିଆଣୀ ଘରକୁ ଯାଇଥିଲେ। ରାଜକୀୟ ପରିପାଟୀରେ ସଜ୍ଜିତ ହୋଇ ପୀଠକୁ ଦିଆଣୀକୁ ଅଣାଯାଇଥିଲା। ଅପରାହ୍ନରେ ଛାଟଖୁମ୍ବ ଓ ଖୁମ୍ବେଶ୍ୱରୀଙ୍କ ପୂଜା ପରେ ଦିଆଣୀକୁ ଫୁଲଚନ୍ଦନ ଦେଇ ପୂଜା କରାଯାଇଥିଲା। ଏହାକୁ ଜନ୍ତାଳ ପୂଜା ବୋଲି କୁହାଯାଏ। ଜନ୍ତାଳ ପୂଜା ପରେ ଦିଆଣୀ ଦେହରେ ଠାକୁରାଣୀ ଆବିର୍ଭାବ ହୋଇଥିଲେ। ପରେ ସେ ଗାଡ଼ିଆ ମଧ୍ୟରେ ପାଣି କାଦୁଅରେ ଅଧିଆ ପଡ଼ିଥିବା ମାନସିକଧାରୀ ଶତାଧିକ ଶ୍ରଦ୍ଧାଳୁଙ୍କୁ ଉଠାଇ ଆଶୀର୍ବାଦ କରି ପ୍ରାସାଦ ଦେଇ ବର ପ୍ରଦାନ କରିଥିଲେ। ନିଃସନ୍ତାନ ମହିଳା ଓ ମାନସିକଧାରୀ ମାନସିକ ପୂରଣ ପାଇଁ ମା'ଙ୍କ



ପୀଠ ଛାଟଖୁମ୍ବଠାରେ ଗାଡ଼ିଆ ମଧ୍ୟରେ ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଧିଆ ପଡ଼ିଥିଲେ।

ଅଷ୍ଟଚଣ୍ଡୀ ପୀଠ ମଧ୍ୟରୁ ଏହା ଏକ ପ୍ରମୁଖ ଶକ୍ତିପୀଠ। ଉକ୍ତ ଯାତ୍ରା ଭାଦ୍ରବ ମାସ ବର୍ଷା ଋତୁରେ ପଡୁଥିବାରୁ ଏବଂ କାଦୁଅ ତଥା ପଙ୍କ ମଧ୍ୟରେ ମାନସିକ ପୂରଣ ନେଇ ଅଧିଆ ପଡୁଥିବାରୁ ଏହାକୁ କାଦୁଅ ଯାତ୍ରା ବୋଲି ମଧ୍ୟ କୁହାଯାଏ। ମା'ଙ୍କ ମହିମା ପ୍ରତ୍ୟକ୍ଷ ବୋଲି ଶ୍ରଦ୍ଧାଳୁମାନଙ୍କର ଅଖଣ୍ଡ ବିଶ୍ୱାସ ରହିଛି। ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ବିରାଟ ପଟୁଆରରେ ଘଣ୍ଟଘଣ୍ଟା ଢୋଲ ମହୁରୀ ଏବଂ ନାମ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରିବା ସହ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ମଧ୍ୟାହ୍ନରେ ମନ୍ଦିର ପୂଜକ ଓ ସେବାୟତ ମାନେ ଯଥାବିଧି ଜନ୍ତାଳ ପୂଜା କରିଥିଲେ।

ମନ୍ଦିର ପରିସରରେ ଥିବା ଏକ ଗାଡ଼ିଆ ମଧ୍ୟରେ ଥିବା ଡମ୍ବରୁ ଆକୃତି ମା' ଶକ୍ତିଙ୍କ ଚାରିପାଖରେ ବହୁ ସଂଖ୍ୟକ ମାନସିକଧାରୀ ଅଧିଆ ପଡ଼ିଥିଲେ। ଅନୁଗୋଳ ଜିଲ୍ଲା ସମେତ ରାଜ୍ୟର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅଧିକାଂଶ ମାନସିକଧାରୀ ସେମାନଙ୍କ ଶିଶୁମାନଙ୍କ ମୁଣ୍ଡନ ସଂସ୍କାର କରିଥିଲେ। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଯାତ୍ରାରେ ବିଭିନ୍ନ ଦୋକାନ ବଜାର ଖୋଲିଛି। ବିଭିନ୍ନ ନାମୀଦାମୀ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇ ପ୍ରଚାରପ୍ରସାର କରାଯାଉଛି। ଫାଷ୍ଟ ଫୁଡ୍ ଦୋକାନରେ ଭିଡ଼ ଲାଗୁଛି। ମିନାବଜାର ସାଙ୍ଗକୁ ଖେଳନା ବଜାର ଆକର୍ଷଣୀୟ ହୋଇଥିଲା। ବିଭିନ୍ନ କୃଷି ଯନ୍ତ୍ରପାତି ଏବଂ ଘରକରଣା ସାମଗ୍ରୀ ବିକ୍ରି କରାଯାଉଛି। ଏହି ଯାତ୍ରା ପ୍ରାୟ ୭ ଦିନ ଧରି ଚାଲିବ ବୋଲି ମନ୍ଦିର ପରିଚାଳନା କମିଟି ତଥା ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ରାମଚଣ୍ଡୀ ସେବା ସଂଘ ସମେତ ସମସ୍ତ କ୍ଲବ୍, ସଂଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଥଣ୍ଡା ପାନୀୟ ଜଳ ସାଙ୍ଗକୁ ସାମୂହିକ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

ଏହି ଯାତ୍ରାଦିନ ସକାଳେ କୋଶଳା ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅନ୍ୟପକ୍ଷରେ ୧୯୪୨ ଭାରତଛାଡ଼ ଆନ୍ଦୋଳନ ସହ କୋଶଳା ଯାତ୍ରାର ସମ୍ବନ୍ଧ ରହିଛି। ୧୯୪୨ ଅଗଷ୍ଟ ୨୭ ତାରିଖ କୋଶଳା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଦିନ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ସ୍ଥାନୀୟ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ଦିବାକର ମିଶ୍ର, ଦିବାକର ପ୍ରଧାନ, ଆନନ୍ଦ ସାହୁ, ଗଣେଶ୍ୱର ସାହୁ ପ୍ରମୁଖ ଶତାଧିକ ସଂଗ୍ରାମୀ ଉକ୍ତ ଯାତ୍ରାରେ ଏକ ମଞ୍ଚରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ଭାରତଛାଡ଼ ଆନ୍ଦୋଳନରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ଏହି ସଭା ବେଳେ ବ୍ରିଟିଶ ପୁଲିସ ପକ୍ଷରୁ ଲାଠିମାଡ଼ କରାଯିବା ସହ ସଂଗ୍ରାମୀମାନଙ୍କୁ ଗିରଫ କରାଯିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅଞ୍ଚଳରେ ବ୍ରିଟିଶ ସରକାର ବିରୋଧରେ ସ୍ୱାଧୀନତା ଆନ୍ଦୋଳନ ସାଙ୍ଗକୁ ପ୍ରଜାମଣ୍ଡଳ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା। ଉକ୍ତ ଯାତ୍ରା ସହ ସ୍ୱାଧୀନତା ଆନ୍ଦୋଳନର ସମ୍ପର୍କ ଥିବାରୁ ଏହାକୁ ଐତିହାସିକ ଯାତ୍ରା ବୋଲି କୁହାଯାଏ। ସ୍ୱାଧୀନତା ସଂଗ୍ରାମୀ ଗାଁ ଭାବେ ବେଶ୍ ଜଣାଶୁଣା ହୋଇଥିବାରୁ ଏହାର ସ୍ମାରକୀ ରୂପେ ପ୍ରତି ବର୍ଷ ଏହି ଯାତ୍ରା ଦିନ ଜାତୀୟ ପତାକା ଉତ୍ତୋଳନ କରାଯାଏ।

## କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

# ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ, ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୩୧।୮ (ସମିସ): କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଉଦୟନଗରସ୍ଥ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ପୌରପାଳିକାକୁ ଆଦର୍ଶ ପୌରପାଳିକା ଭାବେ ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ପୌରାଧକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ କାଉନସିଲର ଓ ପୌର କର୍ମଚାରୀ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ କହିଥିଲେ, ସ୍ୱାୟତ୍ତ ଶାସନର ଜନକ ଲର୍ଡ ରିପନଙ୍କ ଦୂରଦୃଷ୍ଟି ଓ ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣର ମୂଳ ଆଧାର ହେଉଛି ସ୍ୱାୟତ୍ତ ଶାସନ ବ୍ୟବସ୍ଥା। ସହରର ଡ୍ରେନେଜ ସମସ୍ୟାର ସମାଧାନ ସହ ଜନସାଧାରଣଙ୍କୁ ମୂଲ୍ୟବୋଧଭିତ୍ତିକ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ସ୍ୱାଗତ ଭାଷଣ ଦେଇ ୭ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରାଯିବ ବୋଲି କହିଥିଲେ।


ଏ ଅବସରରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ପୁରୁଣା ବସ୍‌ଷ୍ଟାଣ୍ଡରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫେଜ୍-୧ ଓ ଫେଜ୍-୨ ମାର୍କେଟ କମ୍ପ୍ଲେକ୍ସ, ୭ ନମ୍ବର ୱାର୍ଡ ଗୌଡ଼ ଗୋପରେ ୮୨.୯୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପୌର ପ୍ରଶାସନିକ ସମ୍ପ୍ରସାରଣ ଗୃହ, ବିକ୍ରୟ କାଉଣ୍ଟର ଓ ଖତ ଟ୍ରିଟମେଣ୍ଟ ପ୍ଲାଣ୍ଟର ଉଦ୍‌ଘାଟନ କରିଥିଲେ। ସେହିପରି ଗୋପବନ୍ଧୁ ପାଠାଗାରର ଉପର ମହଲା, ନୂଆ ବସ୍‌ଷ୍ଟାଣ୍ଡରେ ମାର୍କେଟ କମ୍ପ୍ଲେକ୍ସ, ଉର୍ଦ୍ଦୁ ପାଠାଗାର ଗୃହ ଉପର ମହଲାରେ ବହୁମୁଖୀ ସଂସ୍କୃତି ହଲ୍, ଉଦୟନଗରସ୍ଥ ପୁରୁଣା କଲ୍ୟାଣ ମଣ୍ଡପର ନବୀକରଣ ଓ ବହୁମୁଖୀ ହଲ୍, ତିନିମୁହାଣିରୁ ନୂଆ ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାର ଉନ୍ନତିକରଣ, ତୁଳସୀ ମହାବିଦ୍ୟାଳୟର ଦୁଇଟି ଶ୍ରେଣୀକକ୍ଷ ଓ ୫ ନମ୍ବର ୱାର୍ଡରେ ଶ୍ରୀବଳଦେବଜୀଉ ପାଠାଗାର ଗୃହ ନିର୍ମାଣ ଭଳି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ସ୍ତମ୍ଭକାର ଶ୍ରୀରାମ ଦାଶ, ସାମ୍ବାଦିକ ଅକ୍ଷୟ ପତି, ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ଓ କବି ଡ. ବିରଜା ପ୍ରସାଦ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ ପୌର କର୍ମଚାରୀଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ରାମଧୂନ, ପ୍ରଭାତଫେରୀ, ପତାକା ଉତ୍ତୋଳନ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉପାଧ୍ୟକ୍ଷା ଆକବରୀ ଖାତୁନ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରତୀମା ବାରିକ ମଞ୍ଚ ପରିଚାଳନା କରିଥିଲେ। ଅଶୋକ ସାହୁ, ମିଲି ବେହେରା, ଜ୍ୟୋତିରଞ୍ଜନ ରାଉତ, ଅଭୟ ଦାସ, ଶୁଚିସ୍ମିତା ଜେନା, ଶ୍ରୀଦେବୀ ପରିଡ଼ା, ମୋନାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ପଟ୍ଟାମୁଣ୍ଡାଇ,୩୧।୮(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବନ୍ୟା ସମସ୍ୟା ଓ ସହରର ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହିତ ସହରରୁ ଚୋରି ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଠିରୁ ସହର ମଧ୍ୟରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ଆଜି ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି।

- ବନ୍ୟା, ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ
- ଚୋରି ଓ ଗଣ୍ଡଗୋଳ ରୋକିବାକୁ ସିସିଟିଭି
- ପୋଖରୀ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଶିଳାନ୍ୟାସ
- ରକ୍ତଦାନ ଶିବିର ଓ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ପୌର ପରିଷଦ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ସାହୁ କହିଲେ, ବନ୍ୟା ନିୟନ୍ତ୍ରଣ ପାଇଁ ଚିଂବନ୍ଧ ନିର୍ମାଣ ଓ ଜଳନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନିର୍ମାଣ ସହ ବର୍ଷାଜଳକୁ ଗୋବରୀ ନଦୀରେ ଛଡ଼ା ଯିବା ପାଇଁ ପଦକ୍ଷେପ ନିଆଯାଉଛି। ପଟ୍ଟାମୁଣ୍ଡାଇ ସହରରୁ ଚୋରି ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଠିରୁ ଏସଡିପିଓ ଅଫିସଠାରୁ ପୋଲ ପାଖ ମହାବୀର ବଜାର ପର୍ଯ୍ୟନ୍ତ ସିସିଟିଭି ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ନିର୍ମାଣ, ପ୍ରଶାସନିକ ଭବନ ଓ ଡାକ୍ତର କ୍ୱାଟର ନିର୍ମାଣ ପାଇଁ ପ୍ରାୟ ୧୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ଓ ପଟ୍ଟାମୁଣ୍ଡାଇ ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା। ଏହାକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ମଳୟ ଓଝା, ମୃତ୍ୟୁଞ୍ଜୟ ପାତ୍ରୀ, ସମ୍ରାଟ ଜେନା, ସାନିଆ ପରବିନ ସାହେବା, ରୀନାରାଣୀ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସହଯୋଗ ଯୋଜନାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର



କରିଥିବାରୁ ପୌର ପରିଷଦ ସିଇଓ ତପସ୍ୱିନୀ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ ବିଭିନ୍ନ ସ୍କୁଲ କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବା ସହିତ ଏମଏନ ହାଇସ୍କୁଲ ନିକଟରେ ପୋଖରୀ ଉନ୍ନତୀକରଣ ଶିଳାନ୍ୟାସ ଓ ଅଳଭାଠାରେ ପୋଖରୀ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଶିଳାନ୍ୟାସ ଓ ପଟ୍ଟାମୁଣ୍ଡାଇ ସହରରେ ସିସିଟିଭି ପ୍ରକଳ୍ପ ଲୋକାର୍ପଣ, ମାଟିଆପାଳରେ ଏଫଏସଟି ପ୍ଲାଣ୍ଟ ଗୃହ ଉଦଘାଟନ ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ପୌର ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଓ କାଉନସିଲର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ପ୍ରଫୁଲ୍ଲ ଦାଶ, ମନୋରଞ୍ଜନ ଦାଶ, ଗଙ୍ଗାଧର ନାୟକ, ଗଣେଶ ପାତ୍ର ଓ ହୃଷିକେଶ ନାଥ ପରିଚାଳନା କରିଥିଲେ।

## ଦ୍ୱାରିକାମାଇ ପାଇଁ ଶ୍ରୀସାଇନାଥଙ୍କ ଫଟୋ ପୂଜା ସମ୍ପନ୍ନ




ଗରଦପୁର,୩୧।୮ (ସମିସ): ବସନ୍ତପୁରସ୍ଥ ଶିରିଡି ସାଇ ମନ୍ଦିରର ଦ୍ୱାରିକାମାଇଙ୍କ ପାଇଁ ସାଇନାଥଙ୍କ ଫଟୋ ପୂଜା ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପବିତ୍ର ହସ୍ତରେ ଏହି ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚାଳନା ଟ୍ରଷ୍ଟର ଟ୍ରଷ୍ଟି ରୁଦ୍ର ମହାନ୍ତି ଓ ସମ୍ପାଦକ ସୁନିଲ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଭକ୍ତଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାବା ଶ୍ରୀସାଇନାଥଙ୍କ ଇଚ୍ଛା ଓ ଗୁରୁଜୀଙ୍କ ଆଶୀର୍ବାଦରେ ଏହି ପବିତ୍ର ଫଟୋ ଏବେ ବସନ୍ତପୁର ଶ୍ରୀଶିରିଡି ସାଇ ମନ୍ଦିରର ଦ୍ୱାରିକାମାଇକୁ ଶୋଭାମଣ୍ଡିତ କରିବ। ଏହା ମନ୍ଦିରକୁ ଆସୁଥିବା ଭକ୍ତଙ୍କ ମନରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଭାବନାକୁ ଆହୁରି ଗଭୀର କରିବ ବୋଲି ଭକ୍ତମାନେ ଆଶା ପ୍ରକାଶ କରିଛନ୍ତି। ଏ ଅବସରରେ ଭକ୍ତ ଶ୍ରୀସାଇନାଥଙ୍କ ନିକଟରେ ପ୍ରାର୍ଥନା କରି ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ସୁସ୍ଥତା ଓ ଦୀର୍ଘାୟୁ କାମନା କରିଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ରାଜନଗର, ୩୧।୮ (ସମିସ): ରାଜନଗର ଗାଁରେ ସାପ କାମୁଡ଼ାରେ ୧୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ଶରତ ସେଠୀଙ୍କ ପୁଅ ଗଣେଶ୍ୱର ସେଠୀ ଗତକାଲି ରାତିରେ ଶୋଇଥିବା ଅବସ୍ଥାରେ ସାପ କାମୁଡିଥିଲା। ପରିବାର ଲୋକେ ଗଣେଶ୍ୱରଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ଚିକିତ୍ସାଳୟ ଓ ସେଠାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗତକାଲି କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗାଁର ଝଡେଶ୍ୱର ବାରିକଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା।

## ବିକଟାଳ ଶବ୍ଦ କରୁଥିବା ୮ ବୁଲେଟ ଜବତ




ପଟ୍ଟାମୁଣ୍ଡାଇ,୩୧।୮ (ସମିସ): ସମ୍ପ୍ରତି ନୂତନ ଭାବେ ପରବର୍ତ୍ତିତ ସାଇଲେନସର ଥାଇ ପ୍ରସ୍ତୁତ ବୁଲେଟ ଗାଡ଼ି ଚାଲିବା ବେଳେ ବିକଟାଳ ଶବ୍ଦ କରୁଥିବାରୁ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଛି। ବିଶେଷକରି ହୃଦ୍ ରୋଗୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ଅଭିଯୋଗ ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ସଜାଗ ହୋଇଛି। ଆଜି ଆଇଆଇସି ମାନସ ରଞ୍ଜନ ମଲ୍ଲିକ ବାଇକ୍ ତନଖି କରୁଥିବା ବେଳେ ଏଭଳି ବୁଲେଟ ତାଙ୍କ ହାବୁଡ଼ରେ ପଡିଥିଲା। ଆଇଆଇସି ଶ୍ରୀ ମଲ୍ଲିକ ୮ ଟି ବୁଲେଟ ଜବତ କରିଛନ୍ତି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଜନଗର, ୩୧।୮ (ସମିସ): ରାଜନଗର ବ୍ଲକ ବାଲିସାହିପାଟଣା ଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଅମିତା ଦାସ (୩୬)। ଆଜି ଅମିତା ଘର ପଛ ବାଡ଼ିରେ କାମ କରୁଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନବନିର୍ମିତ କଂକ୍ରିଟ କଲଭର୍ଟ ଦବିଲା, ଅଟକିଲା ଚାଉଳ ଗାଡ଼ି

ରାଜକନିକା,୩୧।୮ (ସମିସ): ଜାଗୁଳାଇପଡା-ଗୋପାଳପୁର ରାସ୍ତାର ନବନିର୍ମିତ କଂକ୍ରିଟ କଲଭର୍ଟରେ ଚାଉଳ ବୋଝେଇ ଗାଡ଼ି ଚକ ଦବିଯିବାରୁ ଏହି ରାସ୍ତାରେ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୬ ମାସ ପୂର୍ବେ ନିର୍ମାଣ ହୋଇଥିବା ଏହି କଲଭର୍ଟ ଉପର ଦେଇ ଗାଡି ଯିବାବେଳେ ଅଟକିବା ଘଟଣା ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡର ରାସ୍ତା କାମର ମାନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ଜାଗୁଳାଇପଡା-ଗୋପାଳପୁର ରାସ୍ତାର ଗୋପାଳପୁର କଲଭର୍ଟ ନିର୍ମାଣ ହେବାର ୬ମାସ ମଧ୍ୟରେ ଦବିଯାଇଛି। ଏହି ବିଭାଗରେ ଥିବା ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ନିର୍ମାଣ



ବେଳେ ଅତି ନିମ୍ନମାନର କାମ ହେଉଥିବା ଦେଖି ଲୋକେ ବିରୋଧ କରିଥିଲେ ହେଁ କାମ ଠିକ ହେବ କହିଥିବା ଜେଇ ଏବେ ଏଠାରୁ ବଦଳି ହୋଇଯାଇଛନ୍ତି। ବର୍ତ୍ତମାନ ଥିବା ଯନ୍ତ୍ରୀ ଦେବାଶିଷ ଦାସଙ୍କୁ ପଚାରିବାରୁ ଆମେ ଏହି କଲଭର୍ଟ ମରାମତି ପାଇଁ ବନ୍ୟା କ୍ଷୟକ୍ଷତି ରିପୋର୍ଟରେ ଦେଇଛୁ, ମରାମତି ହେବ ବୋଲି କହିଛନ୍ତି। ନିମ୍ନମାନର କାମ ଯୋଗୁଁ ଏବେ ବହୁ କଲଭର୍ଟ ବିପଦସଂକୁଳ ଅବସ୍ଥାରେ ରହିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଡେରାବିଶ ଅଞ୍ଚଳରେ ରେଳ ବିକାଶ ଓ ଜଳନିଷ୍କାସନ ଯୋଜନା

# ରେଳ ବିଭାଗ ଓ ଡ୍ରେନେଜ୍ ବିଭାଗର ମିଳିତ ପରିଦର୍ଶନ



ଡେରାବିଶ, ୩୧।୮ (ସମିସ): ଡେରାବିଶ ବ୍ଲକ ଅଞ୍ଚଳରେ ରେଳ ବିଭାଗର ବିକାଶ ଓ ରେଳ ଲାଇନ୍ ଯୋଗୁଁ ବ୍ଲକ ଅଞ୍ଚଳର ବିଭିନ୍ନ ଚାଷଜମିରୁ ଜଳ ନିଷ୍କାସନରେ ସମସ୍ୟାର ସୁଧାର ନିମନ୍ତେ ପାଟକୁରା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପୂର୍ବାହ୍ନରେ ରେଳ ବିଭାଗ ପକ୍ଷରୁ ହରିଦାସପୁର-ପାରାଦୀପ ରେଲୱେର କମ୍ପାନୀ ସେକ୍ରେଟେରୀ ସୁଶାନ୍ତ ଶତପଥି, ରେଳବିକାଶ ନିଗମର ମ୍ୟାନେଜର ମାଇକେଲ ଟେଟେଙ୍କ ସହିତ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଜଳନିଷ୍କାସନ କେନ୍ଦ୍ରାପଡ଼ା ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶେଖର, ଉପଖଣ୍ଡ ଅଧିକାରୀ ଇଂ ଲିପକ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଇଂ ରାଜେନ୍ଦ୍ର ବରିହା, କନିଷ୍ଠ ଯନ୍ତ୍ରୀ ଇଂ ଦୀପ୍ତିମୟୀ ସାହୁ, ଇଂ ସୁରଜ ମଲିକ ଡେରାବିଶ ବ୍ଲକ ଅଞ୍ଚଳକୁ ପରିଦର୍ଶନରେ ଆସିଥିଲେ। ବିଭାଗୀୟ ଅଧିକାରୀ ପ୍ରଥମେ ବଳଭଦ୍ରପୁରଠାରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ନୂଆହାଟ ପାଟ ସହିତ ରେଳ ଲାଇନ୍ ପାଶ୍ୱର୍ରେ ଜଳନିଷ୍କାସନ ପଥ ନିର୍ମାଣ ଓ ନିଷ୍କାସନ ପଥର ମରାମତି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀପଡ଼ାରେ ହରିଦାସପୁର-ପାରାଦୀପ ରେଳପଥର ୬୪ନଂ ପୋଲ ତଳେ ଅତିକ୍ରମ କରିଥିବା ୧୬ନଂ ପାଟନାଳୀ ବନ୍ଧ ରେଳପଥ ନିର୍ମାଣ ସମୟରେ ନଷ୍ଟ ହୋଇଥିବା ଦେଖିଥିଲେ । ରେଳ ବିଭାଗ ପକ୍ଷରୁ ଏଠାରେ କଂକ୍ରିଟ ଗାଡର୍‌ୱାଲ ନିର୍ମାଣ ପାଇଁ ଦିଆଯାଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ବାଜିପଡ଼ା ରେଳଷ୍ଟେସନ୍ ନିକଟରେ ରେଳଲାଇନ୍ ତଳେ ଜଳନିଷ୍କାସନ ପାଇଁ ସାଇଫନ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ବାଜିପଡ଼ା ଷ୍ଟେସନ୍‌ରେ ଯାତ୍ରୀବାହୀ ଟ୍ରେନ ପ୍ଲାଟଫର୍ମ-୨ରେ ଲାଗୁଥିବାରୁ ସେଠାରେ ପ୍ଲାଟଫର୍ମ ସେଡ୍, ଅଧିକ ବେଞ୍ଚ ଓ ପ୍ଲାଟଫର୍ମ ୨ ଓ ୩ର ଉନ୍ନତୀକରଣ, ଗାଡ଼ି ପାର୍କିଂ ସ୍ଥଳ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ଲିଫ୍ଟ ଓ ର୍‌ୟାମ୍ପ ନିର୍ମାଣ, ଷ୍ଟେସନ୍‌ଠାରୁ ହଳଦିଆ ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟ୍, ଷ୍ଟେସନ୍‌ରେ ଟି-ଷ୍ଟଲ ନିର୍ମାଣ ପାଇଁ ଶ୍ରୀ ପରିଡ଼ା ଦାବି କରିଥିଲେ। ରେଳଲାଇନ୍‌କୁ ଲାଗିଥିବା ଠାକୁରପାଟଣା ପଞ୍ଚାୟତ ବାଳିକା ବିଦ୍ୟାଳୟ ପାଶ୍ୱର୍ରେ ରେଳ ବିଭାଗର ପକ୍ଷରୁ ପାଚେରି ନିର୍ମାଣ ପାଇଁ ଶ୍ରୀ ପରିଡ଼ା ଦାବି କରିଥିଲେ।

## କେନ୍ଦ୍ରାପଡ଼ା ବିଜେଡିର ନୂଆ ଟିମ୍

# ମୌସିମ, ସାବିର ଓ ମୁକ୍ତାରଙ୍କ ଉପରେ ସଂଗଠନ ଦାୟିତ୍ୱ

କେନ୍ଦ୍ରାପଡ଼ା,୩୧।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଂଗଠନରେ ନୂଆ ଦାୟିତ୍ୱ ବଣ୍ଟନ ହୋଇଛି। ଦଳ ପକ୍ଷରୁ ମୌସିମ ଖାନ୍, ଶେଖ ସାବିର ହୋସେନ୍ ଓ ସୟଦ ମୁକ୍ତାର ଅଲ୍ଲୀଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ନୂତନ ଦାୟିତ୍ୱ ପାଇବା ପରେ ଜିଲ୍ଲାରେ ଦଳୀୟ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ଦିଗରେ ଏହି ତିନି ନେତା କାର୍ଯ୍ୟ କରିବେ। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା, କର୍ମୀଙ୍କୁ ଏକଜୁଟ କରିବା ଓ ଲୋକଙ୍କ ସହ ଦଳର ଯୋଗାଯୋଗ ବଢ଼ାଇବା ଏହି ନୂଆ ଟିମ୍ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ହେବ। ତିନି ନେତାଙ୍କ ସାଂଗଠନିକ ଅଭିଜ୍ଞତା ଓ ରାଜନୈତିକ ଦକ୍ଷତା ଦଳକୁ କେତେଦୂର ଲାଭ ଦେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜେଡିର ପାରମ୍ପରିକ ସଂଗଠନକୁ ଆହୁରି ମଜବୁତ କରିବା ସହ ନୂଆ ଭୋଟର ଓ ଯୁବବର୍ଗଙ୍କୁ ଦଳ ସହ ଯୋଡ଼ିବା ଦିଗରେ ମଧ୍ୟ ନୂତନ ସାଧାରଣ ସମ୍ପାଦକଙ୍କ ଭୂମିକା ଗୁରୁତ୍ୱ ବହନ କରିବ। ନୂତନ ଦାୟିତ୍ୱ ପାଇଁ ମୌସିମ ଖାନ୍, ଶେଖ ସାବିର ହୋସେନ୍ ଓ ସୟଦ ମୁକ୍ତାର ଅଲ୍ଲୀ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଭି.କେ. ପାଣ୍ଡିଆନ୍, କେନ୍ଦ୍ରାପଡ଼ା ଜିଲ୍ଲାର ବିଜେଡି ନେତା ତଥା ବିଧାୟକ ଗଣେଶ୍ୱର ବେହେରା, ପ୍ରତାପ ଦେବ ଓ ଧ୍ରୁବ ସାହୁଙ୍କ ସମେତ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ଓ ଜିଲ୍ଲା ମହିଳା ବିଜେଡି ସଭାପତି ସରିତା ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ବନ୍ୟା ସ୍ରୋତରେ ଭାସିଗଲେ ଦୁଇ

# ଜଣେ ଉଦ୍ଧାର, ଅନ୍ୟଜଣେ ନିଖୋଜ



ପଟ୍ଟାମୁଣ୍ଡାଇ,୩୧।୮ (ସମିସ): ପେଣ୍ଡପାଳ ପଞ୍ଚାୟତ କୋଳଥିଆ ବ୍ରାହ୍ମଣ ସାହି ଘୋଷରା ନିକଟ ଘାଇରେ ଘଟିଛି ଏକ ଦୁଃଖଦ ଘଟଣା। ବନ୍ୟା ସ୍ରୋତରେ ଦୁଇଜଣ ବ୍ୟକ୍ତି ଭାସିଯାଇଥିବାବେଳେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଜଣେ ନିଖୋଜ ଅଛନ୍ତି। ନିଖୋଜ ବ୍ୟକ୍ତି ଜଣକ ସ୍ଥାନୀୟ ବାଲିକିରା ଗ୍ରାମର ତ୍ରିଲୋଚନ ରାଉଳ (୫୫)। ପଟ୍ଟାମୁଣ୍ଡାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବାଲିକିରା ଗ୍ରାମର ତ୍ରିଲୋଚନ ରାଉଳ ଓ ବାଙ୍କବିହାରୀ ରାଉଳ ସୋମବାର ଅପରାହ୍ନ ଅଢେଇଟାରେ ଘରକୁ ଫେରୁଥିଲେ। ଦୁହେଁ କୋଳଥିଆ ବ୍ରାହ୍ମଣ ସାହି ଘୋଷରା ନିକଟରେ ଥିବା ଘାଇ ଦେଇ ବନ୍ୟାଜଳକୁ ପାରି ହେବାକୁ ଚେଷ୍ଟା କରୁଥିବାବେଳେ ଭାସିଯାଇଥିଲେ। ସ୍ଥାନୀୟ ଲୋକ ବାଙ୍କବିହାରୀଙ୍କୁ ଉଦ୍ଧରା କରିଥିବାବେଳେ ତ୍ରିଲୋଚନ ପ୍ରବଳ ଜଳସ୍ରୋତର ଅଥଳ ଜଳରାଶି ମଧ୍ୟକୁ ଚାଲିଯାଇଥିଲେ। ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ପତ୍ତା ପାଇ ନ ଥିବା ଜଣାପଡ଼ିଛି।

# ମାର୍ଶାଘାଇ ପଞ୍ଚାୟତ ସମିତିର ସପ୍ତମ ବୈଠକ



ମାର୍ଶାଘାଇ,୩୧।୮ (ସମସ): ଆଜି ମାର୍ଶାଘାଇ ବ୍ଲକ ସଭା କକ୍ଷରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ବିଡିଓଙ୍କ ଅନୁମତିକ୍ରମେ ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ ସରକାରଙ୍କ ପକ୍ଷରୁ କୃଷି ଓ କୃଷକଙ୍କ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ତେଇ ସରପଞ୍ଚ ସଞ୍ଜୟ ସେଠୀ ଏଥିରେ ହସ୍ତକ୍ଷେପ କରି କୃଷି ଯୋଜନାରେ ଲୋକଙ୍କୁ ସଚେତନତା କରାଯାଉ ନ ଥିବା କହିଥିଲେ। ରାସନ କାର୍ଡରେ ନାମ ଯୋଗ କରିବା ଉପରେ ଶ୍ରୀ ସେଠୀ ପ୍ରସ୍ତାବ ଦେଇଥିଲେ। ରାଘବପୁର ସରପଞ୍ଚ ରମେଶ ଲେଙ୍କା, ପରକୁଳା ସରପଞ୍ଚ ଦୀପ୍ତିରଞ୍ଜନ ମହାପାତ୍ର ଓ ମେହେନ୍ଦିନଗର ସଭ୍ୟ ରମାକାନ୍ତ ମହାନ୍ତି ଗହଗା ପାଟ ଉପରେ ଆଲୋଚନା କରିଥିଲେ। ହିନ୍ଦୁଳିଆ ସରପଞ୍ଚ ଏସଆଇଆର ଉପରେ ପ୍ରଶ୍ନ କରିଥିଲେ। ସମିତି ସଭ୍ୟ ପ୍ରସନ୍ନ ସାହୁ ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରାଙ୍କ ଗିରଫଦାରୀକୁ ନିନ୍ଦା କରିଥିଲେ। ସମିତି ସଭ୍ୟ ସଞ୍ଜୟ ପାତ୍ର କୃଷି ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ କରାଯାଉଥିବା ସଚେତନତା କାର୍ଯ୍ୟକ୍ରମରେ ସଭ୍ୟଙ୍କୁ ସାମିଲ କରିବାକୁ ଦାବି କରିଥିଲେ। ଜଳ ପରିମଳ ବିଭାଗ ପକ୍ଷରୁ ନିୟୋଜିତ ଗାଡିରେ ଖର୍ଚ୍ଚ ହେଉଥିବା ଇନ୍ଧନ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅଚଳ ନଳକୂପ ମରାମତି ସମ୍ଭବ ହେଉ ନ ଥିବା କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂ ପ୍ରକାଶ କରିଥିଲେ। ସଭ୍ୟ ସୁନତୀ ଦାସ, ରଂଜିତ ପ୍ରଧାନ, ଜ୍ୟୋତିର୍ମୟୀ ଦାସ, ସୁପ୍ରଭା ଜେନା, ଶରତ ପ୍ରଧାନ, ଅଭିଷେକ ବେହେରା, ସରପଞ୍ଚ ନମିତା ରଥ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ତୃପ୍ତି ମହାନ୍ତି, ଏବିଡିଓ ଇତିଶ୍ରୀ ପଣ୍ଡା, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରତୀମା ନାୟକ, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ରାୟ, ସାଂସଦ ପ୍ରତିନିଧି ପ୍ରଜେଶ ନାୟକ ଉପସ୍ଥିତ ଥିଲେ।

## ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ

ରାଜନଗର,୩୧।୮ (ସମିସ): କୁରୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଭାଷାରେ ରଚିତ ବେଦ, ବେଦାନ୍ତ, ଉପନିଷଦ, ଭଗବତ ଗୀତା, ପୁରାଣ ଗ୍ରନ୍ଥ, ଦର୍ଶନ ଶାସ୍ତ୍ର, ତର୍କ ଶାସ୍ତ୍ର, ଅର୍ଥ ଶାସ୍ତ୍ର, ଚିକିତ୍ସା ବିଜ୍ଞାନ, ଗଣିତଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, ନାଟକ, କାବ୍ୟ ସାହିତ୍ୟ, ହିତୋପଦେଶ ପ୍ରଭୃତି ଅମୂଲ୍ୟ ଗ୍ରନ୍ଥ ଆମ ମହାନ ସଂସ୍କୃତିର ଗାରିମା ବୃଦ୍ଧି କରିଛି ବୋଲି ଶ୍ରୀ ଲେଙ୍କା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର , ବୈକୁଣ୍ଠ ବଳ, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ପାଣି ଓ ବିଶ୍ୱମ୍ଭର ତ୍ରିପାଠୀ ସଂସ୍କୃତ ଭାଷାର ମହନୀୟତା ସମ୍ପର୍କରେ ମତ ରଖିଥିଲେ। ସଂସ୍କୃତ ଭାଷାରେ ବକ୍ତୃତା, ଶ୍ଳୋକା ବୃତ୍ତି, କବିତା ପଠନ, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରାଜକିଶୋର ପାଣି ବେଦ ପାଠ କରିଥିଲେ। ଅଧ୍ୟାପକ ବିଶ୍ୱମ୍ଭର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ରମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ଲୋକେ ଭୟଭୀତ

ମହାକାଳପଡ଼ା,୩୧।୮ (ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ମେରଦା ଗ୍ରାମର ଶେଷ ମୁଣ୍ଡରେ ବଳିଆବାବା ଆଶ୍ରମ ସାମ୍ନାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ବିପଦ ଆଶଙ୍କା ରହିଛି। ଏହି ଟ୍ରାନ୍ସଫର୍ମର ନିକଟ ଦେଇ ଲୋକେ ଓ ବୁଲା ଗାଈଗୋରୁ ଯାତାୟାତ କରୁଛନ୍ତି। ଭୂମିଠାରୁ ଦୁଇ ଫୁଟ ଉଚ୍ଚତାରେ ଯେଉଁ କଟ୍ ଆଉଟ୍ ବକ୍ସ ରହିଛି, ସେଥିରେ କଭର ନାହିଁ। ଯାହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଫଳରେ କେତେବେଳେ ଯେ କିଛି ଅଘଟଣ ଘଟିବ, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପାଇଁ ଦୃଷ୍ଟି ଦେଇ ମରାମତି କରିବାକୁ ଲୋକେ ଦାବି କରିଛନ୍ତି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୩ ଅଭିଯୋଗର ତ୍ୱରିତ ସମାଧାନ

ରାଜକନିକା,୩୧।୮ (ସମିସ): ରାଜକନିକା ବ୍ଲକ୍ ପରିସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ୧୨୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ଏଥିରେ ୩୦ଟି ସାମୂହିକ ଓ ୯୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସେଥିରୁ ୧୩ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇ ସିଏମଆରଇ ଫଣ୍ଡରୁ ତିନି ଜଣଙ୍କୁ ୧୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଜି ପଞ୍ଜିକୃତ ହୋଇଥିବା ମୁଖ୍ୟ ସାମୂହିକ ଅଭିଯୋଗ ମଧ୍ୟରେ ଦ୍ୱୀପଗ୍ରାମ ଗଙ୍ଗାଧରପ୍ରସାଦ ଡିହା ଗାଁକୁ ସେତୁ ନିର୍ମାଣ ପାଇଁ ଦାବି ହୋଇଛି। ସିକୋ ପଞ୍ଚାୟତର ଟୋଲା ମୌଜା ପୋଇଝରିଆ ଗାଁର ଦୀର୍ଘଦିନ ହେବ ପିଇବା ପାଣି ସମସ୍ୟା ଥାଇ ବହୁ ଗୁହାରି ପରେ ସମାଧାନ ନ ହେବାରୁ ଗାଁର ମହିଳା ପାଣି ଗରା ଧରି ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ସ୍ଥାନୀୟ ବ୍ଲକ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଥିବାରୁ ଉଭୟ କାର୍ଯ୍ୟାଳୟକୁ ନେଇ ସ୍ୱତନ୍ତ୍ର ଭାବେ ଏକ ଗ୍ରିଭାନ୍ସ ସେଲ ଖୋଲିବା ନେଇ ସାମାଜିକ କର୍ମୀ ମଙ୍ଗୁଳି ଚରଣ ବେହେରାଙ୍କ ଅଭିଯୋଗ ପ୍ରସ୍ତାବକୁ ଜିଲ୍ଲାପାଳ ଗ୍ରହଣ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କଇଥାପାଳ ଗାଁର ମଧୁସୁଧନ ସେଠୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ଦିଆଯାଇଥିବାରୁ ସେ ଅଭିଯୋଗ କରିଥିଲେ। କଣ୍ଟପଡା ବଜାରରେ ବନ୍ଦ ହୋଇ ପଡ଼ିଥିବା ଷ୍ଟ୍ରିଟଲାଇଟର ମରାମତି କରି ଆଲୋକୀକରଣ କରାଇବା, ବୁରୁଡିଆ ଜୋରରେ ମାଛଧରା ଜାଲ ବସାଇବାରୁ ବର୍ଷା ପାଣି ନିଷ୍କାସନରେ ସମସ୍ୟା ହେବା ଯୋଗୁଁ ତାର ନିରାକରଣ, ବୁରୁଡିଆ କଲଭର୍ଟ ମରାମତି, ବିଜୁଳି ସରବରାହ ବନ୍ଦ ପାଇଁ ସମସ୍ୟା ଆଦି ବହୁ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କରାଯାଇଛି। ସେହିପରି ଭିନ୍ନକ୍ଷମ ଗୌରହରୀ ସେଠୀ, ଅଲେଖ ସ୍ୱାଇଁଙ୍କୁ ଟ୍ରାଇ ସାଇକଲ ପ୍ରଦାନ ସହ ମାଳତୀ ସ୍ୱାଇଁଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସପି ସିଦ୍ଧାର୍ଥ କଟାରିଆଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ରାଜକନିକା ବିଡିଓ, କନିକା ତହସିଲଦାର ଉପସ୍ଥିତ ଥିଲେ।

### ପାଣିଗରା ଧରି ମହିଳାଙ୍କ ପ୍ରତିବାଦ



# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଧନିକଙ୍କ ଚୁଟି କଟା

ଶିଳ୍ପପତି ସୁଭାଷ ଚନ୍ଦ୍ରାଙ୍କ ମାର୍ଫତରେ ଥିବା ପ୍ରାୟ ୨୨ ହଜାର କୋଟି ଟଙ୍କାର ଅନାଦେୟ ଋଣର ମାତ୍ର ୦.୦୩ ପ୍ରତିଶତ ଅର୍ଥାତ୍ ୬ .୫ କୋଟି ଟଙ୍କା ପରିଶୋଧ ପାଇଁ ଦେବାଳିଆ ସଂହିତା(ଇନ୍‌ସୋଲ୍‌ଭାନ୍ସି ଆଣ୍ଡ ବ୍ୟାଙ୍କ୍ରପଟ୍‌ସି କୋଡ୍) ଆଧାରରେ କରିଥିବା ଆବେଦନକୁ 'ଜାତୀୟ କମ୍ପାନୀ ବିଧି ଟ୍ରିବ୍ୟୁନାଲ୍(ଏନ୍‌ସିଏଲ୍‌ଟି)' ମଞ୍ଜୁର କରିଛନ୍ତି। ଏହି ରାୟ ଆଧାରରେ ମାତ୍ର ୬ କୋଟି ୨୫ ଲକ୍ଷ ଟଙ୍କା ଏବଂ ମାମଲା ପରିଚାଳନା ବାବଦରେ ଆଉ ୨୫ ଲକ୍ଷ ଟଙ୍କା - ଏହିପରି ୬ କୋଟି ୫୦ ଲକ୍ଷ ଟଙ୍କା ପରିଶୋଧ କରି ସୁଭାଷ ଋଣମୁକ୍ତ ହୋଇଯିବେ। ଅର୍ଥାତ୍ ସେ ନେଇଥିବା ପ୍ରତି ଶହେ ଟଙ୍କାର ଋଣ ପାଇଁ ମାତ୍ର ୩ ପଇସା ପରିଶୋଧ କରିବେ।

ଏହା ଜଣାପଡ଼ିବା ପରେ ବ୍ୟାଙ୍କ ଋଣ ମଞ୍ଜୁର ଓ ପରିଶୋଧ ପ୍ରକ୍ରିୟାରେ ଧନୀ-ଗରିବ ପାତରଅନ୍ତର ନୀତିକୁ ନେଇ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି। ପ୍ରତିକ୍ରିୟାରେ ଚନ୍ଦ୍ରା କହିଛନ୍ତି ଉକ୍ତ ଋଣ ସେ ବ୍ୟକ୍ତିଗତ ଭାବେ ନେଇ ନାହାନ୍ତି ବରଂ ଋଣଗ୍ରହୀତାଙ୍କ ପାଇଁ ମାର୍ଫତଦାର ବା ଗ୍ୟାରେଣ୍ଟର ଥିଲେ। ସେ ଅଧିକ ମଧ୍ୟ କହିଛନ୍ତି ଯେ ସେ ନେଇଥିବା ୩, ୯ ୯୨ କୋଟି ଟଙ୍କା ଋଣ ପରିଶୋଧରେ ରିହାତି ପାଇଁ ଆବେଦନ କରିଥିଲେ। ତଥାପି ଏହା କମ୍ ନୁହେଁ। ପ୍ରଶ୍ନ ଉଠିଛି ଯେ ମଧ୍ୟବିତ୍ତ କିମ୍ବା ନିମ୍ନ-ମଧ୍ୟବିତ୍ତଟିଏ ମାତ୍ର କେତେ ଲକ୍ଷ କିମ୍ବା କେତେ ହଜାର ଟଙ୍କାର ଋଣ ପରିଶୋଧରେ ଖିଲାପ କଲେ ତାଙ୍କର ବନ୍ଧକ ସମ୍ପତ୍ତି ବାଜ୍ୟାପ୍ତି କରାଯାଏ, ଘରେ ତାଲା ପଡ଼ିଯାଏ। ଯେଉଁଠି ଋଣ ଗ୍ରହୀତା ସମ୍ପୂର୍ଣ୍ଣ ଦେବାଳିଆ ହୋଇଯାଇଥିବେ ବା ଋଣ ପୈଠ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିଥିବେ କିମ୍ବା ବନ୍ଧକ ମୂଲ୍ୟ ଋଣ ଭରଣା କରିବାରେ ନିଅଣ୍ଟ ପଡୁଥିବ ସେଭଳି କ୍ଷେତ୍ରରେ ଋଣ ଗ୍ରହୀତାଙ୍କ ପାଇଁ ଯିଏ ଗ୍ୟାରେଣ୍ଟର(ମାର୍ଫତଦାର) ଥିବେ ତାଙ୍କଠାରୁ ବକେୟା ଅସୁଲ କରାଯାଏ। କିନ୍ତୁ ଧନିକଙ୍କ ପାଇଁ ଏହି ବ୍ୟବସ୍ଥା କେତେ ଯେ କୋହଳ ଓ ଉଦାର ତାହା ସୁଭାଷ ଚନ୍ଦ୍ରାଙ୍କ ଘଟଣା ଭାରତ ପାଇଁ ଏକ ବିରଳ ଉଦାହରଣ ସୃଷ୍ଟି କରିଛି।

୨୦୧୬ରେ ପ୍ରଣୀତ ଦେବାଳିଆ ସଂହିତାର ଲକ୍ଷ୍ୟ ଥିଲା ଯେଉଁ ଋଣ ଗ୍ରହୀତାମାନେ ଦୀର୍ଘବର୍ଷ ଧରି ଋଣ ପରିଶୋଧ କରିପାରୁ ନଥିବେ ସେମାନଙ୍କ ପାଇଁ ଏକକାଳୀନ ଦେୟ ବା କ୍ଷମା ଯୋଜନା ଲାଗୁ ହେବ। ଯଦି ଋଣ ଦାତାମାନେ ମତାଧିକ୍ୟରେ କ୍ଷମାପ୍ରସ୍ତାବକୁ ପାରିତ କରନ୍ତି ତେବେ ଋଣ ଗ୍ରହୀତାଙ୍କ ଅନାଦେୟ ଋଣକୁ କୋହଳ କରିଦିଆଯିବ। ଏଥିରେ ଋଣଦାତାମାନଙ୍କର ସହମତି ଆବଶ୍ୟକ। 'ନାହିଁ ମାମୁଠାରୁ କଣା ମାମୁ ଭଲ' ନ୍ୟାୟରେ ପ୍ରଣୀତ ଏହି ସଂହିତା ବଳରେ ବ୍ୟାଙ୍କମାନଙ୍କର ଏନ୍‌ପିଏ ହ୍ରାସ କରିବା ପାଇଁ ଦୀର୍ଘ ଆଇନଗତ ଜଟିଳତାକୁ ଏଡ଼ାଇବାର ଲକ୍ଷ୍ୟ ରଖାଯାଇଥିଲା। ଋଣ ପରିମାଣ ହ୍ରାସର ଏହି ପ୍ରକ୍ରିୟା ହେୟାର କଟ୍(ଚୁଟି କଟା) ଭାବେ ବିଦିତ। କିନ୍ତୁ ବିଧି/ଆଇନକୁ କିଭଳି ମୋଡ଼ି ମକଚି ଧନୀ, ପ୍ରତିପତ୍ତି ଓ ପ୍ରଭାବଶାଳୀମାନେ ନିଜ ପଟକୁ ନେଇଆସୁଛନ୍ତି ତାହାର ଉଦାହରଣ ହେଉଛି - ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ୧, ୦୭୭ଟି ମାମଲାର ବିଚାର ହୋଇ ୨.୪୭ ଲକ୍ଷ କୋଟି ଟଙ୍କା ବା ମୋଟ ଋଣ ପରିମାଣର ମାତ୍ର ୨୯% ଅସୁଲ ହୋଇଛି।

ସୁଭାଷ ଚନ୍ଦ୍ରାଙ୍କ ମାମଲାରେ ୨୩ ଜଣ ଋଣଦାତାଙ୍କ ମଧ୍ୟରୁ ଋଣ କ୍ଷମା ନିଷ୍ପତ୍ତି ସପକ୍ଷରେ ଭୋଟ ଦେଇଥିବା ମାତ୍ର ୫ଟି ସଂସ୍ଥାଙ୍କର ମୋଟ ଭୋଟ ମୂଲ୍ୟ ୬୧.୭୮% ଥିବା ବେଳେ ବ୍ୟାଙ୍କମାନଙ୍କର ମିଳିତ ଭୋଟ ମୂଲ୍ୟ ଥିଲା ୧୯.୧୮ ୬%। ତେଣୁ କ୍ଷମା ପ୍ରସ୍ତାବ ଗୃହୀତ ହୋଇଗଲା। କିନ୍ତୁ ଋଣ କ୍ଷମା ସପକ୍ଷରେ ଭୋଟ ଦେଇଥିବା ସଂସ୍ଥାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପର୍କ ସୁଭାଷ ଚନ୍ଦ୍ରାଙ୍କ ମୂଳ କମ୍ପାନୀ ସହିତ ରହିଛି। ତେଣୁ ଆଇନ ଆଖିରେ କିଭଳି ଧୂଳି ଦେଇ କରଦାତାଙ୍କ ସମ୍ପତ୍ତି ଲୁଟ୍ ହୋଇପାରୁଛି ତାହାର ନୂଆ ବାଟଟିଏ ଖୋଲିଛି।

ଦେବାଳିଆ ସଂହିତା ଆଧାରରେ 'ଏନ୍‌ସିଏଲ୍‌ଟି' ନାମକ ସେଲୁନ୍‌ରେ ଋଣଗ୍ରହୀତାଙ୍କ ସମ୍ପତ୍ତି, ଦେୟ, ବକେୟା କିଭଳି ମୂଲ୍ୟାୟନ ହୁଏ ବା 'ହେୟାର କଟ୍' ହୁଏ, 'ଏନ୍‌ସିଏଲ୍‌ଟି' କିଭଳି ମାମଲା ପରିଚାଳନା କରି ରାୟ ଦିଅନ୍ତି ତାହା ଖୁବ୍ ଜଟିଳ, ଯାହା ସାଧାରଣ ଲୋକ ପକ୍ଷରେ ସହଜରେ ବୁଝିବା ସମ୍ଭବ ନୁହେଁ। କିନ୍ତୁ ସାଧାରଣ ଲୋକଟିଏ ପ୍ରଶ୍ନ କରିବାରେ ଅସୁବିଧା ନାହିଁ ଯେ ବଡ଼ ଲୋକଙ୍କ ପାଇଁ ଉପଲବ୍ଧ ଏହି ସେଲୁନରେ ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତଙ୍କ ପାଇଁ ଚୁଟି କଟା(ଅନାଦାୟ ଋଣ ପରିମାଣରେ ରିହାତି) ଅଧିକାର ଅଛି କି? ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ଘରୁ ବିପୁଳ ନଗଦ ଜବତ ହେବା ଏବଂ ସେ ସଂସଦୀୟ କମିଟି ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ନ୍ୟାୟମନ୍ଦିରରେ ବିଚାରର ନିରପେକ୍ଷତା ନେଇ ପ୍ରଶ୍ନ ଉଠିଛି। ଏହି ଆଧାରରେ 'ଏନ୍‌ସିଏଲ୍‌ଟି'ରେ ବିଚାର ପ୍ରକ୍ରିୟା ସନ୍ଦେହ ଘେରକୁ ଆସିବା ସ୍ୱାଭାବିକ। ୨୨ ହଜାର କୋଟି ଟଙ୍କାର ଋଣକୁ 'ହେୟାର କଟ୍' ଜରିଆରେ ଯଦି ୬ କୋଟି ୫୦ ଲକ୍ଷ କରାଯାଇପାରୁଛି ସେ କ୍ଷେତ୍ରରେ ସେଲୁନ୍‌ର ହେୟାର କଟ ପ୍ରକ୍ରିୟା ଏବଂ ଏହାର ସମର୍ଥକମାନେ କେତେ ସ୍ୱଚ୍ଛ ହୋଇଥିବେ ଅନୁମେୟ।

୨୦୧୬ରେ ସରକାର ଏହି ଆଇନ କେଉଁ ଉଦ୍ଦେଶ୍ୟରେ ଏବଂ କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଣୟନ କରିଥିଲେ ତାହା ଜନସାଧାରଣଙ୍କୁ ଅଗୋଚର। କିନ୍ତୁ ଏହାଦ୍ୱାରା ଯେ ଇଚ୍ଛାକୃତ ଖିଲାପକାରୀ(ୱିଲ୍‌ଫୁଲ୍ ଡିଫଲଟର)ଙ୍କ ସଂଖ୍ୟା ବଢ଼ିବ ତାହା ନିଶ୍ଚିତ। ୧୦୦ ଟଙ୍କାର ଋଣ ନେଇ ଯଦି ମାତ୍ର ୩ ପଇସା ପୈଠ କରିବାକୁ ଆମ ଦେଶର ଆଇନ ମଞ୍ଜୁରୀ ଦେଇପାରୁଛି, ସେଥିପାଇଁ ୧୦ ପଇସା ଖର୍ଚ୍ଚ କରି ଭୋଟର କିଣିବା ସୁଯୋଗକୁ କିଏ କାହିଁକି ହାତଛଡ଼ା କରିବ? ବିଶ୍ୱରେ ଯେତିକି ପରିମାଣରେ କଳାଟଙ୍କା ରହିଛି ସେଥିରେ ସମଗ୍ର ବିଶ୍ୱବାସୀ(୮୦୦ କୋଟି)ଙ୍କୁ ଗୋଟିଏ ଲେଖାଏଁ ଲାପ୍‌ଟପ୍ ମାଗଣାରେ ବଣ୍ଟାଯାଇପାରିବ ବୋଲି ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ବିଦେଶରେ କହିଛନ୍ତି। ସୁଭାଷ ଚନ୍ଦ୍ରାଙ୍କ ଭଳି ଧନାଢ୍ୟଙ୍କ 'ହେୟାର କଟ୍' ପ୍ରକ୍ରିୟା କ'ଣ ଆଇନ ଅନୁମୋଦିତ ହୋଇଥିବାରୁ କଳାଟଙ୍କା ପଦବାଚ୍ୟ ନୁହେଁ? - ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଭଳି 'ହେୟାର କଟ୍' ପ୍ରକ୍ରିୟାରେ ବ୍ୟାଙ୍କ ବା ଋଣଦାତାମାନେ ଯେ ସମ୍ପୂର୍ଣ୍ଣ ମୁଣ୍ଡନ ବା ଚନ୍ଦା ହୋଇଯାଇପାରନ୍ତି ତାହା ବିଚାର କରିବା କ'ଣ ତତ୍କାଳୀନ ଆଇନ ପ୍ରଣୟନକାରୀମାନଙ୍କର କର୍ତ୍ତବ୍ୟ ନ ଥିଲା। ବ୍ୟାଙ୍କ ଦେବାଳିଆ ହୋଇଗଲେ ଗରିବର ଟିକସ ପଇସାରେ ସମୃଦ୍ଧ ରାଜକୋଷରୁ ହିଁ ପୁଣି ପରିପୁଷ୍ଟ ହୁଅନ୍ତି। ତେଣୁ ଧନିକଙ୍କ ସେଲୁନ୍‌ରେ ଚୁଟି କଟା ବୋଝ ଗରିବ ଲୋକମାନେ ମୁଣ୍ଡାଇବାକୁ ଏବଂ ବୋଝ ଚାପରେ ଚନ୍ଦା ବା ଲଣ୍ଡା ହେବାକୁ ପଡ଼େ। ଏହା ହିଁ ଭାରତ ଓ ଇଣ୍ଡିଆ ଭିତରେ ବଡ଼ ଫରକ।

## ବିକଳ୍ପ ସମାଜର ଆହ୍ୱାନ

ଜୟ ନାରାୟଣ ମହାପାତ୍ର

ବିଶ୍ୱବାସୀ ଆଜି ଯୁଦ୍ଧର ଘନଘଟା ମଧ୍ୟରେ ହନ୍ତସନ୍ତ। ଜୀବନ ଜୀବିକା ଦୁର୍ବିସହ। ବିଶ୍ୱାସ ସଙ୍କଟ ସବୁଠିଁ ଅନୁଭୂତ। ଅସତ୍ୟ, ଅନ୍ୟାୟ, ଅତ୍ୟାଚାର, ଅହଙ୍କାର ଓ ଅପରିଣାମଦର୍ଶିତା ସବୁକ୍ଷେତ୍ରରେ ପରିସ୍ଫୁଟ। ଧନର ପ୍ରାଚୁର୍ଯ୍ୟରେ ଭରପୂର କେତେକ ଦେଶ ସାମ୍ରାଜ୍ୟବାଦୀ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ଅନ୍ୟଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରିବାର ନିଶାରେ ପାଗଳସମ ହୋଇ ଉଠିଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆଜିର ସଚେତନ ନାଗରିକ, ଦରଦୀ ମଣିଷମାନେ ମାନବ ଜୀବନର ସୁରକ୍ଷା ଓ ପରିବେଶର ସନ୍ତୁଳନ ପାଇଁ ଯୁବପିଢ଼ିଙ୍କୁ ସାଥୀ କରି ସତ୍ୟ, ଧର୍ମ, ନ୍ୟାୟ ଓ ଅହିଂସା ମାର୍ଗରେ ନୂତନ ବିକଳ୍ପ ସମାଜ ଗଠନ ପାଇଁ ଆଗେଇ ଆସୁଛନ୍ତି।

ଆମ ଦେଶ ଭାରତ କଥା ଚିନ୍ତା କଲାବେଳେ ଅଧିକ ବ୍ୟଥିତ ହେବାକୁ ହୁଏ। ସ୍ୱାଧୀନତାର ଦୀର୍ଘ ୮୦ ବର୍ଷ ପୂରଣ କରିଥିବା ଦେଶର ନାଗରିକଙ୍କ ମଧ୍ୟରୁ ୮୦%ଙ୍କୁ ଆଜି ମଧ୍ୟ ରାସନ୍ ଦେବାକୁ ପଡୁଛି। ଗଣତନ୍ତ୍ରର ଡିଣ୍ଡିମ ପିଟୁଥିବା ସରକାରମାନେ ଦେଶ ଓ ପ୍ରଦେଶ ସ୍ତରରେ ଶତାଧିକ ଯୋଜନା ପ୍ରଣୟନ କରି ଚାଲିଥିଲା ବେଳେ ଗରିବୀର କଷାଘାତରେ ଅନେକେ ଜର୍ଜରିତ। ସୁଶାସନର ସ୍ଲୋଗାନ ଭିତରେ କୁଶାସନ ଜଳଜଳ ପରିଦୃଷ୍ଟ। ଗଣତନ୍ତ୍ରର ଗ୍ୟାରେଣ୍ଟି ଆଜି ଭୂଲୁଣ୍ଠିତ। ଗଣତନ୍ତ୍ରର ଗଣ୍ଡିଭିତରେ ମୁକ୍ତ, ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନର ଗ୍ୟାରେଣ୍ଟି ଦେଉଥିବା ଭାରତର ନିର୍ବାଚନ ଆୟୋଗ ସନ୍ଦେହ ଘେରରେ। ବିଭିନ୍ନ ପ୍ରକାର ନିର୍ବାଚନ ପ୍ରକ୍ରିୟା ଆଳରେ ଲକ୍ଷ ଲକ୍ଷ ଭୋଟରଙ୍କ ମୌଳିକ ଅଧିକାର ଛିନ୍ନ ହେଉଥିବା ବେଳେ ବିଚାରାଳୟ ମୂକସାକ୍ଷୀ ସାଜିଛି ଏବଂ 'ଏଥର ନ ହେଲେ ଆରଥରକୁ ଭୋଟ ଦେବା'କୁ ପରାମର୍ଶ ଦେଉଛି।

ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ବର୍ଷ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ଭେଷଜ ଡାକ୍ତରୀ ପାଠ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଦେଲା ବେଳେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ହେଉଛି, ଯେଉଁଥିପାଇଁ ପରୀକ୍ଷା ବାତିଲ୍ ହେଉଛି ଏବଂ ଛାତ୍ରଛାତ୍ରୀମାନଙ୍କର ମନୋବଳ ଭାଙ୍ଗିଯାଉଛି। ଅନେକେ ଦୁଃଖ ଓ ହତାଶାରେ ମ୍ରିୟମାଣ ହୋଇ ଜୀବନ ହାରି ଦେଉଛନ୍ତି। ସତେଯେମିତି ଶିକ୍ଷିତ ଯୁବଶକ୍ତିର ଜୀବନ ଅତି ତୁଚ୍ଛ ଓ ଅଦରକାରୀ। ଏଥିପାଇଁ କିନ୍ତୁ କାହାରି ଉତ୍ତରଦାୟିତ୍ୱ ନାହିଁ। ଦେଶବାସୀ ତେଣୁ ଜାଣିବାକୁ ଚାହାନ୍ତି ଏହା କ'ଣ ଦେଶପ୍ରେମ? ସୁଶାସନର ଜ୍ୱଳନ୍ତ ନିଦର୍ଶନ? ଆଜି ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନଥିବାରୁ ବର୍ଷର ୭-୮ ମାସ ଜମି ଚାଷହୀନ ହୋଇ ପଡ଼ିଆ ପଡୁଛି। ଫଳସ୍ୱରୂପ ଖାଇବା ତେଲଠାରୁ ଆରମ୍ଭ କରି ଗହମ ପର୍ଯ୍ୟନ୍ତ ଅନେକ ଶସ୍ୟ ଅନ୍ୟ ଦେଶରୁ ଆମଦାନୀ ଉପରେ ଦେଶ ନିର୍ଭର କରୁଛି। ଓଡ଼ିଶାରେ ଧାନ ବିକ୍ରୟ ପାଇଁ ମଣ୍ଡିରେ ଚାଷୀଙ୍କୁ କଟନି ଛଟନିର ଶିକାର ହେବାକୁ ପଡୁଛି। ରାସ୍ତାଘାଟରେ ରାହାଜାନି, ଦୁଷ୍କର୍ମ, ହତ୍ୟା, ଲୁଣ୍ଠନ, ଚୋରିର ପାରଦ କ୍ରମବର୍ଦ୍ଧମାନ ଗତିରେ ବଢ଼ିଚାଲିଛି।

କେବଳ ସରକାରଙ୍କ ଦ୍ୱାରା ପରିଚାଳିତ ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଭିତ୍ତିକରି ଯେନତେନ ପ୍ରକାରେ ଜିଡିପି ବୃଦ୍ଧିକୁ ନେଇ ଆମେ ବିଶ୍ୱରେ ଆଘୋଷିତ ଯେତେତମ ସ୍ଥାନରେ ପହଞ୍ଚିଥିଲେ ବି ଗ୍ରାମାଞ୍ଚଳର ଉତ୍କଟ ଦାରିଦ୍ର୍ୟ ଓ ମାନବ ସମ୍ବଳ ସୂଚକାଙ୍କ ସ୍ପଷ୍ଟ ସୂଚାଇଦିଏ ଆମେ ବାସ୍ତବରେ ବିକାଶ ରାସ୍ତାରେ କେଉଁଠି ଦଣ୍ଡାୟମାନ। ଦୁର୍ନୀତି, ଭ୍ରଷ୍ଟାଚାର, ମିଥ୍ୟାଚାର ଦେଶର କୋଣ ଅନୁକୋଣରେ ଦୃଷ୍ଟିଗୋଚର। କର୍ମନିଯୁକ୍ତିର ଅଭାବ ଆଜି ଶିକ୍ଷିତ ଯୁବସମାଜକୁ ହତାଶା ମଧ୍ୟକୁ ଠେଲିଦେଇଛି। କିନ୍ତୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ସର୍ବୋଚ୍ଚ ବିଚାରପତି ଏହି ବେରୋଜଗାର ଯୁବଶକ୍ତିକୁ 'ଅସରପା' ଓ 'ପରଜୀବୀ(ପରାଙ୍ଗପୁଷ୍ଟ ଜୀବ)' ବୋଲି ଆଖ୍ୟା ଦେଇ ସେମାନଙ୍କ ମାନସିକ ସ୍ତରରେ ଆଘାତ ଦେବାକୁ ପଛାଇ ନାହାନ୍ତି।

ନିର୍ବାଚନ ପୂର୍ବରୁ ଦେଶର ଜନସାଧାରଣଙ୍କୁ ନାନାପ୍ରକାର ମନଭୁଲାଣିଆ ପ୍ରଲୋଭନ ଦେଖାଇ ଶାସନକୁ ଆସିଲା ପରେ ନିର୍ବାଚନ ପ୍ରତିଶ୍ରୁତି ପାଳନ ନ କରିବା କିମ୍ବା ବିଭିନ୍ନ ପ୍ରକାର ଆଳ କରି ସେଥିରୁ ବଞ୍ଚିତ କରିବାର ବାହାନା ସୃଷ୍ଟି କରିବା ଅତି ସାଧାରଣ ଘଟଣା ବୋଲି ମନେହୁଏ। ଦେଶର ସମ୍ବିଧାନକୁ ନିଜ ଇଚ୍ଛା ଅନୁଯାୟୀ ବ୍ୟବହାର କରିବା ପାଇଁ ବାରମ୍ବାର ସଂଶୋଧନ କରିବା, ଦଳବଦଳ ନିରୋଧ ଆଇନକୁ ସଶକ୍ତ କରିବା ପରିବର୍ତ୍ତେ ଦଳବଦଳକୁ ପ୍ରୋତ୍ସାହନ ଦେବା, ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଶାସନ କରିବାର ହୀନ ମାନସିକତା ଆଜି ରାଜନୀତିକୁ କଳୁଷିତ କରିବାରେ ଲାଗିଛି। ଅଳ୍ପକିଛିଙ୍କୁ ବାଦ୍ ଦେଲେ ଅଧିକାଂଶ ଯୁବଶକ୍ତି ଆଜି ଦିଗହରା, ବିପଥଗାମୀ, ନିଶାଗ୍ରସ୍ତ। ସେମାନଙ୍କୁ ହାତବାରିସି କରି ଦେଶର ରାଜନେତାମାନେ ନିଜ ନିଜ ସ୍ୱାର୍ଥ ହାସଲରେ ବ୍ୟସ୍ତ। ଦେଶକୁ ନିଶାମୁକ୍ତ ଘୋଷଣା କରିବା ବଦଳରେ ଯୁବଶକ୍ତି କେମିତି ଅଧିକ ନିଶାଗ୍ରସ୍ତ ହୋଇ ତାଙ୍କ ପଛରେ ସବୁଦିନ ଗୋଡ଼ାଇବେ ତାହର ସୁବନ୍ଦୋବସ୍ତ ହୋଇଛି। ଯେଉଁ ମୁଷ୍ଟିମେୟ ଯୁବଗୋଷ୍ଠୀ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ କର୍ମନିଯୁକ୍ତି ପ୍ରାପ୍ତ ହେଉଛନ୍ତି, ସେମାନଙ୍କର ଅହଂକାର ଚରମ ସୀମାରେ। ସେମାନଙ୍କର ଚାଲିଚଳଣ, ହାବଭାବ, ବେଶଭୂଷା, ଖାଦ୍ୟପେୟ ଓ ଗାଡ଼ିଘୋଡ଼ା, ଜୀବନକୁ ଉପଭୋଗ କରିବାର ଶୈଳୀ ସତେଯେମିତି ଅନ୍ୟ ବେରୋଜଗାରମାନଙ୍କୁ ଉପହାସ କରୁଛି।

ଗ୍ରାମାଞ୍ଚଳର ଅଧିବାସୀମାନେ ଆଜି ବି ଉତ୍ତମ ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ସର୍ବଦା ବିଜୁଳି ଆଲୁଅ ପାଇବାରୁ ବଞ୍ଚିତ। ଶହ ଶହ କୋଟି ଟଙ୍କା ବ୍ୟୟରେ ରାସ୍ତା, ପୋଲ ଇତ୍ୟାଦି ନିର୍ମାଣ ହେଉଥିଲେ ବି ନିମ୍ନମାନର କାର୍ଯ୍ୟ ପାଇଁ ଅତି ଅଳ୍ପଦିନ ମଧ୍ୟରେ ନଷ୍ଟ ହେଉଛି। କାରଣ ଆଜିର ଠିକାଦାର/ କାର୍ଯ୍ୟନିର୍ବାହୀମାନେ ରାଜନୈତିକ ବାଛବିଚାରର ଶରବ୍ୟ। ଗଣମାଧ୍ୟମମାନେ ରାଜନୈତିକ ମୁଖାପେକ୍ଷୀ। ବିଚାରପତିମାନଙ୍କର ସ୍ୱର ଦବି ଦବି ଆସୁଛି। ଗଣତନ୍ତ୍ରର ଅଙ୍ଗପ୍ରତ୍ୟଙ୍ଗ ଯେତେବେଳେ ରୋଗାକ୍ରାନ୍ତ ଓ ନିର୍ବେଦଗ୍ରସ୍ତ, ସେତେବେଳେ ସାଧାରଣ ଜନଗଣଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅବସ୍ଥା ଶୋଚନୀୟ ହେବା ସ୍ୱାଭାବିକ।

ଏ କ୍ଷେତ୍ରରେ ଦେଶର ବିରୋଧୀ ରାଜନୈତିକ ଦଳମାନଙ୍କର ଭୂମିକା ନିଶ୍ଚୟ ପ୍ରଶ୍ନବାଚୀ ସୃଷ୍ଟିକରେ। ଦେଶରେ ଏକ ମିଳିତ ସଶକ୍ତ ବିରୋଧୀଦଳ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସରକାରଙ୍କୁ ଗଠନମୂଳକ ସହଯୋଗ ପ୍ରଦାନ କରେ ଏବଂ ସରକାରଙ୍କ ଅନ୍ୟାୟ ନିଷ୍ପତ୍ତିର ପ୍ରତିରୋଧ ପାଇଁ ଖଣ୍ଡ-ବିଖଣ୍ଡିତ ବିରୋଧୀ ଦଳମାନଙ୍କର ଏକତାର ଅଭାବ ସରକାରୀ ଦଳକୁ ଏକଛତ୍ରବାଦୀ କାର୍ଯ୍ୟ ପାଇଁ ବାଟ ଫିଟାଇଥାଏ, ଯାହା ଆଜି ଅନୁଭୂତ ହେଲାଣି। ତେଣୁ ସାମ୍ବିଧାନିକ ନିଷ୍ପତ୍ତି ଗ୍ରହଣକାରୀ ପଦବୀରେ ଆସୀନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ସମ୍ବିଧାନର କ୍ଷୁଦ୍ର କ୍ଷୁଦ୍ର ଛିଦ୍ରର ସାହାରା ନେଇ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନେଉ ନଥିବାରୁ ଗଣତନ୍ତ୍ରର ଚରମ ଅଧୋଗତି ଦେଖାଦେଉଛି।

ଏସବୁରୁ ମୁକ୍ତିଲାଭ କରିବାକୁ ହେଲେ ଦେଶର ବେରୋଜଗାର ଯୁବଶକ୍ତି, ମହିଳାଶକ୍ତି, କୃଷକ, ଶ୍ରମଜୀବୀ ଓ ସର୍ବୋପରି ଚିନ୍ତାଶୀଳ ଦେଶଭକ୍ତ ଦରଦୀ ମଣିଷମାନେ ଏକଜୁଟ ହୋଇ ଦେଶର ପ୍ରକୃତ ଶୋଷଣକାରୀ ଗୋଷ୍ଠୀ, ଯେଉଁମାନଙ୍କ ପାଖରେ ଦେଶର ମୋଟ ସମ୍ପତ୍ତି/ଐଶ୍ୱର୍ଯ୍ୟର ୯୦ ଭାଗ ଉପଲବ୍ଧ, ସେମାନଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ଅହିଂସ ସତ୍ୟାଗ୍ରହ ଆରମ୍ଭ କରିବାକୁ ହେବ। ଏପରି ଏକ ବୈପ୍ଳବିକ ବିକଳ୍ପ ସମାଜ ଗଠନ କରିବାକୁ ହେବ, ଯାହା ମୂଳରେ ରହିବ ସ୍ୱାଧୀନ ବିଚାରକ୍ରାନ୍ତି ଅଭିଯାନ, ସତ୍ୟ-ଶାନ୍ତି-ନ୍ୟାୟ ଓ ସହଯୋଗିତାର ମନ୍ତ୍ର, ପ୍ରଦୂଷଣମୁକ୍ତ ମାଟି-ପାଣି-ପବନ, କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ପ୍ରତ୍ୟେକ ଗ୍ରାମ ଏକ ଆଦର୍ଶ ଗ୍ରାମର ପରିକଳ୍ପନା, ସମସ୍ତଙ୍କ ପାଇଁ କର୍ମସଂସ୍ଥାନ, ସଶକ୍ତ ଗଣତନ୍ତ୍ର ପାଇଁ ସମ୍ବିଧାନ ସମ୍ପର୍କିତ ଅତ୍ୟାବଶ୍ୟକୀୟ ପ୍ରଶିକ୍ଷଣ, ଅବାଧ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସଂକ୍ରାନ୍ତୀୟ ଧାରଣା, ବିକଳ୍ପ ସ୍ୱାସ୍ଥ୍ୟ ସେବା, ଶାସନରେ ସ୍ୱଚ୍ଛତା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱ, ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀ, ଦୁର୍ନୀତିମୁକ୍ତ ଦାୟିତ୍ୱଶୀଳ ପ୍ରଶାସନ, ପ୍ରଶାସନିକ ଓ ସେବାଗତ ଅବହେଳା ପାଇଁ ତ୍ୱରିତ କଠୋର ଶାସ୍ତି ବ୍ୟବସ୍ଥା, ଉତ୍ତମ ସେବା ଦେଇଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପୁରସ୍କୃତ କରିବା, ସରକାରୀ ଅପବ୍ୟୟ ସମାପ୍ତି, ପ୍ରତ୍ୟେକ ଅଭାବୀ ପରିବାରକୁ ଏକ ନିଶ୍ଚିତ ସରକାରୀ କର୍ମଯୋଗାଣ, ସମ୍ପୂର୍ଣ୍ଣ ଦେୟମୁକ୍ତ ନାରୀଶିକ୍ଷାର ପ୍ରଚଳନ, ଦେଶରେ ସମ୍ପୂର୍ଣ୍ଣ ନିଶା ନିବାରଣ, ପ୍ରତି କୃଷି କ୍ଷେତ୍ରକୁ ଜଳସେଚନ, ଶ୍ରମିକମାନଙ୍କର ଦକ୍ଷତାଭିତ୍ତିକ ପଞ୍ଜୀକୃତ ଗୋଷ୍ଠୀ ଗଠନ, ସମସ୍ତ ନାଗରିକଙ୍କ ପାଇଁ ୫ ବର୍ଷ ବୟସରୁ ଜୀବନବୀମା, ଶାସନ ସଂସ୍କାର ଓ ନିର୍ବାଚନ ସଂସ୍କାର ଜରିଆରେ ପ୍ରଚଳିତ ବ୍ୟବସ୍ଥାର ଆବଶ୍ୟକୀୟ ପରିବର୍ତ୍ତନ, ଆର୍ଥିକ ଭିତ୍ତିରେ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା, ଜାତି ଓ ଶ୍ରେଣୀଭିତ୍ତିକ ସମାଜର ବିଲୋପ ସାଧନ, ଯୋଗ୍ୟବ୍ୟକ୍ତିଙ୍କୁ ଉପଯୁକ୍ତ ପଦବୀ, ବ୍ୟାଙ୍କ୍ ଓ ବୀମା ଶିଳ୍ପରେ ବ୍ୟାପକ ସଂସ୍କାର, ବିଦ୍ୟାଳୟ ସ୍ତରରୁ ସ୍ୱଚ୍ଛତା ଓ ନୈତିକଶିକ୍ଷାର ଗୁରୁତ୍ୱ, ପ୍ରତି ବିଦ୍ୟାଳୟରେ ପ୍ରାଦେଶିକ ମାତୃଭାଷା ଓ ରାଷ୍ଟ୍ରୀୟ ଭାଷାର ବାଧ୍ୟତାମୂଳକ ପ୍ରଚଳନ, ବିଚାରାଳୟରେ ନିର୍ଦ୍ଦିଷ୍ଟ ସମୟଭିତ୍ତିକ ନିଷ୍ପତ୍ତି, ବିଚାର ବ୍ୟବସ୍ଥାର ବ୍ୟାପକ ସଂସ୍କାର, ଗଣମାଧ୍ୟମ ସଂସ୍ଥା ପ୍ରତିଷ୍ଠା ପରିଚାଳନା ନିରପେକ୍ଷତା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପାରିବାରିକ ସଂସ୍କୃତି ପରମ୍ପରା ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ ରୋକିବା, ପ୍ରତି ଗ୍ରାମରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଓ ଜଳ ସଂରକ୍ଷଣ ପ୍ରତି ଗୁରୁତ୍ୱ, ଗ୍ରାମ୍ୟ ଉନ୍ନୟନ କମିଟି ଗଠନ, ସାମ୍ପ୍ରଦାୟିକ ସଦ୍ଭାବ ସୁରକ୍ଷା ସମିତି ଗଠନ, ସବୁ ଯୋଜନାର ବିଧିବଦ୍ଧ ନିୟମିତ ବାସ୍ତବ ସମୀକ୍ଷା, ବିଶ୍ୱ ଶାନ୍ତି ଓ ସହଯୋଗ ପାଇଁ ପ୍ରତି ଦେଶରେ ଶାନ୍ତିଦୂତ ସୃଷ୍ଟି ଓ ବିଶ୍ୱ ଶାନ୍ତି ସଂସଦ ପ୍ରତିଷ୍ଠା ପାଇଁ ପରିକଳ୍ପନା ଇତ୍ୟାଦି।

ରୁପ୍‌ସା(ବାଲେଶ୍ୱର), ମୋ: ୯୪୩୮୧୭୭୬୩୪

## ନିଶାମୁକ୍ତ ସମାଜ: ପ୍ରଶ୍ନ, ପ୍ରତିଶ୍ରୁତି ଓ ଦାୟିତ୍ୱ

ଶ୍ରୀମତୀ ବନିତା ମହାରଣା

ଶ୍ରୀମଦ୍ ଭାଗବତର ସେହି ମହାନ ପଂକ୍ତି କୁହେ - 'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ।' ଯଦି ମନୁଷ୍ୟ ସକଳବିଦ୍ୟାର ଅଧିକାରୀ ଏବଂ ତା'ର ଜ୍ଞାନକୁ ଦେଖି ସ୍ୱୟଂ ଭଗବାନ ଆନନ୍ଦିତ ହୁଅନ୍ତି, ତେବେ ସେହି ଜ୍ଞାନୀ ମଣିଷ ଆଜି ନିଶାରୂପକ ବିଷକୁ ଆପଣାଇବାକୁ ଟିକିଏ ବି କୁଣ୍ଠାବୋଧ କରୁନାହିଁ କାହିଁକି? ତା'ର ଏହି ଆତ୍ମଘାତୀ ପଦକ୍ଷେପ ସମଗ୍ର ସମାଜକୁ କେତେ ଭୟଙ୍କର ଭାବେ ପ୍ରଭାବିତ କରୁଛି, ତାହା ବର୍ତ୍ତମାନ ଏକ ଗଭୀର ଚିନ୍ତାର ବିଷୟ।

ଆଜିର ସହରଗୁଡ଼ିକ ଯେମିତି ଗୋଟିଏ ଗୋଟିଏ ଧଳା ଜହରର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଯାଇଛି। ଯେଉଁ ଭାରତବର୍ଷକୁ ଦିନେ 'ରାମରାଜ୍ୟ'ରେ ପରିଣତ କରିବାର ପରିକଳ୍ପନା କରାଯାଉଥିଲା, ସେହି ସ୍ୱପ୍ନରେ ଆଜି ବୁଢ଼ିଆଣୀ ଜାଲ ଲାଗିଗଲାଣି। ଆମେ ଦେଖିଥିବା ଏକ ସୁସ୍ଥ ଓ ସୁନ୍ଦର ସମାଜର ଚିତ୍ର ଏବେ ଧୀରେ ଧୀରେ ଝାପସା ହେବାକୁ ବସିଲାଣି। ଆବାଳବୃଦ୍ଧବନିତା କେଉଁଠି ନା କେଉଁଠି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି ନିଶାର କରାଳ ଛାୟାରେ କବଳିତ। ଏହା ଏକ ସୁପ୍ତ ସମାଜକୁ ଜାଗ୍ରତ କରିବା ବଦଳରେ ସମ୍ପୂର୍ଣ୍ଣ ଲୁପ୍ତ କରିଦେବାର ଏକ ବଡ଼ ଚକ୍ରାନ୍ତ ନୁହେଁ କି?

କେବଳ ପୁରୁଷ ନୁହନ୍ତି, ଆଜିର ସମାଜରେ ଉଗ୍ର ଆଧୁନିକତାର ପ୍ରତିଯୋଗିତାରେ ଘରର ଲକ୍ଷ୍ମୀ କୁହାଯାଉଥିବା ନାରୀମାନେ ମଧ୍ୟ ନିଶାଦ୍ରବ୍ୟ ସେବନ କରିବାକୁ ବା ମଦ କାଉଣ୍ଟର ଆଗରେ ଠିଆ ହେବାକୁ ସଙ୍କୋଚ କରୁନାହାନ୍ତି। ପରିବାରର ଦାୟିତ୍ୱ ନେବା ପରିବର୍ତ୍ତେ ବାର୍ ବା କ୍ଲବ୍‌ରେ ମଦ୍ୟପାନ କରି ନିଜକୁ ଆଧୁନିକ ବୋଲାଇବାର ଏକ ନକଲି ପ୍ରୟାସ ଚାଲିଛି। ଯଦି ଭବିଷ୍ୟତର ମାଆମାନେ ଏହିପରି ନିଶାଗ୍ରସ୍ତ ହୁଅନ୍ତି, ତେବେ ସେମାନେ କିପରି ଏକ ସୁସ୍ଥ ଓ ସଂସ୍କାରବନ୍ତ ପିଢ଼ିକୁ ଜନ୍ମ ଦେଇପାରିବେ? ଆମ ସମାଜ ଆଜି ପ୍ରକୃତରେ ସୁସ୍ଥ ଅଛି ନା ଧୀରେ ଧୀରେ ଜରାଜୀର୍ଣ୍ଣ ହୋଇ ପତନ ଆଡ଼କୁ ଗତି କରୁଛି, ତାହା ଆଜିର ସବୁଠାରୁ ବଡ଼ ପ୍ରଶ୍ନ।

ପେଟର ଭୋକ ମେଣ୍ଟାଇବା ପାଇଁ ଛୋଟିଆ ପକ୍ଷୀଟିଏ ପ୍ରାତଃକାଳରୁ ନିଦ ଭାଙ୍ଗି ଦୂର ଆକାଶର ଛାତିରୁ, ଜନମଭୂଇଁର ମାଟିରୁ ଓ ନୀଳ ସାଗରର ବକ୍ଷରୁ ନିଜ ପାଇଁ ଏବଂ ନିଜ ଛୁଆଙ୍କ ପାଇଁ ଆହାର ଅନ୍ୱେଷଣ କରି ବୁଲେ। ଏହି ସୁନ୍ଦର ପୃଥିବୀରେ ସମସ୍ତ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ପ୍ରକୃତି ପାଖରେ କୌଣସି ଜିନିଷର ଅଭାବ ନାହିଁ। କିନ୍ତୁ ଅଭାବ ଅଛି ତ କେବଳ ମଣିଷର ମାନସିକତାରେ। ଜୀବନ ହେଉଛି ଏକ ନିରନ୍ତର ସଂଘର୍ଷ। ଏଠି କର୍ମର ଜୁଇରେ ଜଳିବାକୁ ପଡ଼େ ଏବଂ ପ୍ରତିଦିନ ନୂତନ ଜନ୍ମ ନେଇ ବଞ୍ଚିବାକୁ ପଡ଼େ। ତେବେ ଏମିତି କେଉଁ ଅଭାବ ରହିଯାଏ ଯେ ମଣିଷ ନିଶାଗ୍ରସ୍ତ ହୁଏ? ଅନେକ ଥର ନିଶାର କାରଣ ଖୋଜିବାକୁ ଗଲେ ଗୋଟିଏ ସାଧାରଣ ଉତ୍ତର ମିଳେ - 'ମାନସିକ ଚାପରୁ ମୁକ୍ତି' ଏବଂ 'କଷ୍ଟ ଲାଘବ'। କିନ୍ତୁ ଏହା କେବଳ ଏକ ଆତ୍ମପ୍ରତାରଣା ମାତ୍ର। ନିଶା କଦାପି ସମସ୍ୟାର ସମାଧାନ ହୋଇ ନ ପାରେ, ବରଂ ଏହା ମୃତ୍ୟୁଆଡ଼କୁ ଟାଣି ନେଉଥିବା ଏକ ଖସଡ଼ା ବାଟ।

କେବେ ଦେଖିଛନ୍ତି ଜଣେ ବୃଦ୍ଧା ମାଆର ଏକମାତ୍ର ଆଶାବାଡ଼ି ସାଜିଥିବା ଭେଣ୍ଡିଆ ପୁଅଟି ନିଶାସକ୍ତ ହୋଇ ରାସ୍ତାକଡ଼ ଡ୍ରେନ୍‌ରେ ପଡ଼ିଥିବାର ଦୃଶ୍ୟ? ବିଷାକ୍ତ ମଦ୍ୟପାନ ହେତୁ ଅକାଳ ମୃତ୍ୟୁବରଣ କରିଥିବା ସ୍ୱାମୀର ଶବ ପାଖରେ ଜଣେ ଅଳ୍ପବୟସ୍କା ନାରୀର ବୈଧବ୍ୟର କରୁଣ ଚିତ୍କାର କେବେ ଶୁଣିଛନ୍ତି? ନିଶାଖୋର ବାପାର ଅତ୍ୟାଚାର କିମ୍ବା ମୃତ୍ୟୁ ଯୋଗୁଁ ବାପଛେଉଣ୍ଡ ହୋଇ ରାସ୍ତାରେ ବୁଲୁଥିବା ଅନାଥ ଶିଶୁଙ୍କ ଅବସ୍ଥା କେବେ ହୃଦୟଙ୍ଗମ କରିଛନ୍ତି? ମଣିଷ ପାଇଁ ନିଶା କ'ଣ ଏତେ ଜରୁରୀ, ଯାହା ଗୋଟେ ମାଆଠାରୁ ତା' ପୁଅକୁ, ସ୍ତ୍ରୀଠାରୁ ତା' ସ୍ୱାମୀକୁ ଏବଂ ଛୁଆଠାରୁ ତା' ବାପାକୁ ଚିରଦିନ ପାଇଁ ଛଡ଼ାଇ ନିଏ? ଆଜି ଆମ ସମାଜ କଳୁଷିତ କେବଳ ଏହି ନିଶା ପାଇଁ। ନିଶାଗ୍ରସ୍ତ ଅବସ୍ଥାରେ ହିତାହିତ ଜ୍ଞାନ ହରାଇ କେତେ ଯେ ନରରାକ୍ଷସ ନିରୀହ ନାରୀମାନଙ୍କୁ ନିଜର ପାଶବିକ କାମନାର ଶିକାର କରୁଛନ୍ତି, ଖବରକାଗଜର ପ୍ରଥମ ପୃଷ୍ଠାଗୁଡ଼ିକ ତାହାର ମୂକସାକ୍ଷୀ ସାଜିଛନ୍ତି।

ଏବେ ଆତ୍ମସମୀକ୍ଷା ଓ ବିଚାର କରିବାର ପ୍ରକୃତ ସମୟ ଆସିଯାଇଛି। ଯଦି ଏ ପୃଥିବୀରେ ସବୁକିଛି ପରିବର୍ତ୍ତନଶୀଳ, ମନୁଷ୍ୟର ଏହି ନିମ୍ନଗାମୀ ମାନସିକତା କାହିଁକି ପରିବର୍ତ୍ତନ ହୋଇପାରିବ ନାହିଁ? ଆମର ଏ ସୁନ୍ଦର ଦେଶର ଉଜ୍ଜ୍ୱଳ ଭବିଷ୍ୟତ କ'ଣ ପୌରାଣିକ ଯଦୁବଂଶ ପରି ନିଶାଗ୍ରସ୍ତ ହୋଇ ନିଜେ ନିଜ ଭିତରେ ଲଢ଼ି ନାଶ ହୋଇଯିବ? ନିଶା ନିବାରଣ ମାଧ୍ୟମରେ ମାଆ କୋଳରେ ପୁଅକୁ, ସ୍ତ୍ରୀ ପାଖରେ ସ୍ୱାମୀକୁ ଏବଂ ଶହ ଶହ ନିରୀହ ଶିଶୁ ତଥା ନାରୀଙ୍କୁ ସୁରକ୍ଷିତ ରଖିବା କ'ଣ ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ନୁହେଁ? ସମାଜକୁ ଦୋଷ ଦେବା ପୂର୍ବରୁ ଆସନ୍ତୁ ଏହି ପରିବର୍ତ୍ତନର ପ୍ରୟାସ ନିଜଠାରୁ ହିଁ ଆରମ୍ଭ କରିବା। ନିଜେ ନିଶାମୁକ୍ତ ରହିବା ଏବଂ ଅନ୍ୟକୁ ଏହି ମୃତ୍ୟୁଫାଶରୁ ବଞ୍ଚାଇବା ପାଇଁ ସଚେତନତା ସୃଷ୍ଟି କରିବା। ଏକ ସୁନ୍ଦର, ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଆମର ଏକତ୍ରିତ ପ୍ରତିଶ୍ରୁତି ହିଁ ଆମକୁ ଠିକ୍ ବାଟ ଦେଖାଇବ। ଯଦ୍ୱାରା ପ୍ରତ୍ୟେକ ପରିବାରରେ ପୁଣିଥରେ ହସର ଲହରୀ ଖେଳିଉଠିବ ଏବଂ ଏକ ମଜବୁତ୍ ଓ ସୁନ୍ଦର ଭବିଷ୍ୟତର ନିର୍ମାଣ ହୋଇପାରିବ।

ଘୁ.ଉଦୟଗିରି(କନ୍ଧମାଳ)
ମୋ: ୭୬୫୬୦୫୮୯୫୨

## ଖାଲି ପାଦରେ ଚାଲି

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସମୟ ଥିଲା ଯେତେବେଳେ ଅଧିକାଂଶ ଲୋକ ଖାଲିପାଦରେ ଚାଲୁଥିଲେ। ବିଶେଷକରି, ଗ୍ରାମାଞ୍ଚଳମାନଙ୍କରେ ଯୋତା ବା ଚପଲର ବ୍ୟବହାର ପ୍ରାୟତଃ ନଥିଲା। ଏବେ ମଧ୍ୟ ଅଧିକାଂଶ ପରିବାରରେ ଘର ଭିତରେ ଚପଲ ପିନ୍ଧିବାରେ ବାରଣ ରହିଛି। ବୈଜ୍ଞାନିକମାନଙ୍କ ମତରେ ଏହା ଅନେକ ସୁଫଳ ଅଛି।

ଖାଲିପାଦରେ ଚାଲିବା ଆମ ପାଦକୁ ଶକ୍ତ କରେ। ଚାଲିବା ସମୟରେ ଅଧିକ ଭାରସାମ୍ୟ ରକ୍ଷା କରେ। ଗଣ୍ଠି ଉପରେ ଚାପ ହ୍ରାସ କରେ। କାରଣ ଯୋତା ନ ପିନ୍ଧିବା ପାଦକୁ ପ୍ରାକୃତିକ ଭାବେ ପରିବେଶ ସହିତ ପାରସ୍ପରିକ କ୍ରିୟା କରିବାକୁ ଦିଏ। ଯାହାକି କମ ବ୍ୟବହୃତ ମାଂସପେଶୀ ଏବଂ ସଂବେଦନ ଗ୍ରାହକ(ସେନ୍‌ସରି ରିସିପ୍‌ଟର)ମାନଙ୍କୁ ସକ୍ରିୟ କରେ। ମୋଟାମୋଟି ଭାବେ ଏହାର ଶାରୀରିକ, ମାନସିକ ଓ ସ୍ନାୟୁବ୍ୟବସ୍ଥା ଉପରେ ଅନେକ ଉପାଦେୟ ପ୍ରଭାବ ରହିଛି।

**ଶାରୀରିକ ପ୍ରଭାବ:** - (କ) ଯୋତା ପିନ୍ଧିବା ପାଦର ଚାଳନାକୁ ସୀମିତ କରେ। ଅନ୍ୟପକ୍ଷରେ ଖାଲି ପାଦରେ ଚାଲି ମାଂସପଶୀଗୁଡ଼ିକୁ ସକ୍ରିୟ ସ୍ନାୟୁରଜ୍ଜୁକ(ଲିଗାମେଣ୍ଟ)ଗୁଡ଼ିକୁ ଦୃଢ଼ କରେ ଏବଂ ପାଦର ବକ୍ରଭାଗକୁ ଶକ୍ତ କରେ। (ଖ) ପାଦର ଗୋଇଠିରେ ରହିଛି ହଜାର ହଜାର ସ୍ନାୟୁର ଶେଷାଂଶ। ତାହା ଖୋଲା ରହିଲେ ମସ୍ତିଷ୍କକୁ ଉନ୍ନତ ସ୍ପର୍ଶଯୋଗ୍ୟ ତଥ୍ୟ ଯୋଗାଏ। ଯାହାକି ସ୍ଥାନଟିର ଆକରପ୍ରକାର ସଂପର୍କରେ ସଚେତନତା ବଢ଼ାଏ ଏବଂ ବୟସ ସଂଗେ ସଂଗେ ଏ ଅନୁଭୂତି ହ୍ରାସ ପାଇବା ପ୍ରକ୍ରିୟାର ପ୍ରତିରୋଧ କରେ। (ଗ) ଆଣ୍ଠୁର ସାମଗ୍ରିକ ସ୍ୱାସ୍ଥ୍ୟ ତଥା ଆଣ୍ଠୁବାତ ଭଳି ଅବସ୍ଥା ପାଇଁ ଖାଲିପାଦରେ ଚାଲିବା ଉପାଦେୟ। ଏହା ପ୍ରାକୃତିକ ଝଟକା ସହ୍ୟ କରିବାକୁ ସହଜ କରି ନିମ୍ନ ଶେଷାଂଶ ଗଣ୍ଠିମାନଙ୍କ ଉପରେ ଭାର କମ କରେ। (ଘ) ଯୋତା ନ ପିନ୍ଧିବା ପାଦକୁ ଖୋଲି ହୋଇ ରହିବାକୁ ଦିଏ। ଫଳରେ ଆଂଗୁଠିଗୁଡ଼ିକ ବଙ୍କା ହୁଏ ନାହିଁ।

**ମାନସିକ ଓ ସ୍ନାୟୁବିକ ପ୍ରଭାବ:** - (କ) ଖାଲିପାଦରେ ଚାଲିବା ଫଳରେ ମାନସିକ ଚାପ ଏବଂ ଦୁଶ୍ଚିନ୍ତା କମ ହୁଏ। କାରଣ ପାଦର ଚର୍ମ ଘାସ, ମାଟି କିମ୍ବା ବାଲି ଭଳି ପ୍ରାକୃତିକ ଭୂପୃଷ୍ଠ ସ୍ପର୍ଶ କଲେ 'ପ୍ରାଥମିକ ଚାପ ହରମୋନ' ବୋଲି କୁହାଯାଉଥିବା କୋର୍ଟିସଲର କ୍ଷରଣ ହ୍ରାସ ପାଏ। (ଖ) ପିଲାମାନଙ୍କଠାରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଖୋଲାପାଦରେ ଚାଲିଲେ ମସ୍ତିଷ୍କର 'ସେନସରି କୋରଟେକସ', ଥାଲାମସ୍ ଓ ସେରେବେଲମ ଅଂଶର ସ୍ନାୟୁଗୁଡ଼ିକ ସକ୍ରିୟ ହୁଏ। ଫଳରେ ମସ୍ତିଷ୍କ ମଧ୍ୟକୁ ରକ୍ତପ୍ରବାହ ବୃଦ୍ଧି ପାଏ ଏବଂ ସାମଗ୍ରିକ ଭାବେ ବୌଦ୍ଧିକ ସଚେତନତାର ବିକାଶ ଘଟେ। (ଗ) ଭୂମି ସହିତ ପାଦର ସଂଯୋଗ ଆମ ଆଭ୍ୟନ୍ତରୀଣ ଜୈବିକ ଛନ୍ଦକୁ ସୁସ୍ଥିର ଓ ନିୟମିତ କରେ। ଫଳରେ ଠିକ୍ ସମୟରେ ଭଲ ନିଦ ହୁଏ ଏବଂ କ୍ଳାନ୍ତି ଦୂର ହୁଏ। (ଘ) ଭୂମି ଉପରେ ଖାଲି ପାଦରେ ଚାଲିବା ମନ ଓ ଦେହର ସଂପର୍କ ଅଧିକ ମାତ୍ରାରେ ବୃଦ୍ଧି କରେ। ଏହା ମାନସିକ ଚାପ ହ୍ରାସକାରୀ ହରମୋନ ଏଣ୍ଡରଫିନସ ର କ୍ଷରଣ ଘଟାଏ। ଏଣୁ ମନ ହାଲୁକା ଓ ପ୍ରଫୁଲ ରହେ।

**ସାବଧାନତା:** - (କ) ପ୍ରଥମେ ଘର ଭିତରେ ବା ଆଗଣାରେ ବାଲି, ଘାସ ଆଦି ଭଳି ନରମ ପୃଷ୍ଠଭୂମିରେ ଦିନକୁ ୧୫/୨୦ ମିନିଟ ଖାଲିପାଦରେ ଚାଲିବା ଅଭ୍ୟାସ ଆରମ୍ଭ କରିବା ଦରକାର। (ଖ) ପାଦ କିପରି ଭୂମିକୁ ସ୍ପର୍ଶ କରୁଛି ଦେଖ। ଏହା ପାଦ ଠାରୁ ଗୋଇଠି ପର୍ଯ୍ୟନ୍ତ ହେବା ଉଚିତ। ତେବେ ତାହା କଠୋର ଭାବେ ନୁହେଁ, ଧୀରଭାବେ। ପାଦକୁ ଭୂମିରେ କଚାଡ଼ି କଚାଡ଼ି ଚାଲିବା ଠିକ ନୁହେଁ। (ଗ) ଉତ୍ତପ୍ତ ପିଚୁ ବା ଢଳେଇ ଅତ୍ୟଧିକ ଥଣ୍ଡା କଂକ୍ରିଟ, କଠିନ କିମ୍ବା ତୀକ୍ଷ୍ଣ ପଦାର୍ଥ ଥିବା ଆବର୍ଜନା ଆଦି ଉପରେ ଚାଲିବାକୁ ଏଡ଼ାଇ ଯିବା ଭଲ। (ଘ) ଶରୀରର ମାଂସପେଶୀର ସକ୍ରିୟକରଣର ଲକ୍ଷଣ ହେଲା ତାହା ହାଲିଆ ଲାଗିବା କିମ୍ବା ଝିମିଝିମ ହେବା। ଏହା ହେଲେ କିଛିସମୟ ବିଶ୍ରାମ ନେବା ଦରକାର। କିନ୍ତୁ ଯଦି ଗଣ୍ଠି ବା ସ୍ନାୟୁରଜ୍ଜୁକରେ ଯନ୍ତ୍ରଣା ହେଲା, ଖାଲିପାଦରେ ଚାଲି କମ କରି ଦେବା କିମ୍ବା ବନ୍ଦ କରିଦେବା ଉଚିତ। (ଚ) ମଧୁମେହ ରୋଗୀ ହୋଇଥିଲେ କିମ୍ବା ପାଦରେ କିଛି କ୍ଷତ ଥିଲେ ଏଥିପାଇଁ ବିଶେଷ ସାବଧାନତା ଲୋଡ଼ା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୟୂରଭଞ୍ଜର ସାନ୍ତାଳୀ ପୁଅ ଶ୍ୟାମଙ୍କ ଇସ୍ରୋ ଯାତ୍ରା

ବାରିପଦା, ୩୧।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ବହଳଦା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ୟାମଚରଣ ଟୁଡୁ ଆଜି ସମଗ୍ର ରାଜ୍ୟ ପାଇଁ ଗୌରବର ପ୍ରତୀକ ହୋଇଛନ୍ତି। ସୀମିତ ସୁବିଧା ଭିତରେ ବଢ଼ିଥିବା ଏହି ସାନ୍ତାଳୀ ପୁଅ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ 'ୟୁଭିକା-୨୦୨୬' କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥ ସତୀଶ ଧୱନ ମହାକାଶ କେନ୍ଦ୍ର (ଏସଡିଏସସି) ରେ ପହଞ୍ଚିଛନ୍ତି। ବହଳଦା ମାଟିରୁ ଶ୍ରୀହରିକୋଟାର ଲଞ୍ଚପ୍ୟାଡ୍ ପର୍ଯ୍ୟନ୍ତ ଶ୍ୟାମଙ୍କ ଯାତ୍ରା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ସୁଯୋଗ ମିଳିଲେ ସ୍ୱପ୍ନର କୌଣସି ସୀମା ନ ଥାଏ ବୋଲି ପ୍ରମାଣ କରିଛି। ପ୍ରଥମଥର ଘରଠାରୁ ଏତେ ଦୂର ଓ ଅନ୍ୟ ରାଜ୍ୟକୁ ଯିବାର ଭୟ ଥିଲେ ମଧ୍ୟ ବହଳଦା



ମାଟିର ପୁଅ ଶ୍ୟାମ ସାହସ ଦେଖାଇଛନ୍ତି। ଆମ ସାନ୍ତାଳି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ପହଞ୍ଚିବା କଷ୍ଟସାଧ୍ୟ। କିନ୍ତୁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ ମୁଁ ଇସ୍ରୋ ବୁଲିବାର ଗୌରବ ହାସଲ କରିଛି ବୋଲି ଶ୍ୟାମ କହିଛନ୍ତି। ୧୦ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶ୍ୟାମ ସାଟେଲାଇଟ୍ ନିୟନ୍ତ୍ରଣ, ଗ୍ରାଉଣ୍ଡ ସେଣ୍ଟର, ରକେଟ୍ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ଶିଖିଛନ୍ତି। ମିଶନ କଣ୍ଟ୍ରୋଲ ରୁମ୍, ଲଞ୍ଚ ପ୍ୟାଡ୍-୧ ଓ ୨ ଦେଖିବାର ସୁଯୋଗ ମଧ୍ୟ ମିଳିଛି। ଶ୍ରେଣୀ ଗୃହରେ ପାଠ ପଢ଼ିବା ଓ ନିଜ ଆଖିରେ ଦେଖିବା ଭିତରେ ବହୁତ ତଫାତ ରହିଛି ବୋଲି ସେ କହିଛନ୍ତି। ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାରୁ ୧୪ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶ୍ୟାମଙ୍କ ଏହି ଯାତ୍ରା ଅସଂଖ୍ୟ ଗ୍ରାମୀଣ ପିଲାଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି।

### ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟରେ ପଶ୍ଚିମ ଓଡ଼ିଶା ତଥା ଦକ୍ଷିଣ ଓଡ଼ିଶାର କୌଣସି ସହରର ନାମ ନାହିଁ

## ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିଫଳନ: ରୋହିତ ପୂଜାରୀ

ସମ୍ବଲପୁର, ୩୧।୮ (ସମିସ) : ପ୍ରସ୍ତାବିତ ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟ ପାଇଁ ପ୍ରାରମ୍ଭିକ ଭାବେ ଆଲୋଚନା ହୋଇଥିବା ସ୍ଥାନ ଗୁଡ଼ିକରେ ପଶ୍ଚିମ ଓଡ଼ିଶା ତଥା ଦକ୍ଷିଣ ଓଡ଼ିଶାର ସହରଗୁଡ଼ିକୁ ସ୍ଥାନ ନମିଳିବାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଇଂ ରୋହିତ ପୂଜାରୀ ଉଦବେଗ ପ୍ରକାଶ କରିଛନ୍ତି। ଓଡ଼ିଶା ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ପ୍ରାରମ୍ଭିକ ପ୍ରସ୍ତାବରେ ପଶ୍ଚିମ ଓଡ଼ିଶାର କୌଣସି ସହର କିମ୍ବା ଜିଲ୍ଲାର ନାମ କାହିଁକି ଆସିଲା ନାହିଁ? ସେହିପରି ଦକ୍ଷିଣ ଓଡ଼ିଶାକୁ ମଧ୍ୟ ଏଥିରେ ସ୍ଥାନ ନମିଳିବା ଦୁର୍ଭାଗ୍ୟଜନକ ବୋଲି ଇଂ. ପୂଜାରୀ କହିଛନ୍ତି। ପଶ୍ଚିମ ଓଡ଼ିଶା ପ୍ରତି ସବୁବେଳେ ଅବହେଳା ଓ ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ଭଳି ଅନୁଭବ ହେଉଛି। ଦୀର୍ଘଦିନ ଧରି ଏହି ଅଞ୍ଚଳର ଲୋକେ ନିଜର ନ୍ୟାୟସଙ୍ଗତ ଦାବି ଉଠାଇ ଆସୁଥିଲେ ମଧ୍ୟ ଅନେକ ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ହାଇକୋର୍ଟ ବେଞ୍ଚ, ଏମ୍ସ, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା, ଡବ୍ଲୁଓଡିସି କାର୍ଯ୍ୟାଳୟର ପଶ୍ଚିମ ଓଡ଼ିଶାକୁ ସ୍ଥାନାନତରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ସହ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରସଙ୍ଗରେ ପଶ୍ଚିମ ଓଡ଼ିଶାକୁ ବାରମ୍ବାର ଅଣଦେଖା କରାଯାଉଛି। ଏବେ ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟ ଭଳି ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପର ପ୍ରାରମ୍ଭିକ ପ୍ରସ୍ତାବରେ ମଧ୍ୟ ପଶ୍ଚିମ ଓଡ଼ିଶାର କୌଣସି ସହରର ନାମ ନଆସିବା ଏହି ବୈମାତୃକ ମନୋଭାବକୁ ପୁଣିଥରେ ପ୍ରଶ୍ନବାଚୀ କରିଛି।

ଇଂ. ପୂଜାରୀ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଅନେକ ସହରରେ ଏପରି ଏକ ବଡ଼ ଶିକ୍ଷାଗତ ପ୍ରକଳ୍ପ ସ୍ଥାପନ ପାଇଁ ଯଥେଷ୍ଟ ସମ୍ଭାବନା ରହିଛି। ସମ୍ବଲପୁର, ବଲାଙ୍ଗିର, ରାଉରକେଲା ଏବଂ ଭବାନୀପାଟଣା ଭଳି ସହରଗୁଡ଼ିକରେ ଏହି ପ୍ରକଳ୍ପ ହୋଇପାରିବ। ପ୍ରତ୍ୟେକ ସହରର ନିଜସ୍ୱ ସାମର୍ଥ୍ୟ ରହିଛି। ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ସରକାର ସମସ୍ତ ସମ୍ଭାବ୍ୟ ସ୍ଥାନର ନିରପେକ୍ଷ ମୂଲ୍ୟାୟନ କରିବା ଉଚିତ। ସମ୍ବଲପୁର ସମ୍ପର୍କରେ ସେ କହିଛନ୍ତି ଯେ, ବୁର୍ଲା-ଧନକଉଡା ଅଞ୍ଚଳ ପୂର୍ବରୁ ଏକ ସୁଦୃଢ଼ ଶିକ୍ଷାଗତ ପରିବେଶ ସୃଷ୍ଟି କରିଛି। ବୁର୍ଲା ଦୀର୍ଘଦିନ ଧରି ଏକ ଏଜୁକେଶନାଲ ହବ୍ ଭାବେ ପରିଚିତ। ସମ୍ବଲପୁର ଅଞ୍ଚଳରେ ୟୁନିଭର୍ସିଟି ଟାଉନସିପ୍ ପ୍ରୋଜେକ୍ଟ ସ୍ଥାପନ ହେଲେ ଉଚ୍ଚଶିକ୍ଷା, ଗବେଷଣା, ନବୋନ୍ମେଷ, ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଯୁବପିଢ଼ି ନୂତନ ସୁଯୋଗ ପାଇପାରିବେ। ସେ କହିଛନ୍ତି ଯେ ପ୍ରକଳ୍ପ ପାଇଁ ସ୍ଥାନ ଚୟନରେ ସମସ୍ତ ଅଞ୍ଚଳକୁ ସମାନ ସୁଯୋଗ ମିଳିବା ଦରକାର। ଓଡ଼ିଶାର ବିକାଶ ପ୍ରତ୍ୟେକ ଅଞ୍ଚଳର ବିକାଶ ସହିତ ଜଡ଼ିତ। ତେଣୁ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ସମ୍ଭାବନାକୁ ଗୁରୁତ୍ୱର ସହ ବିଚାର କରନ୍ତୁ ଏବଂ ସରକାରୀ ଦଳର ସାଂସଦ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଏହି ଦାବି ଉଠାଇଛନ୍ତି ବୋଲି ଇଂ. ପୂଜାରୀ କହିଛନ୍ତି।

## ବେଗୁନିଆ ବିଧାୟକଙ୍କ ପିତୃ ବିୟୋଗ

ବେଗୁନିଆ, ୩୧।୮ (ସମିସ): ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପିତା ତଥା ବିଶିଷ୍ଟ ବ୍ୟବସାୟୀ ଲକ୍ଷ୍ମୀଧର ସାହୁଙ୍କ ସୋମବାର ପୂର୍ବାହ୍ନରେ



**● ସମବେଦନା ଜଣାଇଲେ ନବୀନ ପଟ୍ଟନାୟକ**

ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଥିଲା। ଏହି ଦୁଃଖଦ ଖବର ପାଇ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ବେଗୁନିଆ-ବୋଲଗଡ଼ ବ୍ଲକର ବହୁ ନିର୍ବାଚିତ ଜନପ୍ରତିନିଧି, ବରିଷ୍ଠ ନେତା ଓ ଶୁଭେଚ୍ଛୁ ସାରୁଅସ୍ଥିତ ବାସଭବନରେ ପହଁଚି ଶେଷ ଦର୍ଶନ କରିଥିଲେ। ଖବର ପାଇ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ବିଧାୟକ ଅରୁଣ ସାହୁ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ବିଧାୟକ ବିଭୁତି ବଳବନ୍ତରାୟ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଭୁବନେଶ୍ୱରସ୍ଥିତ ବାସଭବନରେ ପହଁଚି ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଦୁଇ ଝିଅଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ପୈତୃକ ଗ୍ରାମ ସାରୁଅକୁ ଅଣାଯାଇଥିଲା। ସେଠାରେ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ବହୁ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ସାରୁଅ ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ପୁଅ ପ୍ରଦୀପ ଓ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

## ହୀରାକୁଦ ଜଳସ୍ତର ୬୨୪.୮୩ ଫୁଟ୍, ୮ ଗେଟ୍ ଖୋଲା

ସମ୍ବଲପୁର, ୩୧।୮ (ସମିସ): ହୀରାକୁଦ ଜଳସ୍ତର କ୍ରମାଗତ ଭାବେ ୬୨୪ ଫୁଟ୍ ଉପରେ ରହିଥିବାବେଳେ ଗତକାଲି ଆଉ ୩ଟି ଗେଟ୍ ଖୋଲାଯାଇଛି। ସମ୍ପ୍ରତି ନଦୀବନ୍ଧର ୮ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୮୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୬୨,୮୯୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୮,୩୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୦୦୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୬,୮୨୯ କ୍ୟୁସେକ୍, ଖଇରମାଲଠାରେ ୨,୪୧,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୭୭,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୦୯,୫୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୭.୬୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୯୬ ମିମି ବର୍ଷା ରେକର୍ଡ କରାଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, I, Jashoda Bissoyi, W/o Gopalbandhu Bissoyi, resident of Village-Mentri, P.O.-Mentri, P.S.-Tentulikhunti, Dist. Nabarangpur-764070, declare that my minor daughter name has been changed from PUJA BISHOI to PUJARANI BISSOYI. Henceforth, she shall be known as **PUJARANI BISSOYI** for all purposes.

Sd/- Jashoda Bissoyi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1117, dated 20-08-2026, I, GAJAMATI MALI, W/o - Matising Mali, permanent resident of Village - Sargiguda, PO - Madeigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed the name of my Son from HAMO MALI to OMM MALI. Henceforth, he shall be known as **OMM MALI** for all purposes.

Sd/- Gajamati Mali

**AFFIDAVIT**

By virtue of an affidavit sworn before the Notary public, Angul vide No.277 dated 29.08.2026, I, Akshaya Kumar Samant, S/o Late Chandra Sekhar Samant, Resident of Amlapada 6th Lane, Angul, PIN-759122, declare that **Akhaya Kumar Samant** and **Akshaya Kumar Samant** both are one and same person. Henceforth, I shall be known as **AKSHAYA KUMAR SAMANT** for all future purposes.

**AFFIDAVIT**

I, **Sri GANESH NAIK**, S/o- Late Krupasindhu Naik residing at Jagat Janani Line, Po./Ps.- Jeypore, Dist.- Koraput, Pin-764001, Odisha state that, I Sri Ganesh Naik being single and un- married have voluntarily decided to adopt **Sri Krupasindhu Naik** as my son out of my own free will and with the consent of his biological parents vide adoption deed being executed before the DSR, Koraput at Jeypore, bearing document No.- 41172302598/ 2023 in book no.4, Volume 54 Dated 02.11.2023.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no-1157, dated 31.08.2026, I, MANAHAR PENTHIA, Son of - Ratan Penthia, permanent resident of Village - Dhaudapala, PO - Sasahandi, PS - Kotpada, Dist - Koraput, Odisha, Pin - 764056, declare that I have changed my name from MANAHAR PENTIA to MANAHAR PENTHIA. Henceforth, I shall be known as **MANAHAR PENTHIA** for all purposes.

Sd/- Manahar Penthia

**AFFIDAVIT**

By Virtue of an Affidavit Sworn Before The Executive Magistrate Anugola vide Affidavit No.: 6534 on Dated 31.08.2026 I, **Lili Mohalik**, W/o.: Sudam Mahalik, Permanent/Currently Residing At: Kumanda, PO: Kumanda, PS: Anugola Sadar, Dist.: Anugola, Odisha-759127, declare that I have changed my name from Liki Burgi to Lili Mohalik. Liki Burgi and Lili Mohalik is one and same person. Henceforth I shall be known as **Lili Mohalik** for all purposes.

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡା**

(୧) ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
(୨) ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡିରେ ଦିଅନ୍ତୁ ।
(୩) ବାହ୍ୟ ମଳ ତ୍ୟାଗ କରନ୍ତୁ ନାହିଁ ।
(୪) ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
(୫) ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ ।
(୬) ଆପଣମାନଙ୍କଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍‌କୃଷ୍ଟମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି ଏହାର ଉପଯୋଗ କରନ୍ତୁ ।
(୭) ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇନିଅନ୍ତୁ ।
(୮) ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ ।
(୯) ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷ ରୋପଣ କରନ୍ତୁ ।
(୧୦)ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ ।
(୧୧) ବିଭିନ୍ନ ଟିକସ ଯଥା- Holding Tax, User Fee, Trade Licence ଠିକ ସମୟରେ ପଇଠ କରନ୍ତୁ ।
(୧୨)ରାସ୍ତା ପାର୍ଶ୍ୱରେ ଯାନ ବାହାନ ରଖନ୍ତୁ ନାହିଁ ।
(୧୩) ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ ।

ସ୍ୱା / ଶ୍ରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ
ସ୍ୱା / ଶ୍ରୀମତୀ ଶାନ୍ତି କୁମାରୀ ନାୟକ, ଉପାଧ୍ୟକ୍ଷା
ସ୍ୱା / ଶ୍ରୀଯୁକ୍ତ ବିବେକାନନ୍ଦ ଦଳାଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ

**ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର**

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ -୨୦୨୬ ଉପଲକ୍ଷେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବରେ ଗଢିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ।

୧. ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
୨. ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ନିୟମ- ୨୦୨୬ କୁ ସମ୍ମାନର ସହ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।
୩. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୪. ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ।
୫. ଗୃହପାଳିତ ପଶୁ ମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ ।
୬. ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ Trade License କରାଇ ନିଅନ୍ତୁ।
୭. ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଯଥା –HoldingTax,User Fee ଠିକ ସମୟରେ ପଇଠ କରନ୍ତୁ।
୮. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ।ଗୃହ କାର୍ଯ୍ୟ ସମୟରେ ବାଲି,ଇଟା ଗୋଡି ଗଦାନ୍ତୁ ନାହିଁ କି ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ କରନ୍ତୁ ନାହିଁ।
୯. ସହରରେ ରହୁଥିବା ସମସ୍ତ ଉଠାଦୋକାନୀ ମାନଙ୍କୁ ସରକାରଙ୍କ PMSVANIDHI ଯୋଜନାରେ ଋଣ ସହାୟତା ଏବଂ ଆର୍ଥିକ ଅନଗ୍ରସର ଓ ଗରିବ ପରିବାରଗୁଡ଼ିକୁ ସହଯୋଗ ଯୋଜନାରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯାଉଛି।
୧୦. ସ୍ୱଚ୍ଛ ରଣପୁର ଓ ସୁସ୍ଥ ରଣପୁର ଗଠନରେ ସହାୟକ ହୁଅନ୍ତୁ।

ଶ୍ରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର ଓ ସମସ୍ତ କର୍ମଚାରୀ ବୃନ୍ଦ
ଶ୍ରୀମତୀ ରଙ୍ଗୀନ ମହାନ୍ତି, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର ଓ ସମସ୍ତ ପରିଷଦ ବର୍ଗ

**ପୌର ପରିଷଦ କାର୍ଯ୍ୟାଳୟ, ଫୁଲବାଣୀ**

ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢେଇ ନେବା ପାଇଁ, ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣ ମାନେ

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡିରେ ଦିଅନ୍ତୁ ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣଧିନ ସାମଗ୍ରୀ ଯଥା ବାଲି, ଗୁଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
- ଗାଇ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଯତରେ ରଖନ୍ତୁ ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
- ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ ରୁହନ୍ତୁ ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ ।
- ପ୍ରତେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକଟ୍ରିକ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡି ମାନଙ୍କରେ ଦିଅନ୍ତୁ ।
- ଫୁଲବାଣୀ ପୌରପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ୍ ମଡେଲ୍ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତନ କରାଯାଉଅଛି ।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ ।

ଶ୍ରୀ ସମରେଶ ମହାନ୍ତି, ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ
ସମସ୍ତ ପାରିଷଦ ବୃନ୍ଦ, ଫୁଲବାଣୀ ପୌରପରିଷଦ
ଶ୍ରୀମତୀ ପାୟେଲ ବେହେରା, ଅଧ୍ୟକ୍ଷା, ଫୁଲବାଣୀ ପୌରପରିଷଦ

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL: JAYAPUR** 13001/1712/2627
Phone No. : 06854-231098, e-Mail: ulbjeypore@gmail.com

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଦ୍ବିତୀୟ ଦୈନିକ ବଜାର ଠାରେ ଦୋକାନ ସରଣୀରେ ଥିବା ନୂତନ ଦୋକାନ ଗୃହ ଗୁଡିକୁ ନିଲାମ ଜରିଆରେ ଆବଣ୍ଟନ କରାଯିବ। ଏଥିରେ ନିମ୍ନ ଆୟକାରୀ ବର୍ଗ, Ex-Service Man / Para Military / Army, ଶାରୀରିକ ବିକଳାଙ୍ଗ ଙ୍କ ପାଇଁ ସଂରକ୍ଷଣ ରହିଛି । ଖାଦ୍ୟ ସୁରକ୍ଷା ଆଇନ ପରିସରଭୁକ୍ତ ହିତାଧିକାରୀଙ୍କୁ ନିମ୍ନଆୟକାରୀ ବର୍ଗ ରୂପେ ବିବେଚନା କରାଯିବ । ନିଲାମ ଯୋଗେ ଆବଣ୍ଟନ ପ୍ରକ୍ରିୟା /ଦରଖାସ୍ତ ଯୋଗେ ଆବଣ୍ଟନ ପ୍ରକ୍ରିୟା ( ନିମ୍ନ ଆୟକାରୀ ବର୍ଗ /ଶାରୀରିକ ବିକଳାଙ୍ଗ ଏବଂ ଅନ୍ୟ ବର୍ଗଙ୍କ) ପାଇଁ ସର୍ତାବଳି ଆବେଦନ ପତ୍ରରେ ଏବଂ କାର୍ଯ୍ୟାଳୟ ଅଧିସୂଚନାରେ ବିଶଦ ଭାବରେ ଦର୍ଶାଯାଇଛି । ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଏବଂ ସବିଶେଷ ତଥ୍ୟ ତା ୦୧.୦୯.୨୦୨୬ ରିଖଠାରୁ ତା ୦୯.୦୯.୨୦୨୬ ରିଖ ମଧ୍ୟରେ ପୌରକାର୍ଯ୍ୟାଳୟରୁ କ୍ରୟ କରିପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ

OIPR-13001/13079/1/26-27/0026

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି**

ସ୍ୱାୟତ ଶାସନ ଦିବସ ଉପଲକ୍ଷେ ଘୁ. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସକରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ ।

୧. ସହରକୁ ପରିଷ୍କାର ପରିଛନ୍ନ ରଖନ୍ତୁ ।
୨. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ ।
୩. ବିଭିନ୍ନ ଟିକସ ଯଥା ସମୟରେ ପୈଠ କରି ରିହାତି ପାଇବାର ସୁଯୋଗ ନିଅନ୍ତୁ ।
୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ ।
୫. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡ଼ଷ୍ଟବିନରେ ପକାନ୍ତୁ ।
୬. ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
୭. ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ ।
୮. ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରନ୍ତୁ ।
୯. ଗୃହପାଳିତ ପଶୁମାନଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ ।
୧୦. ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁକୁ ଭିନ୍ନ ଭିନ୍ନ ଡଷ୍ଟବିନରେ ପକାନ୍ତୁ ।
୧୧. ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ଧାର୍ଯ୍ୟ ୟୁଜର୍ ଫିଜ୍ ପ୍ରଦାନ କରନ୍ତୁ ।

ଶ୍ରୀ ଆଶୁତୋଷ ଗୌରବ କର, (ଓ.ପ୍ର.ସେ-୧), ନିର୍ବାହୀ ଅଧିକାରୀ
ଶ୍ରୀ ସନ୍ତୋଷ କୁମାର ବାଘ, ଉପାଧ୍ୟକ୍ଷ
କୁମାରୀ ଦେବସ୍ମିତା ଶତପଥୀ, ଅଧ୍ୟକ୍ଷା

34001/709/2627
E-mail: eekalahandi@gmail.com
FAX No. 06670-230512

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA**

**E-Procurement Notice**

*Bid Identification No. BC KLD-05/2026-2027*
No. 6774 Dated. 25.08.2026

| | | | |
|---|---|---|---|
| 1 | No. of the work: | : | 01 (One) Electrical works |
| 2 | Estimated cost: | : | Rs 28.18 Lakhs |
| 3 | Period of completion: | : | 03(Three) calendar Months |
| 4 | Date and time of availability of bid document in the portal: | : | 11.00 hrs of 03.09.2026 to 17.00 hrs of 10.09.2026 |
| 5 | Last date/Time for receipt of bid in the portal: | : | 17.00hour of 10.09.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi (R&B) Division, Bhawanipatna |
| 7 | Opening of the Single Cover Bid | : | On 11.09.2026 at 11.00 AM in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34001/34017/1/26-27/0005

**OFFICE OF THE POLASARA MUNICIPALITY, GANJAM**

13001/1714/2627 Email ID – nacpolasara72@gmail.com Ph. No. 06810 – 450451

Letter: 2604 Dt: 29.08.2026

**QUOTATION CALL NOTICE**

Sealed quotations are invited from the registered reputed agencies/firms for **supply and installation of decorative strip LED light** on main road street light divider electric pole at Polasara Municipality. The rate should be quoted inclusive of all taxes. **The E.M.D for Rs.10,000/- (Rupees Ten thousand only)** which is **refundable and non refundable of Tender Paper cost Rs.1000/- (One Thousand) only can be submitted by way of DD in favour of Executive officer, NAC Polasara payable at Polasara** separately. No other mode of payment will be entertained. The Estimated quotation **along with all relevant** documents should reach before the undersigned **through Regd. Post/ Speed Post** in presence of the quotationer or their authorized representatives who to remain present. The authority shall not be held responsible for missing or delay in receiving of quotation beyond specified period as per the critical dates in below. The authority reserves the right to reject any or all of the quotations without assigning any reason thereof.

**The Critical dates for the above Short Tender Call notice are as follows:**

| Sl No. | Particulars | Critical dates | Time |
|---|---|---|---|
| 1 | Tender Start date | 01.09.2026 | 10:00 AM onwards |
| 2 | Last date of submission of Quotation Documents through(speed post/Registered Post/Dropping box) | 10.09.2026 | Up to 01:00 PM |
| 3 | Date of opening | 10.09.2026 | 04:00 PM |
| 4 | Date of agreement & Issue of work order | 10.09.2026 | Tentatively |

Executive Officer,
Polasara Municipality

OIPR-13001/13214/1/26-27/0005

**GOVERNMENT OF ODISHA** 25001/1053/2627
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
E - mail - eerw_kuchinda@yahoo.com

**Identification No Online Tender /08 / RWD, Kuchinda / 2026-27.**

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in **ONLINE MODE** Only for Building Works. | | |
| 2. | No. of work | : | 02 Nos. |
| 3. | Nature of Work | : | Building Works (Approach road) |
| 4. | Class of Contractor | : | "D" & "C" |
| 5. | Approx Value of Work | : | 16.80 & 16.81 Lakhs |
| 6. | Tender Cost | : | 6000 |
| 7. | Availability of Bid Documents in the Website | : | **05.09.2026 at 11. A.M to 18.09.2026 at 5.00 P.M** |
| 8. | Last date & time for seeking clarification | : | **17.09.2026 at 5.00 P.M** |
| 9. | Date of Opening of Bid | : | **19.09.2026 at 11.00 A.M** |
| 10. | Other details can be Seen in the Bidding documents from the website : https://tendersodisha.gov.in | | |

Superintending Engineer
Rural Works Division,
Kuchinda

OIPR-25001/25151/1/26-27/0011

**OFFICE OF THE CHIEF CONSTRUCTION ENGINEER KATAKA (R&B) CIRCLE, KATAKA**
Email ID – sectcrb_2006@yahoo.co.in 34001/717/2627

Letter No. 4930 Date 28.08.2026

**REQUEST FOR PROPOSAL**
**RFP Identification No.: CCE.KTK-1/2026-27**

| | | | |
|---|---|---|---|
| 1. | The Chief Construction Engineer, Kataka(R&B) Circle invites proposal through online mode for the works, **"COMPREHENSIVE FACILITY MANAGEMENT SERVICES (CFMS) FOR ODISHA JUDICIAL ACADEMY, CUTTACK".** The tender document can be downloaded from the website: www.tendersodisha.gov.in | | |
| 2. | Nature of work | : | Operation and Maintenance Services |
| 3. | No. of work | : | 01 No. |
| 4. | Bid Cost. (Online) | : | ₹10,000/- (Each) |
| 5. | Availability of Bid Documents in the website | : | From dt.02.09.2026 to 17:00 Hours of dt.18.09.2026 in www.tendersodisha.gov.in (online mode only) |
| 6. | Date of Pre-Bid meeting | : | 11.09.2026 at 11:30 A.M. |
| 7. | Date of Opening of Bid | : | 19.09.2026 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. Any addendum / corrigendum / cancellation of tender can be seen in the said website only. | | |

Chief Construction Engineer
Kataka (R&B) Circle, Kataka

OIPR-34001/34012/1/26-27/0028

**OFFICE OF THE SUPERINTENDINGENGINEER DEBAGADA (R&B) DIVISION, DEBAGADA**
**INVITATIONS FOR BIDS (IFB)** 34001/720/2627

Letter No.3131 **Invitation for Bids** Dtd. 28.08.2026

**Bid Identification No. SE PWD DGR No. 06 of 2026-27**

1. The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Double cover system in **ONLINE MODE** only, for STMC Road Work as detailed below.

| | | | |
|---|---|---|---|
| 2. | Nature of work | : | Road work |
| 3. | No. of works | : | Road 01 No. |
| 4. | Bid Cost. | : | Rs.10,000/- |
| 5. | Class of Contractor | : | "B" Class |
| 6. | Availability of Bid Documents in the website | : | From dt. 09.09.2026 to 17:00 hours of dt. 23.09.2026 |
| 7. | Date of Opening of Technical Bid | : | Dt. 24.09.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Debagada (R&B) Division

OIPR-34001/34061/1/26-27/0007

# ଢେଙ୍କାନାଳରେ ଖୋଲିଲା ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍

## ୨୪ ଘଣ୍ଟା ଉପଲବ୍ଧ ହେବ ଖାଦ୍ୟଶସ୍ୟ ବଣ୍ଟନ ସୁବିଧା

ଢେଙ୍କାନାଳ,୩୧ ।୮ (ସମିସ)




ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ, ଦ୍ରୁତ ଓ ସୁବିଧାଜନକ କରିବା ଦିଗରେ ଏକ ନୂଆ ପଦକ୍ଷେପ ସ୍ୱରୂପ ଢେଙ୍କାନାଳରେ ସୋମବାର 'ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍' ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାର ଏବଂ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ମିଳିତ ପଦକ୍ଷେପରେ ଏହି ପ୍ରଯୁକ୍ତିଭିତ୍ତିକ ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଭାରତର ଉପନିର୍ଦ୍ଦେଶିକା ନୋଜୋମି ହାଶିମୋଟୋ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହାଶିମୋଟୋ କହିଥିଲେ ଯେ ଏହି ପ୍ରକଳ୍ପ ପ୍ରଯୁକ୍ତି, ସ୍ୱଚ୍ଛତା ଓ ମାନବିକ ସେବାର ଏକ ସୁନ୍ଦର ସମନ୍ୱୟ। ଏହା ଭାରତର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବାରେ ସହାୟକ ହେବ। ଏହି ନବସୃଜନ ପାଇଁ ମୁଁ ଅତ୍ୟନ୍ତ ଗର୍ବିତ। କାରଣ ଏହା ଏକ ଜନକୈନ୍ଦ୍ରିକ ନବସୃଜନ। ଅନେକ ନୂତନ ପ୍ରଯୁକ୍ତି ବିକଶିତ ହେଉଛି, କିନ୍ତୁ ଯେତେବେଳେ ପ୍ରଯୁକ୍ତି ସାଧାରଣ ଲୋକଙ୍କ ଜୀବନକୁ ସ୍ପର୍ଶ କରି ତାହାକୁ ସହଜ କରେ, ସେତେବେଳେ ଏହାର ପ୍ରକୃତ ଅର୍ଥ ଓ ଗୁରୁତ୍ୱ ପ୍ରତିଫଳିତ ହୁଏ। ସେହି ଦୃଷ୍ଟିରୁ ଏହି ଗ୍ରେନ୍ ଏଟିଏମ୍ ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରିବ ବୋଲି ସେ କହିଥିଲେ। ଲୋକେ ଏକ ମାସ ମଧ୍ୟରେ ଇଚ୍ଛାନୁସାରେ ସେମାନଙ୍କ ପ୍ରାପ୍ୟ ରାସନ ନେଇପାରିବେ। ଏହି ମେସିନ୍‌ର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଓଡ଼ିଶା ଫିଲ୍ଡ ଅଫିସ୍‌ର ମୁଖ୍ୟ ହିମାଂଶୁ ବଳ କହିଥିଲେ ଯେ ବର୍ତ୍ତମାନର ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେସିନ୍ ଏକ ସମୟରେ ୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବଣ୍ଟନ କରିପାରିବ। ଏହାର ଆଉ ଏକ ବିଶେଷ ସୁବିଧା ହେଉଛି, ହିତାଧିକାରୀମାନେ ନିଜର ସମ୍ପୂର୍ଣ୍ଣ ମାସିକ ଖାଦ୍ୟଶସ୍ୟ ପ୍ରାପ୍ୟକୁ ଗୋଟିଏ ଥରରେ ନେବାକୁ ବାଧ୍ୟ ନୁହନ୍ତି। କୌଣସି ପରିବାରକୁ ମାସକୁ ୫୦ କିଲୋଗ୍ରାମ ଚାଉଳ ମିଳିବାକୁ ଥିଲେ, ସେମାନେ ନିଜ ସୁବିଧା ଅନୁଯାୟୀ ଏକାଧିକ ଥରରେ ତାହା ଗ୍ରହଣ କରିପାରିବେ। ଅର୍ଥାତ୍, ମାସକ ମଧ୍ୟରେ ନିଜ ଆବଶ୍ୟକତା ଅନୁଯାୟୀ ପ୍ରାପ୍ୟ ରାସନ ନେବାର ସୁବିଧା ରହିବ। ଏହା ସୌରଶକ୍ତି ଦ୍ୱାରା ୨୪ ଘଣ୍ଟିଆ କାମ କରିବ। ଫଳରେ ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ଦୋକାନ ଖୋଲିବା ସମୟ ଉପରେ ନିର୍ଭରଶୀଳ ନ ହୋଇ ନିଜ ସୁବିଧା ଅନୁଯାୟୀ ରାସନ ଗ୍ରହଣ କରିପାରିବେ। ଗ୍ରେନ୍ ଏଟିଏମ୍ ବ୍ୟବହାର ପ୍ରକ୍ରିୟାକୁ ସରଳ ରଖାଯାଇଛି। ହିତାଧିକାରୀମାନେ ପ୍ରଥମେ ମେସିନ୍ ସାମ୍ନାରେ ଚିହ୍ନିତ ସ୍ଥାନରେ ଠିଆ ହେବା ପରେ ଇ-ପିଓଏସ ଡିଭାଇସରେ ନିଜ ରାସନ କାର୍ଡ ନମ୍ବର ଦାଖଲ କରି ତଥ୍ୟ ଯାଞ୍ଚ କରିବେ। ହିତାଧିକାରୀଙ୍କ ପ୍ରାପ୍ୟ ସମ୍ପର୍କିତ ତଥ୍ୟ ମଧ୍ୟ ମେସିନ୍‌ର ସ୍କ୍ରିନ୍‌ରେ ପ୍ରଦର୍ଶିତ ହେବ। ଆଧାର ଆଧାରିତ ବାୟୋମେଟ୍ରିକ୍ ପ୍ରମାଣୀକରଣ କରିବେ। ସ୍କ୍ରିନ୍‌ରେ ପ୍ରଦର୍ଶିତ ଉପଲବ୍ଧ ରାସନ ଓ ପରିମାଣ ଯାଞ୍ଚ କରିବେ।

ନିଜ ଅଖା କିମ୍ବା ବ୍ୟାଗ୍‌କୁ ଗ୍ରେନ ଆଉଟଲେଟ ତଳେ ରଖିବେ। ପରେ ସ୍କ୍ରିନ୍‌ରେ ଥିବା 'ବିତରଣ ଆରମ୍ଭ କରନ୍ତୁ' ବଟନ୍ ଦବାଇଲେ କିଛି ସେକେଣ୍ଡ ମଧ୍ୟରେ ମେସିନ୍‌ରୁ ଖାଦ୍ୟଶସ୍ୟ ବାହାରିବ ବୋଲି ସେ ସୂଚନା ଦେଇଥିଲେ।

## ଢେଙ୍କାନାଳ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ



ଢେଙ୍କାନାଳ,୩୧ ।୮ (ସମିସ): ଢେଙ୍କାନାଳ ପୌରପାଳିକା ପକ୍ଷରୁ ପୌର କାର୍ଯ୍ୟାଳୟ ପରିସରରେ ୭୫ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉପନଗରପାଳ ପ୍ରକାଶ କୁଁଅର ଏବଂ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସଙ୍କ ସମେତ ପୌରପାଳିକାର ସମସ୍ତ କାଉନସିଲର, କର୍ମଚାରୀ, ସୁପରଭାଇଜର, ସ୍ୱଚ୍ଛସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ପୌରପାଳିକା ପକ୍ଷରୁ ସଫେଇ କର୍ମଚାରୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସଫେଇ କର୍ମଚାରୀଙ୍କ ଅବଦାନକୁ ସମ୍ମାନ ଜଣାଇ ଏଭଳି ପଦକ୍ଷେପ ନିଆଯାଇଛି। ସେହିପରେ ସହରରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ପୌରାଧ୍ୟକ୍ଷା ପାତ୍ର, ଉପନଗରପାଳ କୁଁଅର, ପୌର ନିର୍ବାହୀ ଅଧିକାରୀ ଦାସଙ୍କ ସମେତ ସମସ୍ତ କାଉନସିଲର ଏବଂ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଭୁବନ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଭୁବନ,୩୧ ।୮ (ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରି କହିଲେ ଯେ ସ୍ୱାୟତ୍ତ ଶାସନ କେବଳ ଏକ ପ୍ରଶାସନିକ ବ୍ୟବସ୍ଥା ନୁହେଁ, ଏହା ଜନସାଧାରଣଙ୍କ ସହଭାଗିତା, ଦାୟିତ୍ୱବୋଧ ଓ ବିକାଶର ସୁଦୃଢ଼ ମାଧ୍ୟମ। ନିଜ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରି ସହରକୁ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ସମସ୍ତଙ୍କ ସହଯୋଗରେ ଭୁବନକୁ ଆହୁରି ସମୃଦ୍ଧ ଓ ବିକଶିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ପରେ କାଳୀବଜାରସ୍ଥିତ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ମାନିନୀ ସାହୁ, କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, କଳ୍ପନା ବେହେରା, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ଗୋଷ୍ଠୀ ସଙ୍ଗଠିକା ଚିକୁମୀନା ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଶକ୍ତିପ୍ରସାଦ ସାହୁ, ଅରୁଣ କୁମାର ସେଠୀଙ୍କ ସମେତ ସମସ୍ତ କର୍ମଚାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଗଁଦିଆ ଏନ୍‌ଏସିରେ ପ୍ରଥମ ସ୍ୱାୟତ୍ତ ଶାସନ ଦିବସ ପାଳିତ




ଗଁଦିଆ,୩୧ ।୮ (ସମିସ): ଗଁଦିଆକୁ ରାଜ୍ୟ ସରକାର ଏନ୍‌ଏସି ଘୋଷଣା କରିବା ପରେ ଚଳିତ ବର୍ଷ ପ୍ରଥମ ସ୍ୱାୟତ୍ତ ଶାସନ ଦିବସ ଧୁମ୍‌ଧାମରେ ପାଳିତ ହୋଇଛି। ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଓ ସାଂସଦଙ୍କ ପ୍ରତିନିଧି ଲଳିତ ଦାସ ଯୋଗଦେଇଥିଲେ। ଏହି ଅବସରରେ ଗଁଦିଆ ଏନ୍‌ଏସିର ବିକାଶ ଓ ଭିତ୍ତିଭୂମି ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୨୦ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଥିଲା।

## ସଂସ୍କୃତ ସପ୍ତାହ ପାଳନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଢେଙ୍କାନାଳ,୩୧ ।୮ (ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ସଂସ୍କୃତ ଭାଷା, ସାହିତ୍ୟ ତଥା ଭାରତୀୟ ଜ୍ଞାନ ପରମ୍ପରାକୁ ନେଇ ବିଭିନ୍ନ ଶିକ୍ଷଣୀୟ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂସ୍କୃତ ସୁବିଚାର ପ୍ରଦର୍ଶନ, ପ୍ରବନ୍ଧ, ବିତର୍କ, କୁଇଜ୍, ଶ୍ଳୋକ ଆବୃତ୍ତି, ବକ୍ତୃତା ଓ ଅନୁବାଦ ପ୍ରତିଯୋଗିତା ସହ ସଂସ୍କୃତ ସାହିତ୍ୟ ଓ ଭାରତୀୟ ଜ୍ଞାନପରମ୍ପରା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସାମ୍ପ୍ରତିକ ସମାଜରେ ସଂସ୍କୃତର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗଣିତ ବିଭାଗ ମୁଖ୍ୟ ଭୁବନେଶ୍ୱର ମୁଦୁଲି ଏବଂ ରସାୟନ ବିଭାଗର ମୁଖ୍ୟ ଡ. ପଦ୍ମନାଭ ପତ୍ରୀ ସଂସ୍କୃତ ସମାଜ ସହ କିଭଳି ଜଡ଼ିତ ଏବଂ ପ୍ରତି ବିଷୟରେ ସଂସ୍କୃତ କିପରି ସନ୍ନିହିତ ସେ ସମ୍ପର୍କରେ ବୁଝାଇ ସଂସ୍କୃତ ପଢ଼ିବାକୁ ପ୍ରେରଣା ଦେଇଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଉଦ୍ଧବ ମଲିକ ସଂସ୍କୃତ ସପ୍ତାହ ପାଳନର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ମନୋବିଜ୍ଞାନ ବିଭାଗ ମୁଖ୍ୟ ଡ. ପଙ୍କଜ ବାରିକ ଓ ଗଣିତ ଅଧ୍ୟାପିକା ଡ. ରୋଜାଲିନ୍ ଦାସ ଉପସ୍ଥିତ ଥିଲେ। ସଂସ୍କୃତ ବିଭାଗର ତୃତୀୟ ବର୍ଷ ଛାତ୍ରୀ ପ୍ରୀତିମଞ୍ଜରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ସତ୍ୟନାରାୟଣ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଖଜୁରିଆକଟା:** ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଶୁଭସ୍ମିତା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଉଦଘାଟନ କରି ସଂସ୍କୃତ ଭାଷାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଶୈଳ ସାମଲ, କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ସଂସ୍କୃତ ଭାଷାର ବହୁଳ ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ମହାକୁଡ଼ ଓ ପ୍ରିୟଙ୍କା ନାୟକ ବକ୍ତବ୍ୟ ରଖିଥିଲେ। ବିଭାଗର ଅଧ୍ୟାପକ ଲିଟୁ ସାମଲ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ଦେଇଥିଲା ବେଳେ ଛାତ୍ରୀ ଅଳକା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ଯୁବକଙ୍କୁ ଆକ୍ରମଣ; ଜିଲ୍ଲାପାଳଙ୍କୁ ଅଭିଯୋଗ

ଢେଙ୍କାନାଳ,୩୧ ।୮ (ସମିସ): କଣ୍ଟାବଣିଆ ଥାନା ମାନପୁର ଗ୍ରାମର ସ୍ୱର୍ଗତ ରମେଶ ନାଏକଙ୍କ ପୁଅ ଯଶୋବନ୍ତ ନାଏକଙ୍କୁ ସେହି ଗ୍ରାମର କିଛି ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ସକାଳ ୮ଟାରେ ହଠାତ୍ ଯଶୋବନ୍ତଙ୍କୁ ସେହି ଗ୍ରାମର କେତେକ ଯୁବକ ଆସି ଗାଳିଗୁଲଜ କରି ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ଯଶୋବନ୍ତ ରକ୍ତାକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ମରିଗଲା ଭାବି ଦୁର୍ବୃତ୍ତମାନେ ପଳାଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନାହିଁ। ଦୁର୍ବୃତ୍ତମାନେ ଦଳିତ ବସ୍ତିକୁ ଯାଇ ମାମଲା ଉଠାଇ ନେବାକୁ ଧମକ ଦେଉଛନ୍ତି। ନଚେତ୍ ପୂରା ବସ୍ତିକୁ ବୋମା ପକାଇ ଉଡ଼ାଇ ଦେବାକୁ କହୁଛନ୍ତି। ଏକୁଟିଆ ପାଇଲେ ମାରିଦେବାକୁ ରାସ୍ତାରେ ମଧ୍ୟ ଜଗିରହୁଛନ୍ତି। ଏହି ଭୟରେ ଲୋକମାନେ ଘରୁ ବାହାରି କାମକୁ ଯାଇପାରୁ ନାହାନ୍ତି। ଛୋଟ ପିଲାମାନେ ମଧ୍ୟ ସ୍କୁଲ ଯିବାକୁ ଭୟ କରୁଛନ୍ତି। ତେଣୁ ବସ୍ତିର ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ଯଶୋବନ୍ତଙ୍କ ସହ ବସ୍ତିର ଅଜୟ ନାଏକ, ରଞ୍ଜନ ନାଏକ, କୁଳମଣି ନାଏକ, ଅରବିନ୍ଦ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ନିଜସ୍ୱ ପାଣ୍ଠି ସଂଗ୍ରହରେ ହିନ୍ଦୋଳ ଏନ୍‌ଏସି ରାଜ୍ୟରେ ଶ୍ରେଷ୍ଠ

ହିନ୍ଦୋଳ,୩୧ ।୮ (ସମିସ): ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନିଜସ୍ୱ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ରାଜ୍ୟରେ ଶ୍ରେଷ୍ଠ ବିବେଚିତ ହୋଇ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ସମ୍ମାନିତ ହୋଇଛି।



ଭୁବନେଶ୍ୱରରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ ଓ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏଥିସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନଏସିକୁ ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶି ମିଳିଛି। ଏହି ସଫଳତା ପଛରେ ମୁଖ୍ୟତଃ ହୋଲ୍ଡିଂ ଟ୍ୟାକ୍ସର ବକେୟା ଅର୍ଥ ଆଦାୟକୁ ପ୍ରାଧାନ୍ୟ ଦିଆଯାଇଥିବା ନେଇ ଏନଏସି ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ଆଦାୟ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଆଦାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ହିନ୍ଦୋଳ ଏନଏସିର ଜନସାଧାରଣ ମଧ୍ୟ ସହଯୋଗ କରି ବକେୟା ଅର୍ଥ ପୈଠ କରିଥିଲେ। ଏଥିସହ ଏନଏସି ଅଧୀନରେ ନିଲାମ ହୋଇ ନ ଥିବା ବିଭିନ୍ନ ସୈରାତକୁ ନିଲାମ କରାଯାଇ ଅନ୍ୟାନ୍ୟ ଉତ୍ସରୁ ରାଜସ୍ୱ ସଂଗ୍ରହକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି କ୍ରମରେ ୪୪ଟି ଟେଣ୍ଡର ପ୍ରକ୍ରିୟା କରାଯାଇ ନିଜସ୍ୱ ପାଣ୍ଠି ସଂଗ୍ରହ ବୃଦ୍ଧି କରାଯାଇଥିଲା। ମିଳିଥିବା ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶି ମଧ୍ୟ ଏନଏସିର ନିଜସ୍ୱ ପାଣ୍ଠିକୁ ଆହୁରି ସୁଦୃଢ଼ କରିବା ଦିଗରେ ବିନିଯୋଗ କରାଯିବ ବୋଲି ବେହେରା କହିଛନ୍ତି।

### ଶିଳାନ୍ୟାସକୁ ୫ ବର୍ଷ ବିତିଲା

## ଏବେ ବି ଅଧପନ୍ତରିଆ ପଡ଼ିଛି ଶିକ୍ଷକ ଭବନ

ଗଁଦିଆ,୩୧ ।୮ (ସମିସ): ଗଁଦିଆ ବ୍ଲକରେ ଏକ ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ଆସିଥିଲା। ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୧୮-୧୯ ଆର୍ଥିକ ବର୍ଷରେ ପୂର୍ବତନ ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲଙ୍କ ଦ୍ୱାରା ଏହାର ଶିଳାନ୍ୟାସ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ପୂର୍ବତନ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ଦୀର୍ଘ ପାଞ୍ଚ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ।



**ଶିକ୍ଷକ ମହଲରେ ଅସନ୍ତୋଷ**

ଏବେସୁଦ୍ଧା ଅଧପନ୍ତରିଆ ଭାବେ ପଡ଼ିରହିଛି। ଅର୍ଦ୍ଧନିର୍ମିତ ଭବନ ଚାରି ପାଖରେ ଲଟାବୁଦା ମାଡ଼ି ଜଙ୍ଗଲରେ ପରିଣତି ହୋଇଛି। ଏ ନେଇ ସ୍ଥାନୀୟ ଶିକ୍ଷକ ମହଲରେ ଗଭୀର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଶିକ୍ଷକ ସଂଘ ଓ ଜନସାଧାରଣ ଦାବି କରିଛନ୍ତି।

## ଗଗନବିହାରୀଙ୍କ ସ୍ମୃତିରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

ଢେଙ୍କାନାଳ,୩୧ ।୮ (ସମିସ): ଢେଙ୍କାନାଳ ମ୍ୟୁଜିକା ସାଂସ୍କୃତିକ ପରିବାର ପକ୍ଷରୁ ମ୍ୟୁଜିକାର ପୂର୍ବତନ ସଭାପତି ସ୍ୱର୍ଗତ ଗଗନ ବିହାରୀ ନନ୍ଦଙ୍କ ସ୍ମୃତିରେ 'ରକ୍ଷାବନ୍ଧନ ଓ ଗଗନ ଭାଇନା' ଶୀର୍ଷକ କାର୍ଯ୍ୟକ୍ରମ ସ୍ଥାନୀୟ ଚାମ୍ବର ଅଫ କମର୍ସ ସଭାଗୃହରେ ପୂର୍ବାହ୍ନ ୧୦ଟାରେ ମାନସ ରଞ୍ଜନ ମହାପାତ୍ରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଛି। ମ୍ୟୁଜିକାର ନିର୍ଦ୍ଦେଶକ ଜ୍ଞାନରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ଦିଲେଶ୍ୱର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଗଗନ ବିହାରୀ ନନ୍ଦଙ୍କ କଳା ସାହିତ୍ୟ ଓ ସଙ୍ଗୀତ ପ୍ରତି ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କଥାବାଚକ ପ୍ରତାପ କିଶୋର ନନ୍ଦ ଯୋଗଦେଇ ଗଗନ ବିହାରୀଙ୍କ ସରଳ ଜୀବନ, ଅସାଧାରଣ ପ୍ରତିଭା, ମାନବିକତା ଏବଂ ଅନ୍ତରଙ୍ଗତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଶରତ କୁମାର ମିଶ୍ର ଓ ଆଇନଜୀବୀ ସତ୍ୟପ୍ରିୟ ଶରଣ ଯୋଗଦେଇଥିଲେ। ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୈକୁଣ୍ଠ ନାଥ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। କବି ସୁଶୀଳ କୁମାର ନନ୍ଦ ମଞ୍ଚ ସଞ୍ଚାଳନ କରିଥିଲେ। କବୟିତ୍ରୀ ସଞ୍ଜୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତା, ନିବେଦିତା ରଥ ଓ ସିପୁନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ୪୦ ଜଣ କବି ଗୀତ ଓ କବିତା ମାଧ୍ୟମରେ ଗଗନ ବିହାରୀଙ୍କ ସ୍ମୃତିଚାରଣ କରିଥିଲେ।

## ସ୍ୱୀକୃତି ପାଇଲା ଟାଟା ଷ୍ଟିଲ୍ ମେରାମଣ୍ଡଳୀ ୱାର୍କର ୟୁନିଅନ



ଖଜୁରିଆକଟା,୩୧ ।୮ (ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀ ୱାର୍କର ୟୁନିୟନକୁ ମିଳିଛି ସ୍ୱୀକୃତି। ଏହା ଭାରତରେ ଦ୍ରୁତତମ ସ୍ୱୀକୃତି ପାଇଥିବା ଟ୍ରେଡ୍ ୟୁନିୟନ ଭାବେ ରେକର୍ଡ କରିଛି। ଏ ନେଇ ଟାଟା ଷ୍ଟିଲ ମେରାମଣ୍ଡଳୀ ୱାର୍କର ୟୁନିୟନ ସଭାପତି କହିଛନ୍ତି କର୍ମଚାରୀଙ୍କ ଅଧିକାର, ସମ୍ମାନ, ସୁରକ୍ଷା, ନ୍ୟାୟ, ଉନ୍ନତି ଓ ଭବିଷ୍ୟତ ପାଇଁ ୟୁନିୟନ ନିଜର ସମସ୍ତ ଶକ୍ତି, ସମୟ ଓ ପ୍ରୟାସ ଦେବ। ୟୁନିୟନ୍ ଲକ୍ଷ୍ୟ କେବଳ ଦାବି କରିବା ନୁହେଁ, ସମାଧାନ ମଧ୍ୟ ଆଣିବା ବୋଲି ସେ ମତବ୍ୟକ୍ତ କରିଛନ୍ତି। କାହା ବିରୋଧରେ ନୁହେଁ, ଆମ କର୍ମଚାରୀଙ୍କ ଭଲ ପାଇଁ ଅଛୁ। ଆଜିଠାରୁ ଆମ ସଂକଳ୍ପ କର୍ମଚାରୀଙ୍କ ହିତରେ ଆହୁରି ଦୃଢ଼ ହୋଇଛି। ସଂସ୍ଥାର ଉନ୍ନତିରେ କୌଣସି ପଛଘୁଞ୍ଚା ନାହିଁ ଏବଂ ଆମ ଏକତାରେ କୌଣସି ଦୁର୍ବଳତା ନାହିଁ ବୋଲି ସେ କହିଛନ୍ତି।

### ଢେଙ୍କାନାଳ କ୍ରିଏଟର୍ସ ମହାମିଳନ

## ସୃଜନଶୀଳତାର ଅଭୂତପୂର୍ବ ମହାପର୍ବ

ଢେଙ୍କାନାଳ,୩୧ ।୮ (ସମିସ): ଢେଙ୍କାନାଳ ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି 'ଢେଙ୍କାନାଳ କ୍ରିଏଟର୍ସ ମହାମିଳନ'। ଏକାଠି ହୋଇଥିଲେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ର ସୃଜନଶୀଳ ସୋସିଆଲ୍ ମିଡିଆ କ୍ରିଏଟରଙ୍କ ସହ ଓଡ଼ିଶାର ୧୦ ଜିଲ୍ଲାର ପ୍ରାୟ ୩୮୦ କ୍ରିଏଟର। ନିଜ ପ୍ରତିଭା, ସୃଜନଶୀଳତା ଓ ଅନୁଭୂତିକୁ ନେଇ ଏହି ମହାମିଳନ ପାଲଟିଥିଲା ଅନନ୍ୟ ସୃଜନର ମଞ୍ଚ। ଅତିଥି ଭାବେ ପୋରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅଭିନେତ୍ରୀ ରାଲି ନନ୍ଦ, ଆଇନଜୀବୀ ସୁପ୍ରଭା ଶତପଥୀ ଉତ୍ସବକୁ ଉଦଘାଟନ କରିଥିଲେ। ଆବାହକ ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ବିପିନ ମହାନ୍ତି, ରାଜକିଶୋର ବେହେରା, ଶିବସାଇ ମହାପାତ୍ର ଏବଂ ଅଥୟ କୁମାର ସାହୁ ବିଭିନ୍ନ ବିଷୟରେ କ୍ରିଏଟରମାନଙ୍କୁ ଉନ୍ନତ ମାନର, ଗଠନମୂଳକ ଏବଂ ଜିଲ୍ଲା ଉନ୍ନତିର ବିଷୟବସ୍ତୁ ଉପରେ କଣ୍ଟେଣ୍ଟ ପ୍ରସ୍ତୁତ କରିବାକୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି ଅବସରରେ ସୁନାମଧନ୍ୟ କଣ୍ଠଶିଳ୍ପୀ କୁଳଦୀପ୍ ପଟ୍ଟନାୟକଙ୍କ କଣ୍ଠଦାନରେ ପ୍ରସ୍ତୁତ 'ଆମର ଜିଲ୍ଲା ଢେଙ୍କାନାଳ' ଗୀତ ଉନ୍ମୋଚନ କରାଯାଇଥିଲା। ଏହାର ପ୍ରଯୋଜକ ଜଗାବଳିଆ ଏବଂ ନିର୍ଦ୍ଦେଶକ ଶାଶ୍ୱତ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଅତିଥିମାନେ ଲୋକାର୍ପଣ କରିଥିଲେ। ପରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଫଲୋୟର୍ସ ଥିବା କ୍ରିଏଟର ଶିବାନନ୍ଦ ପରିଡ଼ା, କରିସ୍ମା ମହାରଣା, ସ୍ୱପ୍ନା ସାହୁ, ମିଲୁ ସାହୁ, ରିତ୍ୱିକ ଶତପଥୀ ଏବଂ ସୁଚିଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା କ୍ରିଏଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଡିଜିଟାଲ ମିଡିଆ ତଥା କ୍ରିଏଟର ସଂଘ ଗଠନ ନିମନ୍ତେ ସମସ୍ତ ସଦସ୍ୟ ପ୍ରସ୍ତାବ ଦେଇଥିଲେ।



### ଜିଲ୍ଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ପପୁଲାର୍ କ୍ଲବ

ଢେଙ୍କାନାଳ,୩୧ ।୮ (ସମିସ)



ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷୋଡ଼ଶ ଦିବସରେ ଭାଲୁଟାଙ୍ଗର ଫୁଟ୍‌ବଲ୍ କ୍ଲବ୍ ଓ ନରଣପୁର ପପୁଲାର ଫୁଟ୍‌ବଲ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ପପୁଲାର କ୍ଲବ୍ ୪-୩ ଗୋଲ୍‌ରେ ବିଜୟୀ ହୋଇ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି। ଆସନ୍ତା ୨ ତାରିଖ ଦ୍ୱିତୀୟ ସେମିଫାଇନାଲରେ ଗଁଦିଆ ବାରୁଆଁ ଫୁଟ୍‌ବଲ୍ କ୍ଲବ୍ ଓ ପପୁଲାର କ୍ଲବ ପରସ୍ପରକୁ ଭେଟିବେ। ରେଫରୀ ଭାବେ ବୋନ୍‌ସନ୍ ବରାଳ, ଅରୁଣ ନାୟକ, ଆଶୀର୍ବାଦ କାନୁନ୍‌ଗୋ ଓ ସୁଜିତ୍ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ତହସିଲଦାର ସ୍ୱାଧୀନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ରେଫରୀ ଆସୋସିଏସନ୍ ସଭାପତି ପୁରୁଷୋତ୍ତମ ରାଉତ ଯୋଗଦେଇଥିଲେ।

କମିଟି ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ଅଜୟ କୁମାର ପଟ୍ଟନାୟକ, ମନୋଜ ପଟ୍ଟନାୟକ, ସରୋଜ ପାଢ଼ୀ, ଅଜୟ ବାରିକ, ବାବୁ ପାଢ଼ୀ, ସୁଶାନ୍ତ ଜେନା, ପର୍ଶୁରାମ ମିଶ୍ର, ସରୋଜ ମହାନ୍ତି, ଅଭିଜିତ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ବସନ୍ତ ବେହେରା, ପ୍ରତୀକ ଭଞ୍ଜ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ଶିବପ୍ରସାଦ ଦାଶ, ସଚ୍ଚିଦାନନ୍ଦ ସାହୁ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

## ବହୁ ପ୍ରକଳ୍ପ ଉଦ୍‌ଘାଟିତ, ନୂତନ ପ୍ରକଳ୍ପ ଶିଳାନ୍ୟାସ




**ପାରାଦୀପ,୩୧।୮ (ସମିସ):** ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଆଜି ସ୍ଥାନୀୟ ଜୟଦେବ ସଦନ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏନେଇ ପାରାଦୀପ ପୌରାଞ୍ଚଳରେ ଥିବା ୧୯ଟି ୱାର୍ଡରେ ନୂତନ ପ୍ରକଳ୍ପର ଶୁଭ ଉଦଘାଟନ ସହ କେତେକ ଉନ୍ନତି ମୂଳକ କାର୍ଯ୍ୟର ଶିଳାନ୍ୟାସ ମଧ କରାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୁ ପ୍ରସାଦ ତରାଇ ଉପସ୍ଥିତ ଥିଲେ। ୱାର୍ଡରେ ନୂତନ ରାସ୍ତା, ଡ୍ରେନ, ଉଦ୍ୟାନ ଓ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ମଠ, ମନ୍ଦିର ଓ ଆଶ୍ରମର ଉନ୍ନତିକରଣ, ଗୋଷ୍ଠୀ ଗୃହ, ଶୌଚାଳୟ, ବଡ଼ପଡିଆ ମାର୍କେଟ ଅଞ୍ଚଳର ଉନ୍ନତୀକରଣ, ପରିବା ମାର୍କେଟର ନୂତନ ଗୃହ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ଓ ନୂତନ ଗୋଶାଳାର ଉଦଘାଟନ ହୋଇଥିଲା। ଆଜି ଅପରାହ୍ନରେ ଜୟଦେବ ସଦନ ସଭା ଗୃହରେ ଏକ ଉତ୍ସବ ଆୟୋଜନ ହୋଇଥିଲା। ସେଥିରେ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସମସ୍ତ ଗ୍ରୁପ ଓ ସଙ୍ଗଠନ ଗୁଡିକୁ ପୁରସ୍କାର ଦିଆଯାଇଥିଲା। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ଉପାଧ୍ୟକ୍ଷା ଛବିଳତା ରାଉତ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ପାରାଦୀପ ପୌରପାଳିକା ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତିବାସିଦାଙ୍କ ବିକାଶ ତଥା ମହିଳା ସଶକ୍ତୀକରଣ ସମ୍ପର୍କରେ ନିଜର ମତ ରଖିଥିଲେ। ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମଞ୍ଚରେ ଅସନ୍ତୋଷ ଝାଡ଼ିଲେ ଉପାଧ୍ୟକ୍ଷା**

ତେବେ ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ଛବିଳତା ରାଉତ ମଞ୍ଚରେ ନିଜର ଅସନ୍ତୋଷ ଝାଡ଼ିଥିଲେ। ତାଙ୍କୁ ପୌର ଅଧିକାରୀମାନେ କୌଣସି କାର୍ଯ୍ୟକ୍ରମରେ ଖୋଜୁ ନଥିବା, କେବଳ ଗ୍ରୁପ ମାଧ୍ୟମରେ ଜଣାଇବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତକାଲି ତାଙ୍କ ୱାର୍ଡକୁ ମନ୍ତ୍ରୀ ଶିଳାନ୍ୟାସ କରିବାକୁ ଯିବା ନେଇ ତାଙ୍କୁ ଡକାଯାଇ ନଥିବା ସେ ଅଭିଯୋଗ କରିଥିଲେ। ସେ ଜଣେ ଜନ ପ୍ରତିନିଧି। ତାଙ୍କୁ ଲୋକଙ୍କ ସେବା କରିବାକୁ ଜାଣିଶୁଣି ସୁଯୋଗ ଦିଆଯାଉ ନଥିବା ସେ ତାଙ୍କ ଅଭିଭାଷଣରେ କହିଥିଲେ। ଆଜି ଜିଲ୍ଲାପାଳ ଆସିଥିଲେ ସମସ୍ତ କଥା ଜିଲ୍ଲାପାଳଙ୍କୁ ହିଁ ଜଣାଇଥାନ୍ତେ। ଏଡିଏମ୍‌ଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ତାଙ୍କୁ ଅଣଦେଖା କରାଯାଉଥିବା ଜଣାଇବା ପାଇଁ ସେ ନିବେଦନ କରିଥିଲେ। ୨ ବର୍ଷ ହେବ ସରକାର ବଦଳିବା ପରେ ଜାଣିଶୁଣି ତାଙ୍କୁ କୌଣସି କାର୍ଯ୍ୟରେ ଖୋଜା ଯାଉ ନଥିବା ସେ କହିଥିଲେ। ଆଗାମୀ ଦିନରେ ଏଭଳି ପାରାଦୀପ ମ୍ୟୁନିସିପାଲିଟିରେ କରାନଯିବା ପାଇଁ ସେ ଅନୁରୋଧ କରିଥିଲେ।

### ଜଗତସିଂହପୁରରେ ସ୍ୱାୟତ୍ତ ଶାସନ ଦିବସ

## ସ୍ମାର୍ଟ ପୌରାଞ୍ଚଳ ଗଠନରେ ସମସ୍ତଙ୍କ ସହଯୋଗ ଲୋଡ଼ା

**ଜଗତସିଂହପୁର,୩୧।୮ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆଠାରେ ଜଗତସିଂହପୁର ପୌର ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲେ। ଭୌଗୋଳିକ ଦୃଷ୍ଟି କୋଣରୁ ଜଗତସିଂହପୁର ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା। ଆଗାମୀ ଦିନରେ ଏହା କେବଳ ଓଡ଼ିଶାରେ ନୁହେଁ ବରଂ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇବିଧାୟକ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ଅମରେନ୍ଦ୍ର ଦାସ ଆଗାମୀ ଦିନରେ ଆଇନଗତ ସ୍ୱଚ୍ଛ ଓ ପରିମଳ ଜଗତସିଂହପୁର ଗଠନ ଦିଗରେ ସମସ୍ତଙ୍କ ସହଭାଗିତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ ସ୍ୱଚ୍ଛ ମାନସିକତା ହିଁ ସ୍ୱଚ୍ଛ ସମାଜ ଗଠନରେ ସହାୟକ ବୋଲି କହିଥିଲେ। ପୌରାଞ୍ଚଳର ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ସଭାରେ ଅଧ୍ୟକ୍ଷତା କରି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଜଗତସିଂହପୁର ପୌର ପରିଷଦର ବିଭିନ୍ନ ଉନ୍ନତୀମୂଳକ ପଦକ୍ଷେପ ବିଷୟରେ କହିଥିଲେ। ଆଗକୁ ଏକ ସ୍ମାର୍ଟ ପୌରାଞ୍ଚଳ ଗଠନ ଓ ବିକାଶର ଶୀର୍ଷରେ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରିବାକୁ ସେ ସମସ୍ତ ପୌରବାସୀଙ୍କ ସହଯୋଗ କାମନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୌର ପରିଷଦର ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଓଲିଉଡର ସ୍ୱନାମଧନ୍ୟ ଗାୟିକା ଅସୀମା ପଣ୍ଡାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାର ସିଧା ପ୍ରସାରଣକୁ ବିଧାୟକ, ପୌର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ ପାରିଷଦ ବୃନ୍ଦ, ପୌର କର୍ମଚାରୀ ଦେଖିଥିଲେ। ଏହି ଦିବସ ଉପଲକ୍ଷେ ତର୍ତ୍ତଙ୍ଗ ସ୍ଥିତ ବୃଦ୍ଧାଶ୍ରମରେ ଉତ୍ତରୀୟ ଓ ଫଳ ବଣ୍ଟନ ଏବଂ ଶିଶୁ ଆଶ୍ରମ ଓ ସ୍ୱତନ୍ତ୍ର ଆଶ୍ରା ଅନ୍ତେବାସୀଙ୍କୁ ଖାତା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥି ସହିତ ବିଭିନ୍ନ ୱାର୍ଡରେ ବୃକ୍ଷରୋପଣ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ, ପାରିଷଦ ମାନଙ୍କ ମଧ୍ୟରେ ଚେସ, କ୍ୟାରମ୍, ମ୍ୟୁଜିକ ଚେୟାର, ଅନ୍ତାକ୍ଷରି ସହ ବଡାଖାନା ଆଦି ଆୟୋଜିତ ହୋଇଥିଲା।




## ଜରାଶ୍ରମରେ ଜନ୍ମଦିନ ପାଳିଲେ ସମାଜସେବୀ



**ନାଉଗାଁ,୩୧।୮ (ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ଗ୍ରାମର ଜଣାଶୁଣା ସମାଜସେବୀ ତ୍ରିନାଥ ପରିଜା ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କରିଛନ୍ତି। ସେ ଆଜି ନିଜ ସହଯୋଗୀମାନଙ୍କ ସହ ନାଉଗାଁ ବ୍ଲକ ଛକ ସ୍ଥିତ ଆଶ୍ରା ଜରାଶ୍ରମ ପରିସରରେ ରହୁଥିବା ଅନ୍ତେବାସୀମାନଙ୍କୁ ବସ୍ତ୍ର ପ୍ରଦାନ କରିବା ସହିତ, ଫଳ ମିଠା ପୁଡିଆ ଦେଇ ସେମାନଙ୍କ ଠାରୁ ଆଶୀର୍ବାଦ ନେଇଥିଲେ। ଅସହାୟ ବୃଦ୍ଧବୃଦ୍ଧାଙ୍କ ମୁହଁରେ ଖୁସି ଫୁଟାଇ ପାରିଥିବାରୁ ନିଜକୁ ଗର୍ବିତ ମନେ କରିଥିଲେ। ପରେ ନିଜର ଜନ୍ମ ବର୍ଷ ଅନୁସାରେ ସମ ପରିମାଣର ବିଭିନ୍ନ ପ୍ରକାରର ଔଷଧିୟ ବୃକ୍ଷ ରୋପଣ କରିଥିଲେ।

## ଦୁଆ ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ



**ବାଲିକୁଦା,୩୧।୮ (ସମିସ):** ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦୁଆ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ୧୦୧ଟି ଚାରା ରୋପଣ କରାଯାଇଥିଲା। ବିକାଶ ପରିଷଦର ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟା ଡଲି ପଣ୍ଡା, ସୁଶ୍ରୀ ସ୍ମିତା ଦାସ, ରାମଚନ୍ଦ୍ର ଶତପଥୀ ଓ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅଜିତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏଥିରେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ରବୀନ୍ଦ୍ର ନାଥ ପ୍ରଧାନ, ଶିକ୍ଷାବିତ୍ ପବିତ୍ର କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ସନ୍ତୋଷ କୁମାର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରଶାନ୍ତ କୁମାର ମହାନ୍ତି, ଯୁବ ସଂଗଠକ ପ୍ରଫେସର ଦଳାଇ, ଆରତ ଦଳାଇ, କନକଲତା ପରିଡ଼ା, ଅମ୍ବିକା ପାଣି, ରମେଶ ଚନ୍ଦ୍ର ବହିରା, ରିତେଶ ସ୍ୱାଇଁ, ଆଦିତ୍ୟ ନାରାୟଣ ଚୌଧୁରୀ, ଉଲ୍ଲାସ ଚନ୍ଦ୍ର ମହାନ୍ତି, ଜୟନ୍ତ ପରିଡ଼ା, ଜଗଦିଶ ପ୍ରସାଦ ବିଶ୍ୱାଳ, ପ୍ରମୋଦ ବାରିକ ଓ ଚନ୍ଦ୍ରକାନ୍ତ ବରାଳଙ୍କ, ଅକ୍ଷୟ ସେଠୀ, କାଳନ୍ଦୀ ନାୟକ, ଧର୍ମାନନ୍ଦ ଜେନାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ ପ୍ରଣବ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ

## ପ୍ରଦୂଷଣ ମୁକ୍ତ ପୂଜାକୁ ଗୁରୁତ୍ୱ

**କୁଜଙ୍ଗ,୩୧।୮ (ସମିସ):** ସାର୍ବଜନୀନ ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ କମିଟିର ବରିଷ୍ଠ ସଭ୍ୟ ତଥା ସମ୍ପାଦକ ରବୀନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ ସ୍ଥିତ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗା ପୂଜା କିପରି ଆକର୍ଷଣ ହେବ ଓ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିପାଇଁ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ବାହ୍ୟ ଆଡ଼ମ୍ବର ଅପେକ୍ଷା ପୂଜା, ପରମ୍ପରା ଓ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏପରିକି ପ୍ରଦୂଷଣ ମୁକ୍ତ ପୂଜା ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ନନ୍ଦଉତ୍ସବ ଅବସରରେ ମା'ଙ୍କର ବିଗ୍ରହ ନିର୍ମାଣ ନିମନ୍ତେ ମହାନଦୀରୁ ମାଟି ଉଠାଣ ପାଇଁ ଦିନ, ବାର ସ୍ଥିର କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ସଭ୍ୟ ଭ୍ରମରବର ପରିଡ଼ା, ରବୀନ୍ଦ୍ର ନାଥ, ସହ ସମ୍ପାଦକ ବିଚିତ୍ରାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, ଆଜୀବନ ସଭ୍ୟ ତୀର୍ଥସାରଥି ମହାନ୍ତି, ଚରଣ ସାହୁ, ବିପିନ ମହାରଣା, ଅକ୍ଷୟ ବିଶ୍ୱାଳ, ପଙ୍କଜ ପରିଡା, ଫକୀର ଅଧିକାରୀଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ।

## କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି




**ଜଗତସିଂହପୁର,୩୧।୮ (ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ତଥା ସ୍ୱରର ଯାଦୁଗର ପ୍ରଣବ କିଶୋର ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରବିନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖା ସଭାପତି ଆଇନଜୀବୀ ଶିବ ପ୍ରସାଦ ମାଝୀ, ଶିକ୍ଷାବିତ ବିଜୟ କୁମାର ପତି, ସତ୍ୟବାଦୀ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ ସଞ୍ଜୟ ସାମନ୍ତ ସିଂହାର ଏବଂ ପ୍ରତାପ କୁମାର ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଣବ କିଶୋର ପଟ୍ଟନାୟକ ଜଣେ ସୁନାମ ଧନ୍ୟ କଣ୍ଠଶିଳ୍ପୀ, ପ୍ରଚ୍ଛଦପଟ ଗାୟକ ଥିଲେ। ସେ ବେତାର, ଦୂରଦର୍ଶନ ଓ ଆଲବମରେ, ବହୁ ଭଜନ ଓ ଆଧୁନିକ ଗୀତ ଶ୍ରୋତାମାନଙ୍କୁ ଭେଟି ଦେଇଛନ୍ତି। ଏଥି ସହିତ ଜାତୀୟ ସ୍ତରର ଗୀତିକାର ଓ କଣ୍ଠଶିଳ୍ପୀଙ୍କ ସହିତ କାର୍ଯ୍ୟ କରି ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ସଭାରେ ମତପ୍ରକାଶ କରାଯାଇଥିଲା। ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସ୍ତାବିତ ବିଶ୍ରାମ ସ୍ଥଳୀ ନିର୍ମାଣ ଭୂମିପୂଜନ



**ବାଲିକୁଦା,୩୧।୮ (ସମିସ):** ବାଲିକୁଦା ବଜାରର ହାଟଗଡ଼ା ନିକଟରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ପ୍ରସ୍ତାବିତ ବିଶ୍ରାମ ସ୍ଥଳୀ ନିର୍ମାଣକୁ ନେଇ ଦୀର୍ଘ ତିନି ବର୍ଷ ଧରି ଲାଗିରହିଥିବା ଅନିଶ୍ଚିତତାର ଅନ୍ତ ଘଟିବାକୁ ଯାଉଛି। ୨୦୨୨ ମସିହାରୁ ପ୍ରାୟ ୨ ଲକ୍ଷ ଟଙ୍କାର ବିଧାୟକ ପାଣ୍ଠି ମଞ୍ଜୁର ହୋଇଥିଲେ ମଧ୍ୟ ପ୍ରଶାସନିକ ଅନୁମତି ଅଭାବରୁ ଏପର୍ଯ୍ୟନ୍ତ ନିର୍ମାଣ ଆରମ୍ଭ ହୋଇପାରିନଥିଲା। ତେବେ ଏହି ବିଶ୍ରମସ୍ଥଳୀ ନିର୍ମାଣର ଭିତ୍ତିପ୍ରସ୍ତର ପୁନଃ ସ୍ଥାପନ କରାଯାଇଛି।

ସୂଚନା ଅନୁଯାୟୀ, ବାଲିକୁଦା ବଜାରର ହାଟଗଡ଼ା ନିକଟରେ ଏକ ବିଶ୍ରାମ ସ୍ଥଳୀ ନିର୍ମାଣ ପାଇଁ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ବିଧାୟକ ପାଣ୍ଠିରୁ ପ୍ରାୟ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରକଳ୍ପ ପାଇଁ ଫଳକ ଲାଗିଥିଲେ ମଧ ଚିହ୍ନଟ ସ୍ଥାନଟି ଜଳସମ୍ପଦ ବିଭାଗ ଅଧୀନରେ ଥିବାରୁ ଆବଶ୍ୟକ ବିଭାଗୀୟ ଅନୁମତି ମିଳିନଥିଲା। ଫଳରେ ତିନି ବର୍ଷ ଧରି ପ୍ରକଳ୍ପଟି ଫଳକରେ ସୀମିତ ରହିଥିଲା। ତେବେ ପ୍ରସ୍ତାବିତ ପ୍ରକଳ୍ପର ଭିତ୍ତିପ୍ରସ୍ତର ପୁନଃ ସ୍ଥାପନ କରରିଛନ୍ତି ସ୍ଥାନୀୟ ବିଧାୟକ ଶାରଦା ପ୍ରସନ୍ନ ଜେନା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲ୍ଲା ପରିଷଦ ସଦସ୍ୟା ଡଲି ପଣ୍ଡା, ନିବେଦିତା ମହାନ୍ତି, ଜିଲ୍ଲାପରିଷଦ ପ୍ରତିନିଧି ଗଙ୍ଗାଧର ବେହେରା, ବିଜେଡି ରାଜ୍ୟ ସମ୍ପାଦକ କମଳାକାନ୍ତ ମହାପାତ୍ର, ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ବ୍ଲକ ବିଜେଡି ଯୁବ ସଭାପତି ସୁଭେନ୍ଦ୍ର ଦାସ, ୱାର୍ଡ ସଭ୍ୟା ପ୍ରତିନିଧି ବିନୋଦ ବେହେରା, ସମାଜସେବୀ ନିତ୍ୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ବହୁଦିନର ପ୍ରତୀକ୍ଷାର ଅନ୍ତ ହେବା ସହ ବଜାରକୁ ଆସୁଥିବା ସାଧାରଣ ଲୋକଙ୍କୁ ବସିବା ଓ ବିଶ୍ରାମ ନେବା ପାଇଁ ଏକ ସୁବିଧାଜନକ ସ୍ଥାନ ମିଳିପାରିବ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଛି।

## ସମୀକ୍ଷା କଳା ଏକାଡେମୀର ବାର୍ଷିକ ଉତ୍ସବ



**ବିରିଡି,୩୧।୮ (ସମିସ):** ବିରିଡି ବ୍ଲକ କୁଳକଇଜଙ୍ଗାଠାରେ ଗଢିଉଠିଥିବା ଅଗ୍ରଣୀ କଳା ଅନୁଷ୍ଠାନ ସମୀକ୍ଷା କଳା ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ମୈତ୍ରୀ କ୍ଲବ ଗୃହରେ ଅନୁଷ୍ଠିତ ହୋଇଯାଇଛି। ରୋଜାଲିନି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଡେମୀର ସ୍ଥାୟୀ ସଭାପତି ଗଣେଶ ଚନ୍ଦ୍ର ମାଣିଆ ଅଧ୍ୟକ୍ଷତା କରିଥିଲେ। ଏକାଡେମୀର ସମ୍ପାଦିକା ସ୍ୱପ୍ନାରାଣୀ ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିରିଡି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଡାକ୍ତର ଲୋକନାଥ ସାହୁ, ବରିଷ୍ଠ ନାଗରିକ ସଂଘର ସଭାପତି ଯୁଧିଷ୍ଠିର ଦାସ, ନାଟ୍ୟକାର ଯୁଧିଷ୍ଠିର ସାହୁ, କଳା ଶିକ୍ଷକ ଭଗବତ ପ୍ରସାଦ ଦାସ, ସୁବ୍ରତ କୁମାର ଦାସ, ପତିତପାବନ ଜେନା, ବିଶ୍ୱମ୍ବର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଚାଳନା କରିଥିବା ବେଳେ ଶୁରେଶ ନାୟକ ସହଯୋଗ କରିଥିଲେ। ଏଥିରେ ଭୂମିକା ରଥ, ସାଇ ସାସ୍ୱତୀ ମହାରଣା, ଭାଗ୍ୟଶ୍ରୀ ବେହେରା, ପ୍ରିୟଦର୍ଶିନୀ ମଲ୍ଲିକ, ଅଭିଲିପ୍ସା ନାୟକ ନିଜର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ରୋଜାଲିନି ମିଶ୍ରଙ୍କ ସମେତ ଅଭିଭାବକ ଭାବଗ୍ରାହୀ ସ୍ୱାଇଁ, ରବୀନ୍ଦ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଗୋପାଳରାଓ ଦୋରା, ସୁମିତ୍ରା ମଲ୍ଲିକ, କବିତା ମହାନ୍ତି, ସସ୍ମିତା ମହାରଣା, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଜବତ ବାଲି ଗଦାରୁ ଚୋରି; ଜଣେ ଗିରଫ

**ତିର୍ତ୍ତୋଲ,୩୧।୮ (ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ହରିପୁରରେ ସରକାରଙ୍କ ପକ୍ଷରୁ ଜବତ ବାଲି ଗଦାରୁ ବାଲି ଚାଲାଣ କରୁଥିବା ଅଭିଯୋଗରେ ପୁଲିସ ଘଟଣାସ୍ଥଳରୁ ଆଜି ଜଣେ ବ୍ୟକ୍ତିକୁ ଗିରଫ କରିବା ସହ ବାଲି ବୋଝେଇ ହାଇୱା (ଓଡି୨୧କ୍ୟୁ୪୨୫୭)କୁ ଜବତ କରିଛି। ଗିରଫ ବ୍ୟକ୍ତି କୁଜଙ୍ଗ ଥାନା ଚୌଧୁରୀ କୁଦ ଗ୍ରାମର ବିବେକ ଦାସ (ମୁନା)। ପୁଲିସ ଟିମ୍‌କୁ ଦେଖି ଘଟଣାସ୍ଥଳରୁ ହାଇୱା ଚାଳକ ଓ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ପୁଲିସ ଏକ ମାମଲା ରୁଜ୍ଜୁ କରି ବିବେକ ଦାସଙ୍କୁ ଅଦାଲତ ଚାଲାଣ କରିଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ଦେଇଛନ୍ତି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର




**ଜଗତସିଂହପୁର/ଏରସମା,୩୧।୮ (ସମିସ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୦୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୪ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ଭତ୍ତା ପାଇବା ପାଇଁ ୨୨ଟି ଏବଂ ଅନ୍ୟାନ୍ୟ ୨୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ଦାଶରଥି ଜେନା, ତହସିଲଦାର, ଏରସମା ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## କେନ୍ଦ୍ରାପଡା ଜିଲ୍ଲାରେ ଜାତୀୟ ଜାହାଜ ନିର୍ମାଣ ଓ ଭାରୀଶିଳ୍ପ ପାର୍କ ପାଇଁ ଅନୁମୋଦନ

**ପାରାଦୀପ,୩୧।୮ (ସମିସ):** ଭାରତ ସରକାରଙ୍କ ବନ୍ଦର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା କେନ୍ଦ୍ରାପଡା ଜିଲ୍ଲାରେ ଜାତୀୟ ଜାହାଜ ନିର୍ମାଣ ଏବଂ ଭାରୀଶିଳ୍ପ ପାର୍କ ନିର୍ମାଣ ପାଇଁ ନୀତିଗତ ଅନୁମୋଦନ ପାଇଛି। ଯାହାକି ରାଜ୍ୟର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଶିଳ୍ପ ଇକୋ ସିଷ୍ଟମକୁ ସୁଦୃଢ଼ କରିବାରେ ଏକ ବଡ଼ ପଦକ୍ଷେପ ଅଟେ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପିଏଲ ହରନାଦ ଏହି କ୍ରମରେ କହିଛନ୍ତି ଯେ ଏହା ଏକ ବଡ ପଦକ୍ଷେପ। ଓଡ଼ିଶାର ସାମୁଦ୍ରିକ ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ଅଟେ। ଏହା କେନ୍ଦ୍ରାପଡ଼ା ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଏହି ଅଞ୍ଚଳରେ ଆନୁସାଙ୍ଗିକ ଶିଳ୍ପ ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରିବ। ଅଧ୍ୟକ୍ଷ ଶ୍ରୀ ହରନାଦ ଆହୁରି କହିଛନ୍ତି ଯେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହାର ବୈଧାନିକ ଏବଂ ନିବେଶ ପ୍ରତିଶ୍ରୁତି ସହିତ ଚୂଡାନ୍ତ ଅନୁମୋଦନ ପାଇଁ ପ୍ରସ୍ତାବ ଦାଖଲ କରାଯିବ। ଏହି ପ୍ରସ୍ତାବଟି ଜାହାଜ ନିର୍ମାଣ ଓ ଭାରୀଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହେବ ବୋଲି ଆଶା କରାଯାଏ। ଯାହା ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଦକ୍ଷତା ବିକାଶ ଏବଂ ଓଡ଼ିଶାରେ ବ୍ୟାପକ ସାମୁଦ୍ରିକ ଏବଂ ଉପକୂଳ ଅର୍ଥନୀତି କୁ ସମୃଦ୍ଧ କରିବ।

## ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଶିବିର




**ଜଗତସିଂହପୁର,୩୧।୮ (ସମିସ):** ଜଗତସିଂହପୁର ସହରର ଚାଟରା ସ୍ଥିତ ଅଳକା ଆଶ୍ରମ ପରିସରରେ ଏକ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସୁରକ୍ଷା ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ଭାରତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ଅଳକା ଆଶ୍ରମ କୋଷାଧ୍ୟକ୍ଷ ବିଜୟ କୁମାର ରଥ, ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଲାଲା ସଂଗ୍ରାମ କେଶରୀ ରାୟ ଅତିଥି ରୂପେ ଯୋଗଦାନ କରି ଏକ ସୁସ୍ଥ ସମାଜ ଗଠନ ପାଇଁ ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ବୁଲବୁଲ ସ୍ୱାଇଁଙ୍କ ପରିଚାଳନାରେ କଟକ ବଡ଼ ମେଡିକାଲର ମନସ୍ତତ୍ତ୍ୱବିତ ଡାକ୍ତର ସୁଶ୍ରୀ ସଙ୍ଗୀତା ବେଉରା, ଶ୍ରଦ୍ଧାନ ବାନାର୍ଜୀ ଏବଂ ଶୁଭ୍ରଜିତ ମିଶ୍ର ଯୋଗଦାନ କରି ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଯୋଗଦାନ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଶରତ ଚନ୍ଦ୍ର ବାରିକ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ନିକୁଞ୍ଜ କିଶୋର ବେହେରା, ଅତୁଲ ବିକ୍ରମ ପ୍ରଧାନ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରଘୁନାଥପୁର,୩୧।୮ (ସମିସ):** ରଘୁନାଥପୁର ବ୍ଲକ ଚିକିଣିଆ ସ୍ଥିତ ଏଚ୍‌ଏମଟି ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ କାର୍ଯ୍ୟରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସଭାରେ ପୌରୋହିତ୍ୟ କରିଥିଲେ। ଏଥିରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ବିଜୟ କୁମାର ସ୍ୱାଇଁ, ପ୍ରାକ୍ତନ ବିଆର୍‌ସିସି ସଦାଶିବ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ମିହିର କୁମାର ନାୟକ, ଭାରତ ଚନ୍ଦ୍ର ସାହୁ, ବାବାଜୀ ଚରଣ ସାହୁ, ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ତୁଳସୀରାମ ଭୂୟେଁ, ଓସ୍ତା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ତ୍ରିଲୋଚନ ସାହୁ, ରାଜକିଶୋର ସାହୁ, ନିକୁଞ୍ଜ କିଶୋର ବେହେରା ଓ ସୁବାସ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ପରେ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟି, ପଞ୍ଚସଖା ଶିକ୍ଷା ସେତୁ ସଦସ୍ୟଙ୍କ ପକ୍ଷରୁ ପ୍ରଧାନଶିକ୍ଷକ ସାମଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଚିତ୍ରସେନ ସାହୁ ଧନ୍ୟବାଦ ଦେଇଥିଲେ।

## ବନ୍ଦର ଅଧିକ୍ଷଣ ଯନ୍ତ୍ରୀଙ୍କ ଦେହାନ୍ତ



**ପାରାଦୀପ, ୩୧।୮ (ସମିସ):** ପାରାଦୀପ ବନ୍ଦରର ସିଏମଇ ବିଭାଗରେ କାର୍ଯ୍ୟରତ ଅଧିକ୍ଷଣ ଯନ୍ତ୍ରୀ (ମେକାନିକାଲ) ମହେଶ୍ୱର ନାୟକ (୫୯)ଙ୍କର ଆଜି ଦେହାନ୍ତ ଘଟିଛି। ସେ ଆଜି ପାରାଦୀପ ବନ୍ଦର ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଦିନ ପାଖାପାଖି ୯ଟା ହେବ ହୃଦ୍‌ଘାତର ଶିକାର ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଖବର ପାଇ ବନ୍ଦର ପ୍ରଶାସନିକ ଭବନରେ ଏକ ଶୋକର ଛାୟା ଖେଳିଯାଇଥିଲା। ତାଙ୍କର ଦୁଇଟି ପୁଅ ଅଛନ୍ତି। ତାଙ୍କ ମର ଶରୀରକୁ ଆଜି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଛି।

ଏସ୍‌ସି/ ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ଦେଲେ ମୁଖ୍ୟମନ୍ତ୍ରୀ

# ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ଓ ଟ୍ୟୁସନ ଫି' ଛାଡ଼

ଭୁବନେଶ୍ୱର,୩୧।୮ (ସମିସ): ଏଣିକି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ସମୟରେ ଏବଂ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ କୌଣସି ଫି' ଜମା କରିବାକୁ ପଡ଼ିବ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି

**ଦେବାକୁ ପଡ଼ିବନି ନାମଲେଖା ଫି' ଏବଂ ୬ ମାସ ପର୍ଯ୍ୟନ୍ତ ଟ୍ୟୁସନ୍ ଓ ଅନ୍ୟାନ୍ୟ ଦେୟ**

ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ରାଜ୍ୟ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଗରିବ ଛାତ୍ରଛାତ୍ରୀମାନେ ଅନେକ ସମୟରେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହି ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥା'ନ୍ତି। କିନ୍ତୁ ନାମଲେଖା ବେଳେ ଅର୍ଥ ଜମା କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନ ଥାଏ। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ସାଧାରଣତଃ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ବୃତ୍ତି ପାଇଥା'ନ୍ତି। ତେବେ ଏହି ବୃତ୍ତି ଅର୍ଥ ପାଇବାର ପ୍ରକ୍ରିୟା ଶେଷ ହୋଇ ଟଙ୍କା ପାଇବା ବେଳକୁ ୩-୪ ମାସ ଲାଗିଥାଏ। ତେଣୁ ବର୍ତ୍ତମାନ ଏହି ବର୍ଗର ଛାତ୍ରଛାତ୍ରୀମାନେ ସେମାନଙ୍କ ବୃତ୍ତି ଟଙ୍କା ପାଇବା ପରେ ସୁବିଧାରେ ସେମାନଙ୍କ ନାମଲେଖା ଓ ଟ୍ୟୁସନ ଫି' ଜମା କରିପାରିବେ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏକ ମାର୍ଗଦର୍ଶିକା ଜାରି କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରସଙ୍ଗ

# ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଜେପି ଓଡ଼ିଶାର ଖଣିଜ ସମ୍ପଦ ଲୁଣ୍ଠନ କରୁଛି: ବିଜେଡି

ଭୁବନେଶ୍ୱର, ୩୧।୮ (ସମିସ): ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଜରିଆରେ ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ ବସିଛି ଡବଲ ଇଞ୍ଜିନ ସରକାର। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ମିଥ୍ୟା ତଥ୍ୟ ଦେଇ ଓଡିଶାବାସୀଙ୍କୁ ଭ୍ରମିତ କରୁଛି। ପୁଞ୍ଜିପତିମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ରତ୍ନଗର୍ଭା ଓଡ଼ିଶାକୁ ଡବଲ ଇଞ୍ଜିନ ସରକାର ଲୁଣ୍ଠନ କରୁଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବା କହି କଡ଼ା ନିନ୍ଦା କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଏହି କଳା ଆଇନ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆଙ୍କ ମନକୁ କୁଠାରଘାତ କରିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କହିଥିଲେ, "ମୋତେ ଅର୍ଥନୈତିକ ସ୍ୱାଧୀନତା ଦିଅ, ମୁଁ ଓଡ଼ିଶାକୁ ଏସିଆ ମହାଦେଶର ସମୃଦ୍ଧ ରାଜ୍ୟ କରି ଗଢ଼ି ତୋଳିବି।" କାରଣ ସେ ସବୁବେଳେ ନିଜ ମାଟିର କଥା ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ବିଜେପି ନେତାମାନେ ଓଡ଼ିଶା ସ୍ୱାର୍ଥ ଭୁଲି କେନ୍ଦ୍ର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି।




**■ ରାଜ୍ୟର ଅର୍ଥନୈତିକ ଅଧିକାରକୁ କ୍ଷୁଣ୍ଣ କରୁଛି ଡବଲ ଇଞ୍ଜିନ ସରକାର**
**■ ଓଡ଼ିଶାବାସୀଙ୍କୁ ମିଥ୍ୟା ତଥ୍ୟ ଦେଇ ଭ୍ରମିତ କରୁଛନ୍ତି ବିଜେପି ନେତା**

ଓଡ଼ିଶାରେ ଥିବା ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି ସହ ପ୍ରଚୁର ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ, ପ୍ରାଚୁର୍ଯ୍ୟ ଓ ମାନବ ସମ୍ବଳ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଲୋଲୁପ ଦୃଷ୍ଟି ପଡିଛି। ଓଡ଼ିଶା ପ୍ରାଚୁର୍ଯ୍ୟର ସୁରକ୍ଷା ଓ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଲଢେଇ କରିଛନ୍ତି। ରାଜ୍ୟ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ। ସଂଘୀୟ ଗଣତନ୍ତ୍ରରେ ରାଜ୍ୟର ସମ୍ପଦ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାର ରହିଛି। କିନ୍ତୁ ଏକତରଫା ଭାବେ ସେହି ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି ବୋଲି ଶ୍ରୀ ବର୍ମା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ୨୦୧୧ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡିର କାର୍ଯ୍ୟକାରୀ କମିଟି ବୈଠକରେ ଓଡ଼ିଶାକୁ ୫୦ ପ୍ରତିଶତ ବିତ୍ତୀୟ ସ୍ୱାଧୀନତା ପ୍ରଦାନ ପାଇଁ ରାଜନୈତିକ ପ୍ରସ୍ତାବ ଆଗତ ହୋଇ ଅନୁମୋଦିତ ହୋଇଥିଲା। କିନ୍ତୁ ବିଜେପି ପରି ଜାତୀୟ ଦଳ ଓଡିଶାର ଶାସନ ଗାଦିକୁ ଆସିବା ପରେ ରାଜ୍ୟ ପ୍ରତି ଅବିଚାର କରି ଅର୍ଥନୈତିକ ଅଧିକାରକୁ ଛଡ଼ାଇ ନେଇଛି। ଦେଶରେ ଥିବା ସମୁଦାୟ ଖଣିଜ ସଂପଦ ମଧ୍ୟରୁ ପ୍ରାୟ ୪୮ ପ୍ରତିଶତ ଖଣିଜ ସମ୍ପଦ ଓଡ଼ିଶାରେ ଗଚ୍ଛିତ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ସହ ଖଣି ଓ ଶିଳ୍ପ ସଂସ୍କାର ଆଇନ ପ୍ରଣୟନ କରିଥିଲେ। ୧୮ ବର୍ଷର ନ୍ୟାୟିକ ଲଢ଼େଇ ପରେ ୨୦୨୪ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଖଣି ଓ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ କରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଥିଲେ। ଉକ୍ତ କଳା ଆଇନ ବଳରେ ରାଜ୍ୟର ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ସଂସଦରେ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଏହି କଳା ଆଇନକୁ ସମର୍ଥନ ଜଣାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତି ଓ ଖଣି ବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଓଡ଼ିଶା ଖଣିଜ ସମ୍ପଦକୁ ଟେକି ଦିଆଗଲା। ଏତେ ପରେ ମଧ୍ୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପ୍ରଦୀପ ପୁରୋହିତ ଓ ମନମୋହନ ସାମଲ ମିଥ୍ୟା କହି ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି।

ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ପୁଞ୍ଜିପତି, ଶିଳ୍ପପତି ଓ ଖଣି ମାଲିକଙ୍କୁ ଲାଭାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ଉକ୍ତ କଳା ଆଇନ ଆଣିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରି କେନ୍ଦ୍ର ସରକାର ରାଜ୍ୟର ହକ୍‌କୁ ଛଡ଼ାଇ ନେଇ ଖଣିଜ ସମ୍ପଦରୁ ରାଜସ୍ୱ ଏବଂ ବକେୟା ଟିକସ ଆଦାୟ କରୁଛନ୍ତି, ଯାହାକି ସଂଘୀୟ ବ୍ୟବସ୍ଥାକୁ କ୍ଷୁଣ୍ଣ କରୁଛି। ଓଡ଼ିଶାବାସୀ ଧୂଳି, ଧୂଆଁ, ବିସ୍ଥାପନ ଆଦି ସମସ୍ୟାରେ ଜର୍ଜରିତ ହେବେ, କିନ୍ତୁ ଓଡ଼ିଶାର ଖଣି ରାଜସ୍ୱ ଅନ୍ୟ ରାଜ୍ୟର ବିକାଶ କାର୍ଯ୍ୟରେ ଲାଗିବ। ରାଜ୍ୟର ହକ୍ ପାଇଁ ବିଜେଡି ଲଢ଼େଇ କରିବ। ରାଜ୍ୟର ଜେନ୍ ଜି ଓ ଜେନ୍ ଆଲଫାମାନଙ୍କ ଭବିଷ୍ୟତ ପାଇଁ ବିଜେଡି ଲଢ଼େଇ ଜାରି ରଖିବ। ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଛି, ତାହାକୁ ଓଡ଼ିଶାବାସୀ କେବେ ବି ବରଦାସ୍ତ କରିବେ ନାହିଁ। ଉକ୍ତ କଳା ଆଇନକୁ ରଦ୍ଦ ନ କରିବା ପର୍ଯ୍ୟନ୍ତ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେଡିର ଲଢ଼େଇ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଅବଶିଷ୍ଟାଂଶ

### ଅନ୍ତର୍ଜାତୀୟ ଫୁଟବଲ୍‌କୁ...

ନିରାଶା। ଅନେକ ବଡ଼ ଫାଇନାଲ୍‌ରେ ପରାଜୟ ପରେ ତାଙ୍କୁ ସମାଲୋଚନା ମଧ୍ୟ ସହିବାକୁ ପଡ଼ିଥିଲା। କିନ୍ତୁ ସେ ହାର ମାନି ନ ଥିଲେ। ଶେଷରେ ଆର୍ଜେଣ୍ଟିନାକୁ କୋପା ଆମେରିକା ଏବଂ ବିଶ୍ୱକପ୍ ଭଳି ବଡ଼ ମଞ୍ଚରେ ସଫଳତା ଦେବାରେ ତାଙ୍କ ଭୂମିକା ଇତିହାସରେ ଅମର ହୋଇ ରହିବ। ମେସିଙ୍କ ୨୧ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରର ସବୁଠାରୁ ଉଜ୍ଜ୍ୱଳ ଅଧ୍ୟାୟ ଥିଲା ୨୦୨୨ କତାର ବିଶ୍ୱକପ୍। ଫାଇନାଲ୍‌ରେ ଫ୍ରାନ୍ସ ବିପକ୍ଷରେ ରୋମାଞ୍ଚକର ମୁକାବିଲାରେ ମେସି ଦୁଇଟି ଗୋଲ୍ କରିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ଆର୍ଜେଣ୍ଟିନା ବିଜୟୀ ହେବା ସହ ମେସିଙ୍କ ବିଶ୍ୱକପ୍ ସ୍ୱପ୍ନ ପୂରଣ ହୋଇଥିଲା। ହାତରେ ବିଶ୍ୱକପ୍ ଟ୍ରଫି ଧରିଥିବା ମେସିଙ୍କ ଛବି ଫୁଟବଲ୍ ଇତିହାସର ଏକ ଅଭୁଲା ତଥା ଅମର ଦୃଶ୍ୟ ହୋଇ ରହିଛି।

**ରେକର୍ଡ ବୁକ୍‌ରେ ମେସି**

ଆର୍ଜେଣ୍ଟିନା ପାଇଁ ମେସି ୨୦୭ଟି ମ୍ୟାଚ୍ ଖେଳି ୧୨୫ଟି ଗୋଲ୍ ଏବଂ ୬୮ଟି ସହାୟତା ଦେଇଛନ୍ତି। କେବଳ ଦେଶ ପାଇଁ ନୁହେଁ ସେ କ୍ଲବ ଫୁଟବଲରେ ମଧ୍ୟ ସଫଳତାର ଶୀର୍ଷକୁ ଛୁଇଁଥିଲେ। ସେ ବାର୍ସିଲୋନା ସମେତ, ପ୍ୟାରିସ ସେଣ୍ଟ ଜର୍ମେନ, ଇଣ୍ଟର ମିଆମି ଭଳି କ୍ଲବ ପାଇଁ ଖେଳିଥିଲେ। କେବଳ ବାର୍ସିଲୋନା ପାଇଁ ସେ ୫୨୦ ମ୍ୟାଚ୍ ଖେଳି ୪୭୪ ଗୋଲ ସ୍କୋର କରିଥିଲେ। ସେ ୮ଥର ଫିଫା ଦ୍ୱାରା ବିଶ୍ୱର ଶ୍ରେଷ୍ଠ ଫୁଟବଲର ଭାବେ ପୁରସ୍କୃତ ହୋଇଥିଲେ। ସେ କ୍ୟାରିୟରରେ ମୋଟ ୪୬ଟି ଟିମ୍ ଟ୍ରଫି ହାସଲ କରିଥିଲେ। ସେ ବିଶ୍ୱ ଫୁଟବଲରେ ପାଖାପାଖି ସବୁ ରେକର୍ଡର ଅଧିକାରୀ ହୋଇଥିଲେ। ତାଙ୍କ ଅସାଧାରଣ ପ୍ରତିଭା, ଡ୍ରିବ୍‌ଲିଂ, ଗୋଲ୍ ସ୍କୋରିଂ ଦକ୍ଷତା ଏବଂ ଖେଳକୁ ବୁଝିବାର ଅଦ୍ଭୁତ କ୍ଷମତା ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ୍ ଖେଳାଳିଙ୍କ ତାଲିକାରେ ସ୍ଥାନ ଦେଇଛି। ତାଙ୍କ ବିଦାୟ ସହ ଆର୍ଜେଣ୍ଟିନା ଫୁଟବଲ୍ ଏକ ନୂଆ ଅଧ୍ୟାୟକୁ ପ୍ରବେଶ କରିବ। ମେସି ନିଜେ କହିଛନ୍ତି ଯେ ଦଳରେ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ସୁଯୋଗ ପାଇବା ଯୋଗ୍ୟ। ବିଦାୟ ନେବାବେଳେ ମେସିଙ୍କ ମନରେ ନାହିଁ ଅନୁତାପ, ରହିଛି ଶାନ୍ତି ଓ ଗର୍ବ। ଫୁଟବଲ୍‌ର ପଡ଼ିଆରେ ମେସି ଛାଡ଼ିଯାଇଥିବା ପାଦଚିହ୍ନ ଏତେ ଗଭୀର ଯେ, ସମୟ ମଧ୍ୟ ତାହାକୁ ସହଜରେ ମିଟାଇ ପାରିବ ନାହିଁ।

### ଚଳନ୍ତା ବସ୍‌ରେ...

ଏହି ଘଟଣାକୁ ନେଇ ବିରୋଧୀ ଦଳ ପକ୍ଷରୁ ଉଭୟ ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଛି। ମହିଳାଙ୍କ ସୁରକ୍ଷାକୁ ନେଇ ସରକାରଙ୍କ ଦାବି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ କଂଗ୍ରେସ ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛି। ମହିଳା ସୁରକ୍ଷା ନେଇ ସରକାରଙ୍କ ଦାବି ଉପରେ ପ୍ରଶ୍ନ ଉଠାଇ ଦଳ କହିଛି ଯେ ଘଟଣାଟି ଦେଶକୁ ଦୋହଲାଇ ଦେଇଛି। ଦୁଇ ରାଜ୍ୟର ପୁଲିସର ନିରୀକ୍ଷଣ ଓ ଯାଞ୍ଚ ବ୍ୟବସ୍ଥା ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି।

### ନିଟ୍‌ବିରୋଧୀ ଆନ୍ଦୋଳନକାରୀଙ୍କ...

ତୁଷାର ମେହେଟାଙ୍କ ଆବେଦନକୁ ଗ୍ରହଣ କରି କୋର୍ଟ ମଙ୍ଗଳବାର ଏହି ମାମଲାର ଶୁଣାଣି କରିବେ। ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରି ଏହି ସମସ୍ତ ମାମଲା ଗୁଡ଼ିକୁ ରଦ୍ଦ କରିବା ପାଇଁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିବେ। ବିକ୍ଷୋଭ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ପାଇଁ ରାଜ୍ୟ ସରକାରମାନେ ସ୍ୱାଧୀନ ବୋଲି ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୁରୁତର ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଏଥିରୁ ଆଶ୍ୱସ୍ତି ମିଳିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହା ସହିତ, ପୁଲିସର ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅଭିଯୋଗର ଯାଞ୍ଚ ପାଇଁ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଆର ସୁଭାଷ ରେଡ୍ଡୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଅନୁସନ୍ଧାନ କମିଟି ଗଠନ କରାଯାଇଛି। ଅନ୍ୟପଟେ, କେନ୍ଦ୍ର ସରକାର ଜୁଲାଇ ୨୫ରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନଥିବା ଅଭିଯୋଗ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀରେ ପୁନର୍ବାର ପ୍ରତିବାଦ ଶୋଭାଯାତ୍ରା କରିବାକୁ ଆହ୍ୱାନ ଦେଇଛି।

### ଅଟକିବନି ସିଜେପିର...

ହୋଇନାହିଁ। ସେଗୁଡ଼ିକ ହେଲା, ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ, ଛାତ୍ରଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର, ରାପିଡ୍ ଆକ୍ସନ୍ ଫୋର୍ସ ଓ ଦିଲ୍ଲୀ ପୋଲିସର କ୍ଷମାପ୍ରାର୍ଥନା। ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ସିଜେପି ଜୁନ୍ ୨୦ରୁ ଯନ୍ତରମନ୍ତରରେ ଆନ୍ଦୋଳନ ଆରମ୍ଭ କରିଥିଲା। ଜୁଲାଇ ୨୫ରେ ସରକାରଙ୍କ ଆଶ୍ୱାସନା ପରେ ଆନ୍ଦୋଳନ ଶେଷ ହୋଇଥିଲା। ଜୁଲାଇ ୨୦ରେ ସିଜେପି ପାର୍ଲାମେଣ୍ଟ ଅଭିମୁଖେ ମାର୍ଚ୍ଚ କରିଥିବା ବେଳେ ଦିଲ୍ଲୀ ପୋଲିସ ଅନୁମତି ଦେଇନଥିଲା ଏବଂ ପ୍ରଦର୍ଶନକାରୀଙ୍କ ଉପରେ ଲାଠିଚାର୍ଜ ହୋଇଥିଲା। ଏହି ଘଟଣାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଆର୍. ସୁଭାଷ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

### ଓଡ଼ିଶାରେ ଚକ୍‌ମା...

ସ୍ୱାଭାବିକ ତୁଳନାରେ ଅଧିକ ବର୍ଷାକୁ ନେଇ ଡଃ ମହାପାତ୍ର କହିଛନ୍ତି, ଓଡ଼ିଶା ନିକଟବର୍ତ୍ତୀ ସମୁଦ୍ରରେ ବାରମ୍ବାର ଲଘୁଚାପ ସୃଷ୍ଟି ହେବା ସହ ଅଗଷ୍ଟରେ ହୋଇଥିବା ୬ ଟି ଲଘୁଚାପରୁ ୨ ଟି ଅବପାତରେ ପରିଣତ ହୋଇଛି। ଏହି ଲଘୁଚାପ ଜନିତ ବର୍ଷା, ଏଲ୍‌ନିନୋ ପ୍ରଭାବକୁ କାଟିଛି ଓ ଭଲ ବର୍ଷା ହୋଇଛି। ସେପ୍ଟେମ୍ବରରେ ମଧ୍ୟ ଅଧିକ ଲଘୁଚାପ ଜନିତ ବର୍ଷା ରହିବ ବୋଲି ଡଃ ମହାପାତ୍ର କହିଛନ୍ତି। ସୂଚନା ଥାଉ କି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଟି ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଉତ୍ତର ଉପକୂଳ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ସଂଲଗ୍ନ ଅଞ୍ଚଳ ଉପରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ ଭାବେ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଉତ୍ତର ଓଡ଼ିଶା ହୋଇ ଗାଙ୍ଗେୟ ପଶ୍ଚିମବଙ୍ଗ ଆଡ଼କୁ ଗତି କରିବ। ଲଘୁଚାପ ଓଡ଼ିଶାଠାରୁ ଦୂରେଇବା ପରେ ଧୀରେ ଧୀରେ ବର୍ଷା କମିବ। ତେବେ ମଙ୍ଗଳବାର ଛତିଶଗଡ଼ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷାର ପରିମାଣ ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ୟୁନିୟନ ବ୍ୟାଙ୍କର...

ହୋଇଥିବାବେଳେ ୭୬ଟି ଆକାଉଣ୍ଟର ଋଣ ଏବେ ବି ବକେୟା ରହିଛି। ଗତ ୧୮ ତାରିଖ ସୁଦ୍ଧା ଏହି ୭୬ଟି ସକ୍ରିୟ ଆକାଉଣ୍ଟରେ ମୋଟ ୧ କୋଟି ୯୭ ଲକ୍ଷ ୫୦ ହଜାର ୬୩୬ ଟଙ୍କା ବକେୟା ଥିବା ଇଓଡବ୍ଲୁ ପକ୍ଷରୁ କୁହାଯାଇଛି। ମଞ୍ଜୁର ହୋଇଥିବା ଋଣ ଟଙ୍କା ପ୍ରଥମେ ସମ୍ପୃକ୍ତ ଋଣ ଗ୍ରହୀତାଙ୍କ ଆକାଉଣ୍ଟକୁ ଜମା କରାଯାଉଥିଲା। ପରେ ସେମାନଙ୍କ ଅଜାଣତରେ ଓ ବିନା ସମ୍ମତିରେ ଟଙ୍କାକୁ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ସତ୍ୟବ୍ରତ ଓ ତାଙ୍କ ସହଯୋଗୀଙ୍କ ସହ ସମ୍ପର୍କିତ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ମହାପ୍ରଭୁଙ୍କ ରତ୍ନ ଅଳଙ୍କାର...

ସାମଗ୍ରୀଗୁଡ଼ିକର ଗଣତି କରିବା ସମ୍ଭବ ହେବ ନାହିଁ। ତେଣୁ ଏହି କାଠ ବାକ୍ସଗୁଡ଼ିକୁ ଖଟଶେଯ ଘରକୁ ଅଣାଯାଇ ଗଣତି କରାଯିବ। ଅର୍ଥାତ୍ ସେହି ସାମଗ୍ରୀଗୁଡ଼ିକର ଓଜନ, ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରୀ ଡି ମ୍ୟାପିଙ୍ଗ୍ ମଧ୍ୟ କରାଯିବ। ଗଣତି ପରେ ମୂଲ୍ୟବାନ ସାମଗ୍ରୀଗୁଡ଼ିକୁ ନୂଆ ବାକ୍ସରେ ରଖାଯାଇ ପୁଣି ଭିତର ରତ୍ନଭଣ୍ଡାରକୁ ନିଆଯିବ। ତେବେ ଗଣତି ମଣତି ପ୍ରକ୍ରିୟା କେଉଁ ଦିନ ସମ୍ପୂର୍ଣ୍ଣ ଶେଷ ହେବ, ତାହା ବର୍ତ୍ତମାନ କହିହେବ ନାହିଁ। କାରଣ ଗୋଟିଏ ଗୋଟିଏ ଅଳଙ୍କାରର ଗଣତି ଓ ମାପଚୁପ ପାଇଁ ଅଧଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗୁଛି। ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିର୍ଭୁଲତାର ସହ ଏହି ପ୍ରକ୍ରିୟା କରାଯାଉଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଡ. ପାଢ଼ୀଙ୍କ କହିବାନୁଯାୟୀ, ୧୯୭୮ ମସିହାର ତାଲିକା ସହ ବର୍ତ୍ତମାନର ରତ୍ନ ଅଳଙ୍କାରଗୁଡ଼ିକର ମେଳକ କରାଯାଉଛି। ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ମେଳକ ହେଉଛି। ମଙ୍ଗଳବାର ସକାଳ ଧୂପ ପରେ ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତି କରାଯିବ। ତେବେ ସେପ୍ଟେମ୍ବର ମାସରେ ନୀତିକାନ୍ତି ବହୁଳତା ଥିବାରୁ ଗଣତି ପାଇଁ କମ୍ ସମୟ ମିଳିପାରେ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

### ନିମ୍ନମାନର କାମକୁ ବିରୋଧ...

ଗ୍ରାମରେ ପହଞ୍ଚି ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହୋଇ ଥିବାରୁ ଆଉ ଅଧିକ କାମ ନ କଲେ ବିଲ୍ କରି ପାରିବି ନାହିଁ ବୋଲି କହିଥିଲେ। ଏହାକୁ ନେଇ ଉପାଧ୍ୟକ୍ଷ ଶ୍ରୀ ପୋଥାଳ ଉତ୍‌କ୍ଷିପ୍ତ ହୋଇ ଯନ୍ତ୍ରୀ ଶ୍ରୀ ସିଂଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଯନ୍ତ୍ରୀଙ୍କୁ ତଳେ ପକାଇ ତଣ୍ଟି ଚିପି ମୁହଁକୁ ମୁଥ ମାରିଥିଲେ। ଏହା ଦେଖି ଉପସ୍ଥିତ ମାଧନନ୍ଦ ବିଶ୍ୱାଳ, ପ୍ରବୀଣ ନାୟକ ଓ କାର ଚାଳକ ଛଡ଼ାଇବାରୁ ଯନ୍ତ୍ରୀଙ୍କ ଜୀବନ ରକ୍ଷା ହୋଇଥିଲା। ପରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କୁ ଯନ୍ତ୍ରୀଜଣକ ମୋବାଇଲ ଯୋଗେ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ତାଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ। ଘଟଣା ବାବଦରେ ଯନ୍ତ୍ରୀ ଶ୍ରୀ ସିଂଙ୍କୁ ଯୋଗାଯୋଗ କରିବାରେ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ୍ ରହିଥିବା ଜଣାପଡ଼ିଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି। ଅପରପକ୍ଷରେ ଉକ୍ତ ଘଟଣାକୁ ନେଇ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ପୋଥାଳଙ୍କୁ ପଚାରିବାରୁ ଯନ୍ତ୍ରୀ କାର୍ଯ୍ୟ ଦେଖୁଥିବା ବେଳେ ମୋତେ ଖରାପ ବ୍ୟବହାର କରିବାରୁ ବିବାଦ ଉପୁଜିଥିବା ସେ କହିଛନ୍ତି। ବିଡିଓଙ୍କୁ ପଚାରିବାରେ ଯନ୍ତ୍ରୀ ଶ୍ରୀ ସିଂ ମୋବାଇଲ ଯୋଗେ ଘଟଣା ବାବଦରେ ଅବଗତ କରିଛନ୍ତି। ସୋମବାର ଦିନ ସେ ଅଭିଯୋଗ କରିବା କଥା କିନ୍ତୁ ଯନ୍ତ୍ରୀଜଣକ ଛୁଟି ଦରଖାସ୍ତ ନେଇ ଫୋନ ସୁଇଚ ଅଫ୍ ରଖିଥିବା ବିଡିଓ କହିଛନ୍ତି।

### କ୍ରାଇମବ୍ରାଞ୍ଚ ଆଇଜି...

ଡିଆଇଜି (ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ), କୋରାପୁଟ ଓ ଡିଆଇଜି (ଟେକ୍ନିକାଲ୍) ଭଳି ପଦବୀରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଆଇଜି (ଟେକ୍ନିକାଲ୍), ଆଇଜି (ଫାୟାର ସର୍ଭିସେସ୍ ଓ ହୋମ୍‌ଗାର୍ଡସ୍) ଓ ଆଇଜି (ଏଚ୍‌ଆର୍‌ପିସି) ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ତୁଲାଇଛନ୍ତି। ୧୦ ଜୁଲାଇ ୨୦୨୩ରୁ ସେ କ୍ରାଇମବ୍ରାଞ୍ଚ ଆଇଜି ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ୨୦୨୦ ମସିହାରେ ପୁଲିସ ଆନ୍ତରିକ ସୁରକ୍ଷା ସେବା ପଦକ ପାଇଥିଲେ। ଅପରାଧର ତଦନ୍ତ, ଜଟିଳ ମାମଲାର ଅନୁସନ୍ଧାନ ଓ ପୁଲିସ ପ୍ରଶାସନର ବିଭିନ୍ନ ଦାୟିତ୍ୱ ସେ ତୁଲାଇଥିଲେ। ସହକର୍ମୀଙ୍କ ମଧ୍ୟରେ ଜଣେ ଦାୟିତ୍ୱବାନ ଓ ନିଷ୍ଠାବାନ ଅଧିକାରୀ ଭାବେ ତାଙ୍କର ପରିଚୟ ଥିଲା। ସଫିନଙ୍କ ଅକାଳ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ସଫିନଙ୍କ ଅକାଳ ବିୟୋଗ ତାଙ୍କୁ ସ୍ତବ୍ଧ କରିଦେଇଥିବା ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶା ପୁଲିସ ପ୍ରତି ତାଙ୍କ ସେବା ସବୁଦିନ ମନେ ରହିବ ବୋଲି କହିଛନ୍ତି। ତାଙ୍କ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଦେବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ଅମରଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ସାମାଜିକ ଗଣମାଧ୍ୟମ ଏକ୍ସରେ ଶୋକ ବ୍ୟକ୍ତ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ପୁଲିସ ପ୍ରତି ସଫିନଙ୍କର ସମର୍ପଣଭାବ ଓ ଜଣେ ଅଧିକାରୀ ଭାବରେ ତାଙ୍କର ଆନ୍ତରିକତା ସର୍ବଦା ମନେ ରହିବ। ଏହି ଦୁଃଖଦ କ୍ଷତି ପାଇଁ ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କ ପ୍ରତି ନବୀନ ଗଭୀର ସମବେଦନା ଜଣାଇଛନ୍ତି।

### ଆଉ ୫୦ ବର୍ଷରେ...

ହୋଇପାରେ। ଏପରି ବ୍ୟବସ୍ଥା ଗ୍ଲୋବାଲ୍ ୱାର୍ମିଂ ସମସ୍ୟାକୁ ପ୍ରାୟ ୧ ବିଲିୟନ ବର୍ଷ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିବ ବୋଲି ସେ କହିଛନ୍ତି। ମସ୍କ ବିଶେଷ କରି ସମୁଦ୍ରତଟ ଅଞ୍ଚଳକୁ ନେଇ ତତ୍‌କାଳ ପଦକ୍ଷେପର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ଲୋକମାନେ ଆଜି ଯେଉଁ ସମୁଦ୍ରତଟ ଅଞ୍ଚଳରେ ବସବାସ କରୁଛନ୍ତି, ଆଗାମୀ ଦିନରେ ମଧ୍ୟ ସେଠାରେ ରହିବାକୁ ଚାହାନ୍ତି, ତେବେ ଜଳବାୟୁ ସଙ୍କଟ ବିରୋଧରେ ଦ୍ରୁତ ଗତିରେ କାମ କରିବା ଦରକାର। ମହାକାଶଭିତ୍ତିକ ପ୍ରଯୁକ୍ତି ବିକଶିତ କରିବା ପାଇଁ ପ୍ରାୟ ୫୦ ବର୍ଷର ସମୟ ରହିଛି। ଏହି ସମୟ ମଧ୍ୟରେ ଏହି କାର୍ଯ୍ୟ କରା ନ ଗଲେ ପୃଥିବୀ ଅଚିରେ ଧ୍ୱଂସ ପାଇଯିବ ବୋଲି ସେ ଆଶଙ୍କା କରିଛନ୍ତି।

### ଚାକିରି ଛାଡ଼ିଲେ...

ପରେଡ୍‌ରେ ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱାଧୀନ ଦଳ ଶ୍ରେଷ୍ଠ ମାର୍ଚ୍ଚିଂ କଣ୍ଟିଜେଣ୍ଟ ଟ୍ରଫି ହାସଲ କରିଥିଲା। ଜମ୍ମୁର ଡୋଗ୍ରା ରାଜପୁତ ପରିବାରରୁ ଆସିଥିବା ସାମ୍ବ୍ୟାଲ ନ୍ୟାସନାଲ ଡିଫେନ୍ସ ଏକାଡେମୀରେ ତିନି ବର୍ଷ ଏବଂ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ଗୋଟିଏ ବର୍ଷ ତାଲିମ ନେଇଥିଲେ। ପ୍ରାୟ ୮ ବର୍ଷ ଧରି କମିଶନପ୍ରାପ୍ତ ଅଧିକାରୀ ଭାବେ ସେବା କରିବା ସହ ମୋଟ ପ୍ରାୟ ୧୨ ବର୍ଷ ଧରି ସେନା ସହ ଜଡ଼ିତ ଥିଲେ। ୨୦୨୪-୨୫ ଆଖପାଖରେ ସେ ରାଷ୍ଟ୍ରପତିଙ୍କ ଏଡିସି ଭାବେ ମନୋନୀତ ହୋଇଥିଲେ। ଏହି ପଦ ସଶସ୍ତ୍ର ବାହିନୀର ଅତ୍ୟନ୍ତ ସମ୍ମାନଜନକ ଓ ସମ୍ବେଦନଶୀଳ ଦାୟିତ୍ୱ ମଧ୍ୟରୁ ଅନ୍ୟତମ। ରାଷ୍ଟ୍ରପତିଙ୍କ ସରକାରୀ କାର୍ଯ୍ୟକ୍ରମ, ଯାତ୍ରା ଓ ପ୍ରୋଟୋକଲ ସମ୍ଭାଳିବା ସହ ବିଭିନ୍ନ ସମ୍ବେଦନଶୀଳ ବିଷୟରେ ସମନ୍ୱୟ ରକ୍ଷା କରିବା ଏଡିସିଙ୍କ ଦାୟିତ୍ୱ ରହିଥାଏ।

ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କସରତ୍ ଆରମ୍ଭ

# ସେପ୍ଟେମ୍ବର ୩ରୁ ଭୁବନେଶ୍ୱରରେ ଆରମ୍ଭ ହେବ ପାଇଲଟ୍ ସର୍ଭେ

ଭୁବନେଶ୍ୱର, ୩୧।୮ (ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କସରତ୍ ଆରମ୍ଭ ହୋଇଛି। ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମରେ (ବିଏମ୍‌ସି) ଆରମ୍ଭ ହେବାକୁ ଯାଉଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ଏହି ସର୍ଭେ ହେବାକୁ ଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୩୫ ଏବଂ ଭୁବନେଶ୍ୱର - ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୫୨ରେ ଘରକୁ ଘର ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ରଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ। ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥ୍‌ରେ ସାମିଲ ଅଛନ୍ତି। ତତ୍ ସହ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥ୍‌ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ। ଫଳରେ ଗୋଟିଏ ବୁଥ୍‌ରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେବାକୁ ପଡୁଛି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ। ତା'ସହିତ ଗୋଟିଏ ୱାର୍ଡର ମତଦାତାମାନଙ୍କ ନାମ ବିଭିନ୍ନ ୱାର୍ଡର ଭୋଟର ତାଲିକାରେ ରହିଥିଲେ, ଏହି ସର୍ଭେ ପରେ ସେମାନେ ଗୋଟିଏ ୱାର୍ଡରେ ରହିପାରିବେ ଯାହାଫଳରେ ମତଦାତାଙ୍କ ମତଦାନ ସହଜରେ ହୋଇପାରିବ। ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନେଇ ହୋଇଥିବା ଟିମ୍‌କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି। ଏହି ଅଭିଯାନ ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ ତଥା ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ସୂଚନା ଦେଇଛନ୍ତି।

**● ଅକ୍ଟୋବର ୨୬ରୁ ରାଜ୍ୟବ୍ୟାପୀ ଘରକୁ ଘର ବୁଲିବେ ବୁଥ ସ୍ତରୀୟ ଅଧିକାରୀ**
**● ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରିବା ପ୍ରମୁଖ ଲକ୍ଷ୍ୟ**

# କେନ୍ଦ୍ରମନ୍ତ୍ରୀ ଜୁଏଲ୍ କାହାର ହାତ କାଟିବେ ପର୍ଦ୍ଦାଫାସ୍ ହେଉ: କଂଗ୍ରେସ

**● କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଷଡ଼ଯନ୍ତ୍ର, ଗୁଇନ୍ଦା ଜଣାପାରିଲାନି କେମିତି?**
**● ମୁଖ୍ୟମନ୍ତ୍ରୀ ଆଶାୟୀ ବିଜେପି ନେତାମାନେ ଷଡ଼ଯନ୍ତ୍ର କରିନାହାନ୍ତି ତ?**



ଭୁବନେଶ୍ୱର,୩୧।୮ (ସମିସ): ଗଣମାଧ୍ୟମ ସାମ୍ନାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଆପତ୍ତିଜନକ ଭାଷା ପ୍ରୟୋଗକୁ କଠୋର ସମାଲୋଚନା କରିଛି କଂଗ୍ରେସ। ବର୍ତ୍ତମାନ କେନ୍ଦ୍ର, ରାଜ୍ୟ, ପୁଲିସ ପ୍ରଶାସନ ଓ ବିଜେପି ଦଳର ଦୋମୁହାଁ ନୀତି ପଦାରେ ପଡିଛି। ସଙ୍ଗୀନ ମାମଲାଗୁଡିକୁ ଚପେଇ ଦେବାକୁ ଉଦ୍ୟମ ହେଉଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

ସୋମବାର କଂଗ୍ରେସ ଭବନଠାରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, କିଛିଦିନ ତଳେ ଗଣମାଧ୍ୟମ ସାମ୍ନାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ବାହାର ଦଳରୁ ଆମ ଦଳକୁ ଆସିଥିବା କିଛି ଲୋକ ମୋ ବିରୋଧରେ ଷଡ଼ଯନ୍ତ୍ର କରି ମୋତେ ମନ୍ତ୍ରୀ ପଦରୁ ହଟାଇବାକୁ ଚାହୁଁଛନ୍ତି। ମୋ ଭାବମୂର୍ତ୍ତିକୁ ଯିଏ କଳୁଷିତ କରିବ, ତା' ହାତକୁ କାଟିଦେବି, ଓ ତାକୁ ଜାଳି ଦେବି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହିସାବରେ ସେ ଯେଉଁ ଦାୟିତ୍ୱପୂର୍ଣ୍ଣ ରୁଚିସମ୍ପନ୍ନ ମତ ଦେବା କଥା ତାହା ନ ଦେଇ ହିଂସାତ୍ମକ ମତ ଉପସ୍ଥାପନା କରିବା ଏକ ସାଙ୍ଘାତିକ ବିଷୟ ଓ ଆଇନତଃ ଅପରାଧ। ଆଦିବାସୀ ନେତା ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ତାଙ୍କ ବିରୋଧରେ ହେଉଥିବା ଷଡ଼ଯନ୍ତ୍ର ଏବଂ ଷଡ଼ଯନ୍ତ୍ରକାରୀ କିଏ ଜାଣି ପାରୁଛନ୍ତି। ମାତ୍ର କେନ୍ଦ୍ର ଓ ରାଜ୍ୟର ଗୁଇନ୍ଦା ବିଭାଗ କେମିତି ଜାଣିପାରୁ ନାହାନ୍ତି। କେନ୍ଦ୍ରମନ୍ତ୍ରୀ ଖୋଲାଖୋଲି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବିଷୟ ଉତ୍ଥାପନ କରିବା ସତ୍ତ୍ୱେ ମଧ୍ୟ ପୁଲିସ କାହିଁକି ଏଫଆଇଆର ରୁଜୁ କରୁନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗକୁ ବିଜେପି ସଭାପତି ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରି ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟ ବୋଲି ସଫେଇ ଦେବା ଗ୍ରହଣୀୟ ନୁହେଁ। ଜୁଏଲ ଓରାମ ଜଣେ କେନ୍ଦ୍ରମନ୍ତ୍ରୀ ତାଙ୍କ ବିରୋଧରେ କିଏ ଷଡ଼ଯନ୍ତ୍ର କରୁଛି, ସିଏ କାହା ହାତ କାଟିଦେବି ଓ ଜାଳିଦେବି କହୁଛନ୍ତି ଓଡିଶାବାସୀଙ୍କ ଜାଣିବାର ଅଧିକାର ଅଛି। ଖୁସ୍‌ବୁ ଯାଦବ କିମ୍ବା ଅପରାଧୀ ପ୍ରକାଶ ପାଣ୍ଡୱାନ ପାଇଁ ଜୁଏଲ ବ୍ୟତିବ୍ୟସ୍ତ ହୋଇପଡ଼ି ଏଭଳି ମନ୍ତବ୍ୟ ଦେଇଛନ୍ତି କି? କେନ୍ଦ୍ରମନ୍ତ୍ରୀଙ୍କର ପ୍ରକାଶ ପାଣ୍ଡୱାନ ଭଳି ସଂଗଠିତ ଅପରାଧୀ ଦଳ ଅଛନ୍ତି ଏବଂ ମନ୍ତ୍ରୀ ଏଭଳି ଧମକ ଦେଉଛନ୍ତି, ତେବେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୫୧/୨ ଓ ୬୧/୧ ଅନୁଯାୟୀ ମାମଲା କାହିଁକି ଦାୟର କରାଯାଉ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଯଦି କେନ୍ଦ୍ରମନ୍ତ୍ରୀ ଓରାମ ସ୍ୱଚ୍ଛ, ତେବେ ଖୁସ୍‌ବୁ ଓ ପ୍ରକାଶ ବିରୋଧରେ ଏତଲା ଦିଅନ୍ତୁ ଓ ନିଜକୁ କଳଙ୍କମୁକ୍ତ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ବିଜେପି ଦଳରେ ୪/୫ ଜଣ ବଡ଼ ନେତା ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅଛନ୍ତି। ହୁଏତ ଏହାକୁ ନେଇ କିଛି ଗୋଷ୍ଠୀ କନ୍ଦଳ ଘଟିଥାଇ ପାରେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

■ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସରକାରୀ ଘରେ ଚଢ଼ଉ

# ୭ ଲକ୍ଷ ଟଙ୍କା ସହ ୩୦୦ ଗ୍ରାମ ସୁନା ଜବତ

କେନ୍ଦୁଝର, ୩୧।୮ (ସମିସ): ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ଡିଏଲ୍‌ଓଙ୍କ ଘରେ ଚଢ଼ଉବେଳେ ଟଙ୍କା ଏବଂ ସୁନା ଗହଣା ଆଦି ଜବତ କରିଛି ଭିଜିଲାନ୍ସ ବିଭାଗ। କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋୟୀ ଜଣେ ଟିପିଏନ୍‌ଓଡିଏଲ୍‌ର ଇଲେକ୍ଟ୍ରିକାଲ ଠିକାଦାର ରୁଦ୍ର କୁମାର ବେହେରାଙ୍କ ଠାରୁ ଶ୍ରମିକ ଲାଇସେନ୍ସ କରିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ବିଭାଗର ଅଧିକାରୀ ଗିରଫ କରିଥିଲେ। ତାଙ୍କ ଠାରୁ ରଙ୍ଗବୋଳା ୨୦ ହଜାର ଟଙ୍କାର ନୋଟ୍ ଭିଜିଲାନ୍ସ ଜବତ କରିଥିଲା। ଏହାପରେ ଭିଜିଲାନ୍ସର ଏକ ଟିମ୍ ଶ୍ରୀ ବିଶୋୟୀଙ୍କ କେନ୍ଦୁଝର ସରକାରୀ ବାସଭବନ ସମେତ ଦୁଇଟି ସ୍ଥାନରେ ଚଢ଼ଉ କରି ସରକାରୀ କ୍ୱାର୍ଟର୍ସରୁ ତଲାସୀ ବେଳେ ୭ ଲକ୍ଷ ୨୯ ହଜାର ୨୦୦ଟଙ୍କା, ୩୫୦ ଗ୍ରାମ ସୁନା ଗହଣା ଠାବ କରିଥିଲା ବୋଲି ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଆଜି ସୂଚନା ଦେଇଛନ୍ତି। ବାଲେଶ୍ୱର ଭିଜିଲାନ୍ସ କେସ ନମ୍ବର ୧୮/୨୦୨୬ରେ ଧାରା ୭ରେ ପିସି(ସଂଶୋଧନ) ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। କେନ୍ଦୁଝର ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ସରକାରୀ କ୍ୱାର୍ଟର୍ସ ଏବଂ ବ୍ରହ୍ମପୁରସ୍ଥିତ ତାଙ୍କ ପୈତୃକ ଘର ଉପରେ ଏକକାଳୀନ ତଲାସୀ କରାଯାଇଥିଲା। ତଲାସୀ ସମୟରେ କେନ୍ଦୁଝରରେ ଥିବା ତାଙ୍କ ସରକାରୀ ଆବାସିକ କ୍ୱାର୍ଟର୍ସରୁ ୭ ଲକ୍ଷ ୨୯ ହଜାର ୨୦୦ଟଙ୍କା ନଗଦ ଜବତ କରାଯାଇଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ସମ୍ପୃକ୍ତ ଅଧିକାରୀ ଜଣଙ୍କ କେନ୍ଦୁଝରରେ ଯୋଗ ଦେବା ଦିନଠାରୁ ଅନେକ ବିବାଦରେ ଛନ୍ଦି ହୋଇଥିଲେ ମଧ୍ୟ ସେ ଯାବତୀୟ ବେଆଇନ କାମକୁ ପ୍ରଶୟ ଦେଉଥିଲେ ବୋଲି ଅଭିଯୋଗ ହୋଇଛି। ତାମିଲନାଡୁ ଗ୍ୟାସ ଟ୍ରାଜେଡିରେ ତାଙ୍କର ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଶେଷରେ ସେ ଆଇନର କାଠ ଗଡ଼ାକୁ ଯାଇଛନ୍ତି। କେନ୍ଦୁଝର ଭଳି ଶ୍ରମିକ ବହୁଳ ଜିଲ୍ଲାରେ ଏଭଳି ଲାଞ୍ଚୁଆ ଏବଂ ବାହୁବଳୀ ଅଧିକାରୀଙ୍କୁ ନିଯୁକ୍ତି ନ ଦେଇ ସରକାର ଜଣେ ଦକ୍ଷ ଏବଂ ସଚୋଟ ଅଧିକାରୀଙ୍କୁ କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀ ଭାବେ ଅବସ୍ଥାପିତ କରିବାକୁ ଦାବି ହେଉଛି।

**୨୦ ହଜାର ଲାଞ୍ଚ ନେବାବେଳେ ଧରିଥିଲା ଭିଜିଲାନ୍ସ**

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ଲାଭଜନକ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ପରୋପକାରୀ ହେବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ରାଜନୀତିରେ ସାମିଲ ହୋଇପାରନ୍ତି।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ମିଳିବ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଜନା ମୁତାବକ କାମ କରିବେ। କର୍ମଚଞ୍ଚଳ ରହିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଐତିହ୍ୟ

- ୧୯୪୨- ରାସ ବିହାରୀ ବୋଷ ଇଣ୍ଡିଆନ ନେସନାଲ ଆର୍ମିର ସ୍ଥାପନା କଲେ।
- ୧୯୪୭- ଭାରତୀୟ ମାନକ ସମୟକୁ ଆପଣାଗଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର ସ୍ଥାପନା।
- ୧୯୬୨- ମହାରାଷ୍ଟ୍ରର କୋହ୍ଲାପୁରରେ ଶିବାଜୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୬୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ତିଆରି କରାଗଲା।



# ମାତୃତ୍ୱର ନିଆରା ପରିଭାଷା

କଂକ୍ରିଟ୍ ଜଙ୍ଗଲ ଏବଂ ମୋବାଇଲ୍ ଟାୱାରର ବିକିରଣ ଭିତରେ ଆଜି ସହର ତଥା ଗାଁ ଗହଳିରୁ ଘରଚଟିଆମାନେ ପ୍ରାୟତଃ ବିଲୁପ୍ତ ହେବାକୁ ବସିଲେଣି। ଯେଉଁ କିଚିମିଚିରି ଶବ୍ଦ ଦିନେ ସକାଳର ଆରମ୍ଭ କରୁଥିଲା, ତାହା ଏବେ ନିରବ ହୋଇଯାଇଛି। ହେଲେ ପଞ୍ଜାବର ମୋଗା ଜିଲ୍ଲା ଅନ୍ତର୍ଗତ ନିଧାନ ୱାଲା ଗ୍ରାମରେ ଏହାର ଏକ ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳେ। ଏଠାକାର ବାସିନ୍ଦା ହରପ୍ରୀତ କୌର ନିଜ ଘରକୁ ଚଢ଼େଇମାନଙ୍କ ପାଇଁ ଏକ ସୁରକ୍ଷିତ ପ୍ରାକୃତିକ ଆଶ୍ରୟସ୍ଥଳରେ ପରିଣତ କରିଛନ୍ତି। ହରପ୍ରୀତଙ୍କର ଝିଅ ନ ଥିବାରୁ, ସେ ଏହି ନିଷ୍ପାପ ପକ୍ଷୀମାନଙ୍କୁ ନିଜର ଝିଅ ଭଳି ଆଦର କରନ୍ତି ଏବଂ ସେମାନଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଏହି ଅଦ୍ଭୁତ ଭଲପାଇବାର କାହାଣୀ ପ୍ରାୟ ଏକ ଦଶନ୍ଧି ପୂର୍ବେ ୨୦୧୩ ମସିହାରେ ଆରମ୍ଭ ହୋଇଥିଲା। ହରପ୍ରୀତଙ୍କ ଘର ମରାମତି ଚାଲିଥିବା ସମୟରେ ଅଜାଣତରେ ଏକ ଘରଚଟିଆର ବସା ଭାଙ୍ଗିଯାଇଥିଲା। ପକ୍ଷୀଟିର ବ୍ୟାକୁଳତା ହରପ୍ରୀତଙ୍କ ମନକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା। ସେ ତୁରନ୍ତ ଏକ କାର୍ଡବୋର୍ଡ ବାକ୍ସ ସାହାଯ୍ୟରେ ସେହି ପକ୍ଷୀଟି ପାଇଁ ଏକ କୃତ୍ରିମ ବସା ତିଆରି କରି ଟାଙ୍ଗି ଦେଇଥିଲେ। ମାତ୍ର କିଛି ଦିନ ମଧ୍ୟରେ ସେହି ବସାଟି ପକ୍ଷୀମାନଙ୍କ ଦ୍ୱାରା ପୂରିଗଲା। ଏହି ଛୋଟ ଘଟଣାଟି ତାଙ୍କ ଜୀବନକୁ ବଦଳାଇ ଦେଇଥିଲା। ବର୍ତ୍ତମାନ ହରପ୍ରୀତଙ୍କ ଦୁଇ ମହଲା ବିଶିଷ୍ଟ ଘର ଏକ ମିନି ଚିଡ଼ିଆଖାନାଠାରୁ କମ୍ ନୁହେଁ। ତାଙ୍କ ଘରର ବାରଣ୍ଡା, ପାଚେରୀ, କବାଟ, ଏପରିକି ପ୍ରତିଟି କୋଣରେ ୧୭୫ରୁ ଅଧିକ ମାଟି ଓ କାଠରେ ତିଆରି ପକ୍ଷୀବସା ଅଛି। ଏଠାରେ ୨୦୦ରୁ ଅଧିକ ଘରଚଟିଆ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଖରାଦିନେ ପକ୍ଷୀମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ସେ ବିଶେଷ ଭାବେ ମାଟିର ପାତ୍ର ବ୍ୟବହାର କରନ୍ତି ଏବଂ ଶୀତଦିନେ କାଠ ବାକ୍ସରେ ସେମାନଙ୍କ ଉଷୁମ ରହିବା ବ୍ୟବସ୍ଥା କରନ୍ତି। ହରପ୍ରୀତଙ୍କର ଏହି ପକ୍ଷୀ ପ୍ରେମ କେବଳ ଦାନା-ପାଣି ଦେବା ଭିତରେ ସୀମିତ ନୁହେଁ, ଏହା ଏକ ପରମ ତ୍ୟାଗ। ତାଙ୍କ ସ୍ୱାମୀ ଯେତେବେଳେ କାର୍ଯ୍ୟବ୍ୟସ୍ତତା ଯୋଗୁଁ କାନାଡାରେ ରହିବାକୁ ଗଲେ, ହରପ୍ରୀତ ବିଦେଶ ଯିବାକୁ ମନା କରିଦେଇଥିଲେ। ତାଙ୍କର କହିବା କଥା ଥିଲା, "ମୁଁ ଯଦି ଚାଲିଯିବି, ମୋ ଝିଅମାନଙ୍କୁ ପ୍ରତିଦିନ ସକାଳୁ ଉଠି କିଏ ଖାଦ୍ୟ ଓ ସଫା ପାଣି ଦେବ? ସେମାନେ ଅନାଥ ହୋଇଯିବେ।" ହରପ୍ରୀତଙ୍କ ଦିନ ଆରମ୍ଭ ହୁଏ ପକ୍ଷୀଙ୍କ କଳରବରେ। ସେ ପ୍ରତିଦିନ ସମସ୍ତ ମାଟିପାତ୍ରକୁ ସଫା କରି ସେଥିରେ ଥଣ୍ଡା ଓ ସ୍ୱଚ୍ଛ ଜଳ ଭରନ୍ତି। ପକ୍ଷୀଙ୍କ ପାଇଁ ବାଜରା, ଗହମ, ଭଙ୍ଗା ଚାଉଳ ଏବଂ ବିଶେଷ ଶସ୍ୟର ବ୍ୟବସ୍ଥା କରନ୍ତି। ଏହି ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ତାଙ୍କର ଏହି ନିଆରା କାର୍ଯ୍ୟକୁ ଲୋକେ ପସନ୍ଦ କରିବା ପରେ, ସେଥିରୁ ମିଳୁଥିବା ଅର୍ଥକୁ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ପକ୍ଷୀମାନଙ୍କ ସେବାରେ ବିନିଯୋଗ କରନ୍ତି। ଆଜି ଯେତେବେଳେ ପରିବେଶ ପ୍ରଦୂଷଣ ଏବଂ କୀଟନାଶକର ଅତ୍ୟଧିକ ବ୍ୟବହାର ଯୋଗୁଁ ଘରଚଟିଆଙ୍କ ବଂଶ ବିଲୁପ୍ତ ହେବାକୁ ବସିଛି ସେତେବେଳେ ହରପ୍ରୀତଙ୍କ ଏହି ପ୍ରୟାସ ସମଗ୍ର ସମାଜ ପାଇଁ ଏକ ଶିକ୍ଷା।

# 'ରେସ୍ ୪'ରେ ଅମିର୍



'ରେସ୍ ୪' ଫିଲ୍ମକୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ହେଉଛି। ପ୍ରଥମେ ସୈଫ୍ ଅଲ୍ଲୀ ଖାନ୍ ଏହି ଫ୍ରାଞ୍ଚାଇଜ୍‌କୁ ଫେରିବା ନେଇ ଖବର ପ୍ରକାଶ ପାଇଥିଲା। ଏହାପରେ ରଣବୀର କପୁର ଏଥିରେ ଲିଡ୍ ରୋଲରେ ନଜର ଆସିବେ ବୋଲି ଖବର ଆସିଲା। ଆଉ ଏବେ ଅମିର ଖାନ୍ 'ରେସ୍ ୪'ରେ ଲିଡ୍ ରୋଲରେ ନଜର ଆସିପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଛି। ରିପୋର୍ଟ ଅନୁଯାୟୀ, ପ୍ରଯୋଜକ ରମେଶ ତୌରାନୀ ଅମିର୍‌ଙ୍କୁ 'ରେସ୍ ୪'ର କାହାଣୀ ଶୁଣାଇଛନ୍ତି, ତାଙ୍କୁ ଏହି କାହାଣୀ ବହୁତ ପସନ୍ଦ ଆସିଛି। କାହାଣୀକୁ ଆହୁରି ଭଲ କରିବା ପାଇଁ ଅମିର୍ କିଛି ଲେଖକଙ୍କ ସହ ମିଶି ଏହା ଉପରେ କାମ କରୁଛନ୍ତି। ସେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ହିଁ ଫିଲ୍ମର ସୁଟିଂ ଆରମ୍ଭ କରିବେ। ବିଜୟ କୃଷ୍ଣ ଆଚାର୍ଯ୍ୟ ଏହାର ନିର୍ଦ୍ଦେଶକ ହୁଅନ୍ତୁ ବୋଲି ଅମିର୍ ଇଚ୍ଛା କରୁଛନ୍ତି। ଏହି ଫ୍ରାଞ୍ଚାଇଜକୁ ଏକ ନୂଆ ରୂପ ଦେବା ପାଇଁ ଅମିରଙ୍କ ସହ ବଲିଉଡ୍‌ର ଯୁବ ଆକ୍ସନ ଷ୍ଟାର୍ ସିଦ୍ଧାର୍ଥ ମାଲହୋତ୍ରା ଏବଂ ଟାଇଗର ଶ୍ରଫ୍‌ଙ୍କୁ ମଧ୍ୟ କାହାଣୀ ଶୁଣାଯାଇଛି। ଏହି ତିନି ତାରକାଙ୍କ ଯୁଗଳବନ୍ଦୀ ଫିଲ୍ମକୁ ଏକ ଭିନ୍ନ ସ୍ତରକୁ ନେଇଯିବ ବୋଲି ଆଶା କରାଯାଉଛି। ଏଠାରେ ପ୍ରକାଶ ଥାଉ କି, 'ରେସ୍' ୨୦୦୮ ରେ ମୁକ୍ତିଲାଭ କରିଥିଲା। ଏଥିରେ ସୈଫ୍ ଅଲ୍ଲୀ ଖାନ୍, ବିପାଶା ବସୁ, ଅକ୍ଷୟ ଖାନ୍ନା, କ୍ୟାଟ୍ରିନା କୈଫ୍ ଏବଂ ଅନିଲ୍ କପୁର ଲିଡ୍ ରୋଲରେ ନଜର ଆସିଥିଲେ। ଏହାପରେ ୨୦୧୩ରେ 'ରେସ୍ ୨' ଆସିଥିଲା। ଏହି ଚଳଚ୍ଚିତ୍ରରେ ସୈଫ୍ ଏବଂ ଅନିଲ୍‌ଙ୍କ ସହ ଦୀପିକା ପାଦୁ୍ୟକୋନ୍, ଜନ୍ ଅବ୍ରାହମ୍, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଏବଂ ଅମୀଷା ପଟେଲ ମଧ୍ୟ ସାମିଲ ହୋଇଥିଲେ । ଏହାପରେ ୨୦୧୮ ରେ 'ରେସ୍ ୩' ଆସିଥିଲା, ଯେଉଁଥିରେ ସୈଫ୍‌ଙ୍କ ସ୍ଥାନ ସଲମାନ୍ ଖାନ୍ ନେଇଥିଲେ । ବବି ଦେଓ୍ୱଲ୍, ସାକିବ୍ ସଲିମ୍ ଏବଂ ଡେଜି ଶାହାଙ୍କ ମଧ୍ୟ ଏଥିରେ ନଜର ଆସିଥିଲେ। ଏହି ସିରିଜ୍‌ର ତିନୋଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା।

# ଓଜନ କମାଇବା ନିଶା ସାଜିଲା କାଳ



ପତଳା ହେବା ପାଇଁ ଲୋକେ ଏବେ ଯୋଗ ବ୍ୟାୟାମଠାରୁ ଆରମ୍ଭ କରି ଖାଦ୍ୟପେୟ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେଉଛନ୍ତି। ହେଲେ ପତଳା ହେବା ପାଇଁ ନିଜ ଜୀବନକୁ ବାଜି ଲଗାଇଦେବା କେତେଦୂର ଠିକ୍? ଚୀନ୍‌ରୁ ଆସିଥିବା ଏଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଚୀନର ହେନାନ୍ ପ୍ରଦେଶରେ ରହୁଥିବା ଜଣେ ୩୧ ବର୍ଷୀୟା ମହିଳା ନିଜର ଓଜନ କମାଇବା ପାଇଁ ଏକ ବିପଜ୍ଜନକ ରାସ୍ତା ବାଛିଥିଲେ। ସେ ପ୍ରାୟ ଦୁଇ ସପ୍ତାହ ଧରି ଖାଦ୍ୟ ଖାଇବା ସମ୍ପୂର୍ଣ୍ଣ ଛାଡ଼ି ଦେଲେ । କେବଳ ପାଣି ପିଇ ରହିଥିଲେ। ଏହି କଠିନ ଉପବାସ ଯୋଗୁଁ ତାଙ୍କର ଓଜନ ୨୦ କେଜି କମିଗଲା ସତ କିନ୍ତୁ ସେ ନିଜ ଜୀବନକୁ ଏଭଳି ଏକ ମୋଡ଼କୁ ନେଇଗଲେ ଯେଉଁଠୁ ଫେରିବା ଏବେ ଅସମ୍ଭବ ମନେହେଉଛି। ମହିଳା ଜଣକ ଓଜନ କମାଇବା ପାଇଁ ଚୀନ୍‌ର ଏକ ପ୍ରାଚୀନ ତାଓବାଦୀ ପ୍ରଥା ଅନୁସରଣ କରୁଥିଲେ, ଯାହାକୁ 'ବିଗୁ' କୁହାଯାଏ। ଏହି ପ୍ରଥାର ଅର୍ଥ ହେଉଛି "ଅନ୍ନ ତ୍ୟାଗ କରିବା"। ଏହି ସମୟରେ ଲୋକେ କେବଳ ପାଣି କିମ୍ବା ସାମାନ୍ୟ ଭିଟାମିନ୍ ଯୁକ୍ତ ପାନୀୟ ଗ୍ରହଣ କରି ଦୀର୍ଘ ଦିନ ଧରି ଉପବାସ ରୁହନ୍ତି। ଅପରପକ୍ଷରେ ୧୫ ଦିନ ଧରି ଶରୀରକୁ କୌଣସି ପୋଷକ ତତ୍ତ୍ୱ ନ ମିଳିବା ଯୋଗୁଁ ମହିଳାଙ୍କ ଶରୀରରେ ଭିଟାମିନ୍ 'ବି ୧' ର ଘୋର ଅଭାବ ଦେଖାଦେଇଥିଲା। ଏହି କାରଣରୁ ସେ 'ୱେରନିକ୍ ଏନସେଫାଲୋପାଥି' ନାମକ ଏକ ଦୁର୍ଲଭ ଓ ଗମ୍ଭୀର ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇଛନ୍ତି। ବର୍ତ୍ତମାନ ଏହି ମହିଳା ଜଣକ ଡାକ୍ତରଖାନାର ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ମାରାତ୍ମକ ରୋଗ ଯୋଗୁଁ ତାଙ୍କର ସ୍ମରଣଶକ୍ତି ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇଯାଇଛି। ସେ ନିଜ ପରିବାର ଲୋକଙ୍କୁ ଚିହ୍ନିବାରେ ମଧ୍ୟ ଅସମର୍ଥ ହେଉଛନ୍ତି। ଏହାସହ ତାଙ୍କ ଶରୀରର ସନ୍ତୁଳନ ଏଭଳି ବିଗିଡ଼ି ଯାଇଛି ଯେ ସେ ନିଜ ଗୋଡ଼ରେ ସିଧା ହୋଇ ଠିଆ ହୋଇପାରୁନାହାନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ, ସେ ସମ୍ପୂର୍ଣ୍ଣ ସୁସ୍ଥ ହେବାର ସମ୍ଭାବନା ଅତି କମ୍। ଏହି ଘଟଣା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି। ଓଜନ କମାଇବା ଏକ ଧୀର ଏବଂ ନିରନ୍ତର ପ୍ରକ୍ରିୟା। ହଠାତ୍ ଓଜନ କମାଇବା ପାଇଁ ଖାଇବା ପିଇବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବାର ଆଶଙ୍କା ଥାଏ।

# ଏ ମାସର ଚାଷ



ସେପ୍ଟେମ୍ବର ମାସଟି ପନିପରିବା ଚାଷ ପାଇଁ ଉପଯୁକ୍ତ ସମୟ। ମାଟିର ଆର୍ଦ୍ରତା ଅନୁସାରେ ଚାଷୀଭାଇମାନେ ଶୀତଦିନିଆ ପନିପରିବା ଚାଷ ଆରମ୍ଭ କରିପାରିବେ।


ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା। ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ। ସେହିପରି ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଉଚିତ। ଏହି ମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସଁବାଳୁଆ ପୋକ ନିୟନ୍ତ୍ରଣ କରି ଚାଷୀମାନେ ଲାଭବାନ ହୋଇପାରିବେ। ଅଳସୀ ବୁଣା ଶୀଘ୍ର ଶେଷ କରିବା ଜରୁରି। କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମି.ଲି. ଏନ୍ଏଏ (ହରମୋନ୍) ମିଶାଇ ସିଞ୍ଚନ କରିପାରିବେ। ଏହି ସମୟରେ ଜଳବାୟୁ ଥଣ୍ଡା ରହୁଥିବାରୁ ଧଣିଆ, ଜହ୍ନି, ମଟର, ଗାଜର, କଞ୍ଚାଲଙ୍କା, ପତ୍ରକୋବି, ମେଥି, ପାଳଙ୍ଗ, ମୂଳା, ଲାଉ ଆଦି ଲଗାଇ ପାରିବେ। ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରିବା ଆବଶ୍ୟକ। ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କିବା ଦ୍ୱାରା ଚାରା ଅଚାନକ ବର୍ଷା, ରୋଗପୋକ ପ୍ରକୋପରୁ ସୁରକ୍ଷିତ ରହିପାରେ।



## ସୁବର୍ଣ୍ଣା

# ଜିଆଖତରୁ କୋଟିପତି

**ବର୍ତ୍ତମାନ ଅଧିକାଂଶ ଚାଷୀ ଜୈବିକ ପଦ୍ଧତି ଚାଷକୁ ଗୁରୁତ୍ୱ ଦେଉଛନ୍ତି। ଜୈବିକ କୃଷିର ବିକାଶରେ ଜିଆଖତର ଭୂମିକା ଅଧିକ। ଏହି ଜିଆଖତ ବ୍ୟବସାୟକୁ ମାଧ୍ୟମ କରି ମଧ୍ୟପ୍ରଦେଶ, ଜବଲପୁରର ହୃଦେଶ ରାୟ ବାର୍ଷିକ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି।**



କରୋନାରେ ହୃଦେଶ ଆଇଟି ଚାକିରି ଛାଡ଼ି ଜିଆଖତ ବ୍ୟବସାୟ ଆରମ୍ଭ କରିଥିଲେ। ଜିଆଖତରେ ବିଭିନ୍ନ ପ୍ରକାର ହରମୋନ, ଭିଟାମିନ୍, ଏନଜାଇମ୍, ଆଣ୍ଟିବାୟୋଟିକ୍ ଥାଏ। ଏହି ଖତ ଜଳଧାରଣ କ୍ଷମତାକୁ ବଢ଼ାଇବା ସହ ମୃତ୍ତିକାରେ ଉପକାରୀ ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ। ତେଣୁ ଜିଆଖତରୁ ରୋଜଗାର କରିବା ଲକ୍ଷ୍ୟରେ ହୃଦେଶ ଏହି ଖତ ପ୍ରସ୍ତୁତ ପାଇଁ ଏକ କାରଖାନା ସ୍ଥାପନା କରିଥିଲେ। ଜିଆଖତ ବିକ୍ରିରୁ ଚାଷୀଙ୍କୁ ବଜାରରୁ ଉଚିତ ଦରଦାମ ମିଳୁନଥିବା ଦେଖି ହୃଦେଶ ବନ୍ଧୁ ଅଭିଷେକଙ୍କ ସହିତ ଜବଲପୁର, ନାଗପୁର ଏବଂ ନିମଚ ଅଞ୍ଚଳର ପାଖାପାଖି ୨୬ରୁ ୨୭ ଚାଷୀଙ୍କ ସହିତ ଯୋଡ଼ି ହୋଇଥିଲେ। ଜିଆ ଉତ୍ପାଦନ ବଢ଼ାଇବା ବଦଳରେ ହୃଦେଶ ଚାଷୀଙ୍କଠାରୁ ଜିଆଖତ କିଣିବା ଫଳରେ ଉଭୟେ ଲାଭବାନ ହେଲେ। ଚାଷୀଙ୍କଠାରୁ ଖତ କିଣି କମ୍ପାନୀ ଏହାର ଗୁଣବତ୍ତା ଏବଂ ନିର୍ଦ୍ଧାରିତ ମାନକଗୁଡ଼ିକର ଯାଞ୍ଚ କରେ। ଉତ୍ତମ ଗୁଣବତ୍ତା ଖତ ବା ସାର ବଜାରରେ ବିକ୍ରି କରାଯାଏ। ଏହି ବ୍ୟବସାୟ ଆଗକୁ ବଢ଼ାଇବାକୁ ହୃଦେଶ ବ୍ୟାଙ୍କରୁ ଋଣ ମଧ୍ୟ ନେଇଛନ୍ତି। ସେ କୁହନ୍ତି, ଜିଆଖତ କିଣିବାକୁ ୯୦% ଅର୍ଡର ତାଙ୍କୁ ଫୋନ୍ ଦ୍ୱାରା ମିଳିଥାଏ। ତେବେ ବର୍ତ୍ତମାନ ସେ ନିଜ ଘରୁ ଏହି କାରବାର ସମ୍ଭାଳୁଛନ୍ତି। ଏଥିରୁ ତାଙ୍କର ବାର୍ଷିକ କାରବାର ପ୍ରାୟ ୧.୫ କୋଟି ଟଙ୍କା ରହିଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଦକ୍ଷିଣ ଭାରତ ଏବଂ ଜମ୍ମୁ କାଶ୍ମୀର ସମେତ ଦେଶର ଭିନ୍ନ ଭିନ୍ନ ସ୍ଥାନକୁ ହୃଦେଶ ଏହି ଜିଆଖତ ଯୋଗାଉଛନ୍ତି।

# ଫୁଲକୋବି ଚାଷ



**ଫୁଲକୋବି ଚାଷ ପାଇଁ ସେପ୍ଟେମ୍ବର ମାସଟି ଉପଯୁକ୍ତ ସମୟ। ଏହି ମାସରେ ହିଡ଼ ବା ଉଚ୍ଚ ପ୍ରଣାଳୀରେ ଗଛ ଲଗାଇବା ଭଲ।**

ଏହି ଚାଷ ପାଇଁ ଅତି ସଅଳ କିସମ ବିହନ ଯଥା- ପୁସା କାର୍ତ୍ତିକ, ପୁସା ମେଘନା ଆଦି ଚୟନ କରାଯାଏ। ଏକ ହେକ୍ଟରରେ ଚାଷ ପାଇଁ ପ୍ରାୟ ୨୫୦ ଗ୍ରାମ୍ ବିହନ ଆବଶ୍ୟକ। ପ୍ରଥମେ ତଳିଘରା ପ୍ରସ୍ତୁତ କରି ବିହନ ବୁଣାଯାଏ। ନର୍ସରୀରୁ ପ୍ରସ୍ତୁତ ଚାରାରେ ୪ରୁ ୫ଟି ପତ୍ର ଆସିଲେ ତାହାକୁ ମୁଖ୍ୟ ଜମିରେ ରୁଆଯାଏ। ଚାରା ବିଶୋଧନ ପାଇଁ କପର ଅକ୍ସିକ୍ଲୋରାଇଡ ୨.୫ ଗ୍ରାମ୍ ପ୍ରତି ଲିଟର ବ୍ୟବହାର କରିପାରିବେ। ମୁଖ୍ୟ ଜମିରେ ଫୁଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି-୬୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୩୦-୪୫ ସେ.ମି ହୋଇଥାଏ। ଚାରା ଲଗାଇବା ସମୟରେ ଏକର ପିଛା ୧୦ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍, ୫ କି.ଗ୍ରା. ପଟାସ ସାର ପ୍ରୟୋଗ କରିବା ଉଚିତ। ପ୍ରତି ୧୫ ଦିନରେ ଥରେ ୨୦ କି.ଗ୍ରା. ଯବକ୍ଷାରଜାନ ଓ ୧୦ କି.ଗ୍ରା. ପଟାସ ଦରକାର ହୁଏ। ଚାରା ଲାଗିବାର ୧୫ରୁ ୨୦ ଦିନ ମଧ୍ୟରେ ବିଭିନ୍ନ ପ୍ରକାର ରୋଗ ଲାଗିଥାଏ। ମୁଖ୍ୟତଃ ବନ୍ଧାକୋବି ଶୂକ ବା କୋବିବିନ୍ଧା ପୋକ ଦେଖାଦେଲେ ଏକର ପ୍ରତି ୨୦୦ ଲିଟର ପାଣିରେ ୨୦୦ ମି.ଲି. ଫେନ୍ ଭାଲାରେଟ୍‌କୁ ମିଶାଇ ସିଞ୍ଚନ କରାଯାଏ। ପତ୍ରପୋଡ଼ା ରୋଗ ଦେଖାଦେଲେ ୨୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଇଣ୍ଡୋଫିଲ୍ ଏମ୍-୪୫ କିମ୍ବା ୪୦୦ ଗ୍ରାମ୍ କରଜେଟ୍‌କୁ ମିଶାଇ ସିଞ୍ଚନ କରାଯାଏ। ଠିକିରିଆ ପୋକ ଦେଖାଦେଲେ ୨୫୦ କାଲଡାନ ବା ପାଦାନକୁ ୨୦୦ ଲିଟର ପାଣିରେ ମିଶାଇ ଜମିରେ ସିଞ୍ଚନ କରାଯାଏ। ଜୈବିକ ଖତ ଗଛମୂଳରେ ଦେଇପାରିବେ। ମାଟିର ଆର୍ଦ୍ରତା ଦେଖି ଜଳ ସେଚନ କରାଯାଏ। ଚାରା ଲଗାଇବାର ଦୁଇ ମାସ ମଧ୍ୟରେ ଫୁଲକୋବି ଅମଳ ହୋଇଥାଏ।

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପାଣିପାଗର ପୂର୍ବାନୁମାନକୁ ଲକ୍ଷ୍ୟ କରି ଚାଷୀଭାଇଙ୍କୁ ଫସଲରେ କୋଡ଼ାଖୋସା, ସାରପ୍ରୟୋଗ ଏବଂ କୀଟନାଶକ ଇତ୍ୟାଦିର ପ୍ରୟୋଗ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଉଛି।
- ଅମଳ ଉପଯୋଗୀ ପରିବାକୁ ଅମଳ କରି ଦିଅନ୍ତୁ। ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛ ଆଦିକୁ ବାଡ଼ି/ ଖୁଣ୍ଟ ସାହାଯ୍ୟରେ ଡେରା ଦେବାର ବ୍ୟବସ୍ଥା କରନ୍ତୁ।
- ଫସଲରେ ରୋଗ ଓ ପୋକର ସଂକ୍ରମଣକୁ ନିୟମିତ ନିରୀକ୍ଷଣ କରନ୍ତୁ।
- ପନିପରିବା ଫସଲରେ ଝାଉଁଳା ଓ ମୂଳ ପଚାରୋଗର ଲକ୍ଷଣ ଦେଖିଲେ ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁପି ମିଶାଇ ଗଛ ମୂଳ ଚାରିପାଖେ ଡ୍ରେଞ୍ଚିଂ କରନ୍ତୁ। ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା କରନ୍ତୁ।

କୃଷି ପାଣିପାଗ

# ବାଇଗଣ ଫସଲରେ ରୋଗପୋକ ନିୟନ୍ତ୍ରଣ

**ବର୍ଷାଦିନେ ବାଇଗଣ ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରି ଏହାର ନିରାକରଣ କରିବା ଆବଶ୍ୟକ।**

- ବାଇଗଣ ଫସଲରେ ମୂଳସଢ଼ା ରୋଗର ନିରାକରଣ ପାଇଁ କପ୍ପର ଅକ୍ସିକ୍ଲୋରାଇଡ ୫୦ଡବ୍ଲ୍ୟୁପି @ ୩ ଗ୍ରାମ ପ୍ରତି ଲିଟର ପିଛା ଏବଂ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୧୫ଗ୍ରାମକୁ ଏକ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରାଯାଏ।
- ଫଳବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ସ୍ପିନୋସ୍ୟାଡ ୪୫ଏସ୍‌ସିକୁ ୦.୫ମିଲି/ ଲିଟର ପାଣି ହିସାବରେ କିମ୍ବା ଇମାମେକ୍ଟିନ ବେଞ୍ଜୋଏଟ ୫ ଏସ୍‌ଜିକୁ ୦.୩ ଗ୍ରାମ୍ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ସେହିପରି ଅଷ୍ଟପଦୀ ପୋକର ନିୟନ୍ତ୍ରଣ ପାଇଁ ସ୍ପିରୋମେସିଫେନ୍ ୨୨.୯ ଏସ୍‌ସିକୁ ୦.୨ ମି.ଲି. / ଲିଟର କିମ୍ବା ପ୍ରୋପାରଗାଇଟ୍ ୫୭ଇସିକୁ ୨ମିଲି/ ଲିଟର ହିସାବରେ ସିଞ୍ଚନ କରାଯାଏ।
- ଧଳାମାଛିର ନିୟନ୍ତ୍ରଣ ପାଇଁ ଡାଇଫେନ୍ଥୁରିଅନ୍ ୫୦ ଡବ୍ଲୁପିକୁ ୧.୨୫ ଗ୍ରାମ୍ ପ୍ରତି ଲିଟର ପିଛା କିମ୍ବା ଫ୍ଲୋନିକାମିଡ୍ ୫୦ ଡବ୍ଲ୍ୟୁଜିକୁ ୦.୩ ମିଲି ପ୍ରତି ଲିଟର ହିସାବରେ ସିଞ୍ଚନ କରିବା ଏକାନ୍ତ ଆବଶ୍ୟକ।

# ମାଛ ଯାଆଁଳ ଚୟନରେ ସତର୍କତା



**ପୂର୍ବାପେକ୍ଷା ଲୋକଙ୍କର ଏବେ ମାଛଚାଷ ପ୍ରତି ଅଧିକ ଆଦର ବଢ଼ିଛି । ତେବେ ମାଛଚାଷ ପାଇଁ ଭଲ ଗୁଣବତ୍ତାର ଯାଆଁଳ ଚିହ୍ନିବା ଏକାନ୍ତ ଆବଶ୍ୟକ।**

ବୁଲାବିକାଳିଙ୍କଠାରୁ ଯାଆଁଳ ନକିଣି ସର୍ବଦା ନିର୍ଭରଯୋଗ୍ୟ ସରକାରୀ ଓ ବେସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ଭଲ ଗୁଣବତ୍ତା ଥିବା ଯାଆଁଳ କିଣିବା ଉଚିତ।

ସାଧାରଣତଃ ଛୋଟ ଯାଆଁଳ ଚିହ୍ନିବାରେ ସମସ୍ୟା ହୁଏ। ତେଣୁ ଏକ ଯବକାଚ ଦ୍ୱାରା ଦେଖିଲେ ଯାଆଁଳ ବଡ଼ ଦେଖାଯା'ନ୍ତି। ମାଛର ସଠିକ ପ୍ରଜାତି, ଶରୀରର ଡେଣା, ଲାଞ୍ଜ ଅକ୍ଷତ ଥିଲେ ଏହା ଭଲ ଯାଆଁଳ ବୋଲି ଜଣାଯାଏ। ଏହାଦ୍ୱାରା ରୋହି, ଭାକୁର, ମିରିକାଳି, ଜୟନ୍ତୀ ରୋହି ଆଦି ମାଛର ମିଶ୍ରିତ ପରିମାଣ ଜଣା ପଡ଼ିଥାଏ। ସେହିପରି ଯାଆଁଳଗୁଡ଼ିକ ସକ୍ରିୟ ଅଛନ୍ତି କି ନାହିଁ ତାହାକୁ ପରୀକ୍ଷା କରିବା ପାଇଁ ଏକ ପ୍ଲାଷ୍ଟିକ୍ ଟବ୍‌ରେ ଦୁଇବାଲ୍‌ଟି ପାଣି ନେଇ ସେଥିରେ ହଜାରେ ଯାଆଁଳ ଛାଡ଼ିବା ଉଚିତ। ଘଣ୍ଟାକଣ୍ଟା ଦିଗରେ ଭଉଁରୀ ସୃଷ୍ଟି କରିବା ଦ୍ୱାରା ଯାଆଁଳ ଯଦି ତା'ର ପ୍ରତିକୂଳ ଦିଗରେ ପହଁରନ୍ତି ତାହା ସକ୍ରିୟ ଯାଆଁଳ ହୋଇଥାନ୍ତି। ସ୍ରୋତର ମଝିରେ ମେଞ୍ଚା ମେଞ୍ଚା ହୋଇ ରହୁଥିବା ଯାଆଁଳ ଦୁର୍ବଳ ହୋଇଥାନ୍ତି।

ୟୁଏସ୍ ଓପନ ଟେନିସ

# ପ୍ରଥମ ରାଉଣ୍ଡରୁ ଜୋକୋଭିଚ୍ ବିଦା

ନ୍ୟୁୟର୍କ,୩୧।୮ (ଏଜେନ୍ସି)

ବିପର୍ଯ୍ୟୟ ଓ ଧମାକାଦାର ଖେଳରୁ ୨୦୨୬ର ଶେଷ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ ଆରମ୍ଭ ହୋଇଛି । ଏଥର ଯେପରି ସର୍ବାଧିକ ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରାଯାଇଛି, ଠିକ୍ ସେହିପରି ପୁରୁଷ ବିଭାଗରେ ବଡ଼ ବିପର୍ଯ୍ୟୟରୁ ଏହି ଟୁର୍ଣ୍ଣାମେଣ୍ଟ ଚମକ ଦେଖାଇଛି । ୨୪ଥରର ଗ୍ରାଣ୍ଡ ସ୍ଲାମ୍ ସିଙ୍ଗଲ୍ସ ଚାମ୍ପିଅନ ତଥା ୪ର୍ଥ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରୁ ବିଦା ହେବା ଏହି ଟୁର୍ଣ୍ଣାମେଣ୍ଟର ଧମାକାଦାର ଆରମ୍ଭ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁରୁଷ ବିଭାଗ ସିଙ୍ଗଲ୍ସ ଏକକ ରାଉଣ୍ଡରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନେ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଜୋକୋଭିଚ୍‌ଙ୍କୁ ୟୁଏସ୍ ଓପନର ପ୍ରଥମ ରାଉଣ୍ଡରୁ ବିଦା କରିଛନ୍ତି । ମାରିଆନୋ ଏହି ମ୍ୟାଚ୍‌କୁ ୩-୨ ବା ୭-୬ (୭/୫), ୫-୭, ୪-୬, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଥିଲେ । ଅତ୍ୟଧିକ ଗରମ ହେତୁ ୩୯ ବର୍ଷୀୟ ଜୋକୋଭିଚ୍ ତାଙ୍କ ଖେଳ ପ୍ରଦର୍ଶନ କରିବାରେ ଅସମର୍ଥ ହୋଇଥିଲେ ବୋଲି ମ୍ୟାଚ୍ ହାରିଯିବା ପରେ କହିଥିଲେ । ଏଠାରେ ସେ ଗତ ୧୯ଥର ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲାବେଳେ ପ୍ରଥମଥର ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି । ସେହିପରି ଯେ କୌଣସି ଗ୍ରାଣ୍ଡସ୍ଲାମ୍ ଟେନିସର





ପ୍ରଥମ ରାଉଣ୍ଡରୁ ସେ ୨୦୦୬ ପରେ ପ୍ରଥମଥର ପରାଜିତ ହୋଇଛନ୍ତି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ସେ ଖେଳରେ ଯେତେ କୁଶଳୀ ହୋଇଥାନ୍ତୁ ନା କାହିଁକି ଟପ୍ ଲେଭଲ ଟେନିସ ଖେଳିବାକୁ ତାଙ୍କ ଦେହ ଆଉ ଅନୁମତି ଦେଉନାହିଁ । ନିକଟରେ ଖେଳାଯାଇଥିବା ସିନସିନାଟି ଓପନରେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଆଉ ଜଣେ ଆର୍ଜେଣ୍ଟିନା ଖେଳାଳି ଥିଆଗୋ ତିରଣ୍ଟେଙ୍କ ନିକଟରୁ ପରାଜିତ ହୋଇଥିଲେ । ଉଭୟ ସିନସିନାଟି ଓ ନ୍ୟୁୟର୍କର ଅଧିକ ଗ୍ରୀଷ୍ମ ପ୍ରବାହକୁ ସେ ସହ୍ୟ କରି ପାରି ନ ଥିଲେ । ଅନେକଙ୍କ ଆଶା କରିଥିଲେ, ଏଥର ଜୋକୋଭିଚ୍ ୟୁଏସ୍ ଓପନ ଚାମ୍ପିଅନ ହେବା ସହ ଅଷ୍ଟ୍ରେଲିଆର ମାର୍ଗାରେଟ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ ବିଜୟକୁ ଅତିକ୍ରମ କରିପାରିବେ । ଏହାର ମୁଖ୍ୟ କାରଣ ହେଲା ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀ ତଥା ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଆଘାତ ଜନିତ କାରଣରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳୁ ନାହାନ୍ତି । ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ତଥା କାର୍ଲୋସ ଅଲକାରାଜ ଆଘାତ ସମସ୍ୟା ସହ ଲଢ଼େଇ କରି ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଯୋଗିତାମୂଳକ ଟେନିସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏଣୁ ତାଙ୍କୁ ହରାଇ ଟାଇଟଲ ଜିତିବା ଜୋକୋଭିଚ୍‌ଙ୍କ ପକ୍ଷେ ସହଜ ହେବ । କିନ୍ତୁ ତାହା ସମ୍ଭବ ହେଲା ନାହିଁ । ଗତ ୭ଟି ଗ୍ରାଣ୍ଡ ସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ୬ଥର ସେମିଫାଇନାଲ ଖେଳିଥିବା ଜୋକୋଭିଚ୍ ଯେ ପ୍ରଥମ ରାଉଣ୍ଡରୁ ବିଦା ହେବେ, ତାହା କେହି ଆଶା କରି ନ ଥିଲେ । ଏବେ କିନ୍ତୁ ଏହା ସତ୍ୟରେ ପରିଣତ ହୋଇଛି ଓ ପରାଜିତ ହେବା ପରେ ଜୋକୋଭିଚ୍ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ । ଏହି ପରାଜୟ ପରେ ଏବେ ଜୋକୋଭିଚ୍‌ଙ୍କ ଅବସର ନେଇ ଜୋର ଚର୍ଚ୍ଚ ଆରମ୍ଭ ହୋଇଯାଇଛି ।

ପୁରୁଷ ବିଭାଗ ପ୍ରଥମ ରାଉଣ୍ଡରେ ୭ମ ସିଡ୍ ଡାନିଲ ମେଦଭେଦେଭ୍, ୧୫ ନମ୍ବର ସିଡ୍ ଆଲେକଜାଣ୍ଡର ବୁବ୍‌ଲିକ୍, ୧୮ତମ ସିଡ୍ ଜିରି ଲେହେକା,୨୦ତମ ସିଡ୍ ଟମି ପଲ, ୨୬ତମ ସିଡ୍ ଆର୍ଥର ରିଣ୍ଡେରନେକ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି । ପ୍ରଥମ ଦିନ ଜୋକୋଭିଚ୍‌ଙ୍କ ସହ ୨୯ତମ ସିଡ୍ କାମେରନ ନୋରୀ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ।

## ପେଗୁଲା, ଭିଟୋଲିନାଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୩୧।୮ (ଏଜେନ୍ସି): ପୁରୁଷ ବିଭାଗ ସିଙ୍ଗଲ୍ସ ଭଳି ୨୦୨୬ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସର ପ୍ରଥମ ଦିନ ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ସେପରି କିଛି ବଡ଼ ବିପର୍ଯ୍ୟୟ ଘଟିନାହିଁ । ପ୍ରଥମ ରାଉଣ୍ଡରେ ତୃତୀୟ ସିଡ୍ ଜେସିକା ପେଗୁଲା ଓ ୯ମ ସିଡ୍ ଏଲିନା ଭିଟୋଲିନା ସହଜ ବିଜୟ ସହ ଟାଇଟଲ ଅଭିଯାନ ଆରମ୍ଭ କରିଛନ୍ତି । ସ୍ଥାନୀୟ ଖେଳାଳି ପେଗୁଲା ୬-୩, ୬-୨ରେ ଏଲିନା ଗାବ୍ରିଏଲା ରୁସେଙ୍କୁ ଏବଂ ୟୁକ୍ରେନ୍‌ର ଭିଟୋଲିନା ୬-୧, ୬-୨ ସିଧାସଳଖ ସେଟ୍‌ରେ ଆର୍ଜେଣ୍ଟିନାର ସୋଲାନା ସିଏରାଙ୍କୁ ପରାସ୍ତ କରିଛନ୍ତି । ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ୧୧ତମ ସିଡ ମାର୍ତ୍ତା କୋସ୍ଥ୍ୟୁକ୍, ୧୮ତମ ସିଡ୍ ଏକଟେରିନା ଆଲେକ୍‌ଜାଣ୍ଡ୍ରୋଭୋ, ୧୯ତମ ସିଡ୍ ଜଷ୍ଟିନ ପାଓଲିନି, ୩୧ତମ ସିଡ୍ ଲିଲା ଫର୍ଣ୍ଣାଣ୍ଡେଜ୍ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି ।



### ଭେନସଙ୍କ ୧୪ତମ ପରାଜୟ

ମହିଳା ବିଭାଗର ଅନ୍ୟ ଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ପୂର୍ବ ଚାମ୍ପିଅନ ଭେନସ ୱିଲିୟମ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି । ଏହା ଫଳରେ ସେ ପ୍ରତିଯୋଗିତାମୂଳକ ଟେନିସକୁ ଫେରିବା ପରେ କ୍ରମାଗତ ୧୪ତମ ପରାଜୟ ବରଣ କରିଛନ୍ତି । ଏଠାରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ନିଜ ଦେଶର ସୋଫିଆ କେନିନଙ୍କ ଠାରୁ ଭେନସ ୬-୨, ୭-୬ (୮/୬) ସେଟ୍‌ରେ ପରାଜିତ ହୋଇଥିଲେ । ଏହା ଫଳରେ ପ୍ରତିଯୋଗିତାମୂଳକ ଟେନିସକୁ ଫେରିବା ଲାଗି ୪୫ ବର୍ଷୀୟା ଭେନସ ଯେଉଁ ଉଦ୍ୟମ ଚଳାଇଛନ୍ତି, ସେଥିରେ ଗୋଟିକ ପରେ ଗୋଟିଏ ବାଧା ସୃଷ୍ଟି ହେବାରେ ଲାଗିଛି । ପ୍ରଥମ ରାଉଣ୍ଡରେ ଏକମାତ୍ର ସିଡେଡ ଖେଳାଳି ୨୭ ନମ୍ବର ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭା ପରାଜିତ ହୋଇଛନ୍ତି । ଉଜ୍‌ବେକିସ୍ତାନର କାମିଲିଆ ରାଖିମୋଭା ୭-୬ (୭/୪), ୬-୨ ସେଟ୍‌ରେ କ୍ରେଜିକୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

ମହିଳା ବିଭାଗର ଅନ୍ୟ ପ୍ରଥମ ରାଉଣ୍ଡ ମୁକାବିଲାରେ ନଂ-୧ ସିଡ୍ ଆରିନା ସାବାଲେଙ୍କା, ୭ମ ସିଡ୍ କାରୋଲିନା ମୁଚୋଭା, ୨୫ ନମ୍ବର ସିଡ ମାରୀ ବାଜୌକୋଭା ବିଜୟୀ ହୋଇଛନ୍ତି । ଅନ୍ୟ ପକ୍ଷରେ ୨୮ ନମ୍ବର ସିଡ ସାରା ବେଜ୍‌ଲେକ୍ ପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିନା ବୁକ୍‌ସାଙ୍କଠାରୁ ହାରିଛନ୍ତି ।


■ ଦୁଲୀପ ଟ୍ରଫି ସେମିଫାଇନାଲ

## ବୈଭବ ସୂର୍ଯ୍ୟବଂଶୀ ଶତକରୁ ବଞ୍ଚିତ

ବେଙ୍ଗାଲୁରୁ,୩୧।୮ (ଏଜେନ୍ସି): ଏଠାରେ ଚାଲିଥିବା କେନ୍ଦ୍ରାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫି ସେମିଫାଇନାଲରେ ପୂର୍ବାଞ୍ଚଳର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି । ଏହି ମ୍ୟାଚ୍‌ରେ ଇନିଂସ ଓପନ କରିଥିବା ସୂର୍ଯ୍ୟବଂଶୀ ୮୧ ବଲ୍‌ରୁ ୭ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୯୨ରନ୍ କରି ଆଉଟ ହେବାରୁ ସର୍ବକନିଷ୍ଠ ଖେଳାଳି ଭାବେ ଦୁଲୀପ୍ ଟ୍ରଫିରେ ଶତକ କରିପାରି ନାହାଁନ୍ତି । ସେ ଓ ଅଭିମନ୍ୟୁ ଈଶ୍ୱରନ ପ୍ରଥମ ୱିକେଟରେ ୧୬୧ ରନ୍ ଉଠାଇ ଏକ ମଡ଼ ଇନିଂସ ଲାଗି ଦୃଢ଼ ମୂଳଦୁଆ ପକାଇଥିଲେ । କିନ୍ତୁ ସୂର୍ଯ୍ୟବଂଶୀଙ୍କ ଆଉଟ ପରେ ପୂର୍ବାଞ୍ଚଳ ୧୦୫ରନ୍‌ରେ ୧୦ଟି ୱିକେଟ ହରାଇ ୨୬୬ ରନ୍‌ରେ ଅଲଆଉଟ ହେବା ସହ କେନ୍ଦ୍ରାଞ୍ଚଳର ପ୍ରଥମ ଇନିଂସ ସ୍କୋର ସହ ଟାଇ କରିଥିଲେ । କେନ୍ଦ୍ରାଞ୍ଚଳ ପକ୍ଷରୁ ବାମହାତୀ ସ୍ପିନର ହର୍ଷ ଦୁବେ ସର୍ବାଧିକ ୪ଟି, ଦୁଇ ଯୁବ ଫାଷ୍ଟ ବୋଲର ଆର୍ଯ୍ୟନ ପାଣ୍ଡେ ଓ ଯଶ ଠାକୁର ୩ଟି ଲେଖାଏଁ ୱିକେଟ ବାଣ୍ଟି ନେଇଥିଲେ । ୫ ଦିନ ଧରି ଖେଳାଯିବାକୁ ଥିବା ଏହି ସେମିଫାଇନାଲର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୪୫ରନ୍ କରିଛି । ପୂର୍ବାଞ୍ଚଳ ପକ୍ଷରୁ ମୁକେଶ କୁମାର ୨ଟି ଓ ମହମ୍ମଦ୍ ସାମି ଗୋଟିଏ ୱିକେଟ ପାଇଛନ୍ତି । ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରି କେନ୍ଦ୍ରାଞ୍ଚଳ ଏହି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଛି ।



### ତିଳକ ବର୍ମାଙ୍କ ଶତକ



ଏଠାରେ ଚାଲିଥିବା ଉତ୍ତରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳର ଅଧିନାୟକ ତିଳକ ବର୍ମା ଶତକ ହାସଲ କରିଛନ୍ତି । ସେ ୧୦୬ ରନ୍ କରି ଅପରାଜିତ ରହିବା ସହ ୬ଷ୍ଠ ୱିକେଟ ଯୋଡିରେ ଶ୍ରେୟାସ ଗୋପାଳଙ୍କ ସହ ୧୭୫ ରନ୍ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ । ଦଳ ୮୦ ରନ୍‌ରେ ପ୍ରଥମ ୫ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା । ଗୋପାଳ ୮୮ ରନ୍ କରି ଆଉଟ ହେବା ପରେ ଦକ୍ଷିଣାଞ୍ଚଳର ଆଉ ଏକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା । ତେବେ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୯ ୱିକେଟରେ ୨୮୫ ରନ୍ କରି ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ବିପକ୍ଷରେ ୯୦ ରନ୍‌ରେ ଆଗୁଆ ରହିଛି । ଉତ୍ତରାଞ୍ଚଳ ପକ୍ଷରୁ ଗୁରନୁର ବ୍ରାର ୪ଟି, ଅର୍ଶଦୀପ ସିଂହ ଓ ଅଂଶୁଲ କାମ୍ବୋଜ ୨ଟି ଲେଖାଏଁ ୱିକେଟ ପାଇଥିଲେ । ପ୍ରଥମ ଇନିଂସରେ ଉତ୍ତରାଞ୍ଚଳ ୧୯୫ ରନ୍ କରିଥିଲା ।

## ଶ୍ରୀଲଙ୍କାରେ ହେବନାହିଁ ମହିଳା ଚାମ୍ପିଅନ୍ସ ଟ୍ରଫି

ଦୁବାଇ, ୩୧।୮, (ଏଜେନ୍ସି): ଆଇସିସି ପକ୍ଷରୁ ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଶ୍ରୀଲଙ୍କାରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଶ୍ରୀଲଙ୍କା କ୍ରିକେଟ୍ ପରିଚାଳନାରେ ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଚାମ୍ପିଅନ୍ସ ଟ୍ରଫିକୁ ଶ୍ରୀଲଙ୍କାରୁ ପ୍ରତ୍ୟାହାର କରିନେଇଛି ଆଇସିସି । ଶ୍ରୀଲଙ୍କା କ୍ରିକେଟ୍ ବର୍ତ୍ତମାନ ସରକାରଙ୍କ ଦ୍ୱାରା ନିଯୁକ୍ତ ରୂପାନ୍ତରଣ କମିଟି ଦ୍ୱାରା ପରିଚାଳିତ ହେଉଛି । ଆଇସିସିର ନିୟମାନୁସାରେ, ରାଜନୈତିକ ଭାବେ ନିଯୁକ୍ତ କାମଚଳା ପ୍ରଶାସନ ଗ୍ରହଣୀୟ ନୁହେଁ । କମିଟି ଦାୟିତ୍ୱ ନେବା ପରଠାରୁ ଆଇସିସି ବୋର୍ଡ ବୈଠକରେ ଯୋଗଦେବା ପାଇଁ ଶ୍ରୀଲଙ୍କାର ପ୍ରତିନିଧିଙ୍କୁ ଆଇସିସି ବାରଣ କରିଛି । ମହିଳା ଚାମ୍ପିଅନ୍ସ ଟ୍ରଫି ପ୍ରତ୍ୟାହାର ହେବା ଦ୍ୱାରା କେବଳ ଶ୍ରୀଲଙ୍କା ବୋର୍ଡର ଆର୍ଥିକ କ୍ଷତି ହେବ ନାହିଁ; ବରଂ ଏହାର କ୍ରିକେଟ୍ ଉପରେ ପ୍ରଭାବ ମଧ୍ୟ ପଡ଼ିପାରେ । ପୂର୍ବରୁ ମଧ୍ୟ ସରକାର ଦେଶର କ୍ରିକେଟ୍ ବୋର୍ଡକୁ ଭାଙ୍ଗିବା ଯୋଗୁଁ ୨୦୨୪ରେ ଶ୍ରୀଲଙ୍କା ମଧ୍ୟ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ଆୟୋଜନ ଅଧିକାର ହରାଇଥିଲା । ୨୦୨୭ ଫେବୃଆରୀରେ ଏହି ଟ୍ରଫି ଆୟୋଜିତ ହୋଇଥାନ୍ତା । ଏବେ ଏହା ଭାରତ କିମ୍ବା ଅନ୍ୟ କେଉଁଠି ଆୟୋଜିତ ହେବ । ଏଥିରେ ବିଶ୍ୱର ଶ୍ରେଷ୍ଠ ୬ଟି ଦେଶ ଭାଗନେବେ । ଏହା ଫଳରେ ସପ୍ତମ ସ୍ଥାନରେ ଥିବା ଶ୍ରୀଲଙ୍କା ମଧ୍ୟ ଏହି ଟ୍ରଫି ଖେଳିବାରୁ ବଞ୍ଚିତ ହୋଇପାରେ ।

ଏସିଆ କପ୍ ମହିଳା କ୍ରିକେଟ

### ବାଂଲାର ବୃହତ୍ ବିଜୟ

ଦୁବାଇ,୩୧।୮ (ଏଜେନ୍ସି): ନାହିଦା ଅକତର (୩/୧୫) ଓ ମାରୁଫା ଅକତର (୨/୬)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ମହିଳା ଏସିଆ କପ୍ କ୍ରିକେଟର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୭୧ ରନ୍‌ରେ ଇଣ୍ଡୋନେସିଆକୁ ହରାଇ ବୃହତ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୮ ୱିକେଟରେ ୧୨୯ ରନ୍ କରିଥିଲା । ଦଳ ପକ୍ଷରୁ ଶୋଭନା ସର୍ବାଧିକ ୪୦ ଓ ଶୋର୍ଣ୍ଣା ଅପରାଜିତ ୩୧ ରନ୍ କରିଥିଲେ । ଜବାବରେ ଇଣ୍ଡୋନେସିଆ ୫୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଆସନ୍ତାକାଲି ପାକିସ୍ତାନ ଓ ଥାଇଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗତକାଲି ଥାଇଲାଣ୍ଡକୁ ୯୪ ରନ୍‌ରେ ହରାଇଥିବା ଭାରତ ତାହାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ହଂକଂ ସହ ସେପ୍ଟେମ୍ବର ୩ରେ ଖେଳିବ । ସେପ୍ଟେମ୍ବର ୫ରେ ଭାରତ-ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ୍ ମ୍ୟାଚ୍ ଖେଳାଯିବ । ସେପ୍ଟେମ୍ବର ୧୦ ଓ ୧୧ରେ ସେମିଫାଇନାଲ ଏବଂ ୧୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ

## ସିରିଆକୁ ହରାଇ ଭାରତର ଅଭିଯାନ ଆରମ୍ଭ

ତାଶକେଣ୍ଟ,୩୧।୮ (ଏଜେନ୍ସି): ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆନ୍ କପ୍ ୨୦୨୭ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଦମ୍‌ଦାର ଆରମ୍ଭ କରିଛି । ସୋମବାର ସ୍ଥାନୀୟ ଦୋସ୍ତଲିକ୍ ଷ୍ଟାଡିୟମ୍‌ରେ ଭାରତ ୧-୦ ଗୋଲ୍‌ରେ ସିରିଆକୁ ପରାସ୍ତ କରିଛି । ମ୍ୟାଚ୍‌ର ଅଧିକାଂଶ ସମୟ ଉଭୟ ଦଳ ଗୋଲ୍ ପାଇଁ ସଂଘର୍ଷ କରିଥିଲେ । ଶେଷରେ ୮୬ତମ ମିନିଟ୍‌ରେ ସିଙ୍ଗାମାୟୁମ୍ ଶାମିଙ୍କ ଗୋଲ୍ ଭାରତକୁ ନିର୍ଣ୍ଣାୟକ ଅଗ୍ରଣୀ ଦେଇଥିଲା । କଟ୍‌ବ୍ୟାକ୍‌ରୁ ଆସିଥିବା ବଲ୍‌କୁ ଶାମି ସଫଳତାର ସହ ଜାଲରେ ପହଞ୍ଚାଇଥିଲେ । କିଛି ସମୟ ପରେ ଭାରତ ଦ୍ୱିତୀୟ ଗୋଲ୍ କରିଥିବା ଭାବିଥିଲା । ଓମାଙ୍ଗ ଦୋଦୁମଙ୍କ ବାମପାଦିଆ କ୍ରସ୍‌କୁ ଗୁନ୍‌ଲେଇବା ୱାଙ୍ଗଖେଇରାକପାମ୍ ଜାଲରେ ପକାଇଥିଲେ । ତେବେ ଅଫ୍‌ସାଇଡ୍ ଯୋଗୁଁ ଗୋଲ୍‌ଟି ବାତିଲ ହୋଇଥିଲା । ଭାରତ ଓ ସିରିଆ ସହିତ ଗ୍ରୁପ୍ 'ବି'ରେ ବାଂଲାଦେଶ ଓ ଆୟୋଜକ ଉଜବେକିସ୍ତାନ ରହିଛନ୍ତି । ଭାରତର ପରବର୍ତ୍ତୀ ମ୍ୟାଚ୍ ଉଜବେକିସ୍ତାନ ବିପକ୍ଷରେ ହେବ । ମହେଶ ଗାୱଲିଙ୍କ ପ୍ରଶିକ୍ଷଣରେ ଖେଳୁଥିବା ଭାରତୀୟ ଦଳର ଲକ୍ଷ୍ୟ ହେଉଛି ୨୦୦୬ ପରେ ପ୍ରଥମ ଥର ପାଇଁ ଅଣ୍ଡର-୨୦ ଏସିଆନ୍ କପ୍‌ର ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିବା ।

ସେପ୍ଟେମ୍ବରରେ ଟେଲିଭିଜନରେ ଡେବ୍ୟୁ କରିବେ ରୋହିତ ଶର୍ମା

## ୧୯ରେ ହେବ ଶୋ'ର ଗ୍ରାଣ୍ଡ ପ୍ରିମିୟର

ମୁମ୍ବାଇ,୩୧।୮ (ଏଜେନ୍ସି): କ୍ରିକେଟ୍ ପଡ଼ିଆ ପରେ ଏବେ ମନୋରଞ୍ଜନ ଜଗତରେ ନୂଆ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି ଭାରତୀୟ କ୍ରିକେଟର୍ ରୋହିତ ଶର୍ମା । ସୋନି ପିକ୍‌ଚର୍ସ ନେଟୱର୍କସ୍ ଇଣ୍ଡିଆ ତାଙ୍କ ଟେଲିଭିଜନ୍ ଶୋ'ର ନାମ ଓ ପ୍ରସାରଣ ତାରିଖ ଘୋଷଣା କରିଛି । ରୋହିତଙ୍କ ନୂଆ ମନୋରଞ୍ଜନ କାର୍ଯ୍ୟକ୍ରମର ନାମ 'ଫ୍ୟାମିଲି ଫୁଲ୍ ହାଉସ୍ ୱିଥ୍ ରୋହିତ ଶର୍ମା' । ଏହି ପରିବାରଭିତ୍ତିକ ମନୋରଞ୍ଜନ ଶୋ'ର ଗ୍ରାଣ୍ଡ ପ୍ରିମିୟର ସେପ୍‌ଟେମ୍ବର ୧୯ରେ ହେବ । ପ୍ରକାଶିତ ପ୍ରମୋରେ ରୋହିତଙ୍କୁ ପ୍ରଶଂସକଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି । ପ୍ରଶଂସକମାନେ ତାଙ୍କୁ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା କିଛି ଲୋକପ୍ରିୟ କଥା ଓ ଅଭିବ୍ୟକ୍ତି ପୁଣିଥରେ କରିବାକୁ କହୁଛନ୍ତି । ଏହି ସମୟରେ ଗଳି କ୍ରିକେଟ୍‌କୁ ନେଇ ମଧ୍ୟ ଆଲୋଚନା ହେଉଛି ।

## ଆଂଶିକ ଦୃଷ୍ଟିବାଧିତ ଜାତୀୟ ଫୁଟବଲ୍‌ରେ ଓଡ଼ିଶା ରନର୍ସ-ଅପ୍



ଭୁବନେଶ୍ୱର,୩୧।୮ (ସମିସ): ଗ୍ୱାଲିୟର୍‌ରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ୍ ଚାମ୍ପିୟନସିପ୍‌ରେ ଓଡ଼ିଶା ରନର୍ସ-ଅପ୍ ହୋଇଛି । ସେମିଫାଇନାଲ୍‌ରେ ତାମିଲନାଡୁକୁ ୩-୦ରେ ହରାଇଥିବା ଓଡ଼ିଶା ଫାଇନାଲ୍‌ରେ କେରଳଠାରୁ ୦-୨ରେ ପରାସ୍ତ ହୋଇଛି । ଫଳରେ ଓଡ଼ିଶା ଟାଇଟଲ ହାସଲରୁ ବଞ୍ଚିତ ହୋଇଛି । ତେବେ ଏହି ଦମ୍‌ଦାର ପ୍ରଦର୍ଶନ ପାଇଁ ଜାତୀୟ ପ୍ରଶିକ୍ଷଣ ଶିବିରକୁ ଓଡ଼ିଶାର ରାମଦାସ ମୁର୍ମୁ, ପଙ୍କଜ ଭୁଏ, ମାଗତ ହେମ୍ବ୍ରମ ଓ ଲାଲ୍ ପ୍ରସାଦ ସୋରେନ୍ ଚୟନ ହୋଇଛନ୍ତି ।

## ଖାଲିପାଦରେ ମାରାଥନ୍ ଜିତିଲେ ୪୭ ବର୍ଷୀୟା ରମାବାଇ



ବିଡ୍,୩୧।୮ (ଏଜେନ୍ସି): ମହାରାଷ୍ଟ୍ରର ବିଡ୍ ଜିଲ୍ଲା ଅମ୍ବାଜୋଗାଇର ୪୭ ବର୍ଷୀୟା ରମାବାଇ ରଣବୀର ଶାଢ଼ି ପିନ୍ଧି ଓ ଖାଲିପାଦରେ ମାରାଥନ୍ ଜିତିଛନ୍ତି । ଖେଳ ଜୋତା ଓ ଟ୍ରାକ୍‌ସୁଟ୍ ପିନ୍ଧିଥିବା ଅନେକ ଯୁବ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ପ୍ରଥମ ହୋଇଛନ୍ତି । ଦୌଡ଼ ମଝିରେ ଚପଲ ବାରମ୍ବାର ଖସିଯିବାରୁ ରମାବାଇ ଚପଲ ହାତରେ ଧରି ଖାଲିପାଦରେ ଦୌଡ଼ିଥିଲେ । 'ଅମୃତ ଦୌଡ଼'ରେ ରମାବାଇଙ୍କ ଏହି ସଫଳତା ଦୃଢ଼ ଇଚ୍ଛାଶକ୍ତି ଓ ମାତୃତ୍ୱର ଏକ ପ୍ରେରଣାଦାୟକ ଉଦାହରଣ ପାଲଟିଛି । ପଥର ଓ ଖାଲି ରାସ୍ତାରେ ଖାଲିପାଦରେ ଦୌଡ଼ିବାର କଷ୍ଟ ସତ୍ତ୍ୱେ ଅଟକି ନ ଥିଲେ ।

ଓଡ଼ିଶା ଟି-୨୦ କ୍ରିକେଟ ଲିଗ୍-୨୦୨୭

## କଟକ ପାନ୍ଥର୍ସ ଟିମ୍‌କୁ କିଣିଲା ଭାରତ ମସଲା

କଟକ,୩୧।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୨୦ ତାରିଖରୁ ହେବାକୁ ଥିବା ଓଡ଼ିଶା ଟି-୨୦ କ୍ରିକେଟ ଲିଗ୍ 'ସିଏମ୍ ଟ୍ରଫି'ର ଦ୍ୱିତୀୟ ସଂସ୍କରଣରେ ଓସିଏକୁ ସହଯୋଗର ହାତ ବଢ଼ାଇଛି ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀ । ରାଜ୍ୟର କ୍ରିକେଟ ଖେଳାଳି ମାନଙ୍କୁ ଅଧିକ ଉତ୍ସାହିତ ଓ ସେମାନଙ୍କର ପ୍ରତିଭାକୁ ବିକଶିତ କରିବା ଲାଗି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା । ଗତ ବର୍ଷର ଡିଫେଣ୍ଡିଂ ଚମ୍ପିଆନ୍ କଟକ ପାନ୍ଥସ୍‌ର୍ ର ମାଲିକାନା ସତ୍ତ୍ୱ ହାସଲ କରିଛନ୍ତି । ଆସନ୍ତା ୬ ତାରିଖରେ ହେବାକୁ ଥିବା ଖେଳାଳି ନିଲାମ ପ୍ରକ୍ରିୟାରେ ସେ ନିଜେ ଉପସ୍ଥିତ ରହି ଚାରୋଟି ବର୍ଗର ସୁନାମ ଧନ୍ୟ କ୍ରିକେଟର ମାନଙ୍କୁ କଟକ ପାନ୍ଥର୍ସ ପାଇଁ ଚୟନ କରିବେ । ଏତଦ୍ ବ୍ୟତୀତ ଓସିଏ ନିର୍ଦ୍ଦେଶାବଳୀ ଅନୁସାରେ ସେ ନିଜର ଇଚ୍ଛାନୁଯାୟୀ ଯେ କୌଣସି କ୍ରିକେଟ୍ ଲୁକ୍କାୟିତ ପ୍ରତିଭାକୁ ମଧ୍ୟ ଚିହ୍ନଟ କରି ଦଳରେ ସାମିଲ କରି ପାରିବେ । ଫଳରେ କ୍ରିକେଟ୍ ଖେଳ ପ୍ରତି ଧ୍ୟାନ ଦେଇ ସୁଯୋଗ ପାଉନଥିବା ପ୍ରତିଭାଟି ଓସିଏର ଦୃଷ୍ଟି ଆକର୍ଷଣ କରିପାରିବ । ତେବେ ଚଳିତ ବର୍ଷ ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲସ୍‌ର୍ ,କେନ୍ଦୁଝରର ମାଇନର୍ସ, ସମ୍ବଲପୁର ୱାରିୟର୍ସ ଭଳି ଟିମ୍ ର ଦୁର୍ଦ୍ଧର୍ଷ ଖେଳାଳିମାନଙ୍କୁ ହରାଇ ତାଙ୍କ ଦଳ କଟକ ପାନ୍ଥର୍ସ ଚଳିତ ବର୍ଷ 'ସିଏମ ଟ୍ରଫି' ହାସଲ କରିବ ବୋଲି ଶ୍ରୀ ପଣ୍ଡା ଆଶା ରଖିଛନ୍ତି ।




## ଅନୀଲ ଓ ଧୀରାଜଙ୍କୁ ସରୋଜ ମହାସୁଆର ସମ୍ମାନ

ଭୁବନେଶ୍ୱର,୩୧।୮ (ସମିସ)

ରାଜ୍ୟର ଉଦୀୟମାନ କ୍ରିକେଟ ଖେଳାଳି ଅନୀଲ ପରିଡ଼ା ଓ କ୍ରିକେଟରରୁ ବିସିସିଆଇ ପ୍ୟାନେଲ ଅମ୍ପାୟାର ହୋଇଥିବା ଧୀରଜ ସିଂଙ୍କୁ ଚଳିତବର୍ଷର ସରୋଜ ମହାସୁଆର ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ଜଣେ ଦକ୍ଷ ଅମ୍ପାୟାର ଭାବେ ସୁନାମ ଅର୍ଜନ କରିଥିବା ଭୁବନେଶ୍ୱରର ସରୋଜ ମହାସୁଆର କଟକରୁ ମ୍ୟାଚ୍ ପରିଚାଳନା କରି ଘରକୁ ଫେରୁଥିଲାବେଳେ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ସ୍ମୃତିରେ ୨୧ ବର୍ଷ ଧରି ଏହି ସମ୍ମାନ ପ୍ରଦାନ କରାଯାଉଛି ବୋଲି ସରୋଜ ମହାସୁଆର ସ୍ମୃତି କମିଟିର ଆବାହକ ମନୋଜ ମହାପାତ୍ର ସୂଚନା ଦେଇଛନ୍ତି । ସେପ୍ଟେମ୍ବର ୬ ତାରିଖ ରବିବାର ଦିନ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ୍ ପଡ଼ିଆରେ ଉଭୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଆବାହକ ମହାପାତ୍ର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ଜୁନିଅର ବିଭାଗରେ ଓଡ଼ିଶାର ସମସ୍ତ ବିଭାଗରେ ଖେଳିଥିବା ଓ କିଛି ବିଭାଗରେ ନେତୃତ୍ୱ ନେଇଥିବା ଏହି ଜୁଭେନାଇଲ୍ ଅଲରାଉଣ୍ଡର ସିନିଅର ବିଭାଗରେ ମଧ୍ୟ ଡେବ୍ୟୁ କରିସାରିଛନ୍ତି । ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୯୯ ରନ୍ କରି ରଣଜୀ ଡେବ୍ୟୁ କରିଥିବା ଅନୀଲ ୪ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୮୪.୪୦ ହାରରେ ୪୨୨ ରନ୍ କରିଛନ୍ତି । ଏହା ମଧ୍ୟରେ ୩ଟି ଅର୍ଦ୍ଧଶତକ ଓ ନାଗାଲାଣ୍ଡ ବିପକ୍ଷରେ ଅପରାଜିତ ୧୧୮ ରନ୍‌ର ଗୋଟିଏ ଶତକ ରହିଛି ।





ଅନ୍ୟପକ୍ଷରେ ଓଡ଼ିଶା ସିନିଅର ଦଳ ପକ୍ଷରୁ ଏକ ଦଶନ୍ଧି ଧରି ଜଣେ ବାମହାତୀ ବୋଲର ଭାବେ ପ୍ରତିନିଧିତ୍ୱ କରିଥିବା ଧୀରାଜ ସିଂ ରାଜ୍ୟର ଚତୁର୍ଥ ବ୍ୟକ୍ତିଭାବେ ବିସିସିଆଇ ପ୍ୟାନେଲ ଅମ୍ପାୟାର ହେବାର ଯୋଗ୍ୟତା ଅର୍ଜନ କରିଛନ୍ତି । ୫୧ଟି ମ୍ୟାଚ୍‌ରୁ ୧୧୯ଟି ୱିକେଟ ନେଇଥିବା ଏହି ବୋଲର ଧୀରାଜ ୩ ବର୍ଷ ହେଲା ବିସିସିଆଇ ପ୍ୟାନେଲ ଅମ୍ପାୟାର ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇସାରିଛନ୍ତି । ୨୦୦୨ରେ ସରୋଜ ମହାସୁଆରଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଗଠିତ ସ୍ମୃତି କମିଟି ପକ୍ଷରୁ ୨୦୦୪ରୁ ଏହି ସମ୍ମାନ ପ୍ରଦାନ କରିଆସୁଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS